

'ଏକ ଚତୁର ନାର୍'ରେ ଦିବ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-55 ◆TUESDAY ◆19 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୫୫ ◆ମଙ୍ଗଳବାର ◆୧୯ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଗୁଜରାଟ୍‌ରେ ଦୁଇ କାର ମୁହାଁମୁହିଁ; ୮ ଜୀବନ୍ତ ଦଗ୍ଧ



■ **ସୁରେନ୍ଦ୍ରନଗର, ୧୮।୮(ଏଜେନ୍ସି):** ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ଜଣ ଲୋକ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ୱାଧୱାନ ତାଲୁକାର ଦେଦାଦାରା ଗାଁର ନିକଟସ୍ଥ ରାଜପଥରେ ରବିବାର ଅପରାହ୍ଣ ୩.୪୦ରେ ଏକ କାର ଓ ଏସ୍‌ୟୁଭି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାରରେ ନିଆଁ ଲାଗିଯାଇଥିଲା। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୨ ପିଲା ସାମିଲ ରହିଛନ୍ତି। କାରରେ ଥିବା ୮ ଜଣ ଲୋକ ବାହାରକୁ ବାହାରି ପାରି ନଥିଲେ ଓ ଜଳି ଯାଇଥିଲେ। ୭ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତଙ୍କୁ ହସ୍ପିଟାଲ ନିଆଯାଉଥିବା ବେଳେ ଜୀବନ ହରାଇଥିଲେ। ଧକ୍କା ହେବା ପରେ କାର ରାସ୍ତା କଡେ ଗଳି ପଡ଼ିଥିଲା ଓ ସେଥିରେ ନିଆଁ ଲାଗିଯାଇଥିଲା। ସବୁ ମୃତକ ସମ୍ପର୍କୀୟ ଥିଲେ ଓ କଚ୍ଛରୁ ସୁରେନ୍ଦ୍ର ନଗର ଯାଉଥିଲେ। ସୂଚନା ମିଳିବା ପରେ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ଜନ୍ମାଷ୍ଟମୀ ଶୋଭାଯାତ୍ରାରେ ଅଘଟଣ; ବିଦ୍ୟୁତ୍ ଆଘାତରେ ୫ ମୃତ



■ **ହାଇଦରାବାଦ୍, ୧୮।୮ (ଏଜେନ୍ସି):** ହାଇଦରାବାଦ୍‌ରେ ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ଏକ ବଡ଼ ଅଘଟଣ ଘଟିଛି। ଉତ୍ସବ ପାଳନ କରିବାକୁ ଏକ ରଥ ଯାଉଥିବା ବେଳେ ହାଇଭୋଲ୍ଟେଜ ବିଜୁଳି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ ଆଘାତରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ରାମନାଥପୁରର ଗୋକୁଳନଗରରେ ରବିବାର ବିଳମ୍ବିତ ରାତିରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ଯାଉଥିବା ବେଳେ ଏହି ଘଟଣା ଘଟିଥିଲା। ଶୋଭାଯାତ୍ରାରେ ରଥକୁ ଏକ ବାହନ ଉପରେ ନିଆଯାଉଥିଲା। ତେବେ ବାହନ ଖରାପ ହେବା କାରଣରୁ ଶ୍ରଦ୍ଧାଳୁ ରଥକୁ ଉଠାଇ ନେଉଥିଲେ। କିନ୍ତୁ କରେଣ୍ଟ ଲାଗିବା କାରଣରୁ ଶ୍ରଦ୍ଧାଳୁ ଦୂରକୁ ଛିଟ୍‌କି ପଡ଼ିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକ ଏପଟେ ସେପଟେ ଦୌଡିବାକୁ ଲାଗିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି। ପୀଡିତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା। ପରେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ୫ ଜଣ ଲୋକଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏହି ଘଟଣାରେ କେନ୍ଦ୍ର କୋଇଲା ଓ ଖଣିଜ ମନ୍ତ୍ରୀ ଜି କିଶନ ରେଡ୍ଡୀ ଶ୍ରୀନିବାସନଙ୍କ ସମେତ ୪ଜଣ ଆହତ ହୋଇଛନ୍ତି।

## ବିରୋଧୀ ଦଳଙ୍କ ଯୋଜନା

# ସିଇସିଙ୍କ ବିରୋଧରେ ଆଣିବେ ମହାଭିଯୋଗ

■ **ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି):** ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ଏବଂ 'ଭୋଟ ଚୋରି' ଅଭିଯୋଗକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ନିର୍ବାଚନ କମିସନ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ଉଠାଇଥିବା ଅଭିଯୋଗର ଯାଞ୍ଚ କରିବା ବଦଳରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସତ୍ୟପାଠ ଦାଖଲ କରିବା ଲାଗି କମିସନଙ୍କ ଆହ୍ୱାନ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଏଭଳି ଆଭିମୁଖ୍ୟରେ କ୍ଷୁବ୍ଧ ବିରୋଧୀ ଦଳ ତାଙ୍କ ବିରୋଧରେ ସଂସଦରେ ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯୋଜନା କରିଛନ୍ତି। ଆଜି ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍‌ର ସଂସଦୀୟ ଦଳ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ସତ୍ୟପାଠ ଦାଖଲ ପାଇଁ ଆହ୍ୱାନ ଦେଇ ଜ୍ଞାନେଶ କୁମାର ବିରୋଧୀ ଦଳ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଭଳି ବ୍ୟକ୍ତି ହାତରେ ନିର୍ବାଚନ କମିସନ ସୁରକ୍ଷିତ ନୁହେଁ ବୋଲି ଅଭିଯୋଗ କରି ସେମାନେ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ପ୍ରସ୍ତାବ ଆଣିବେ ବୋଲି ସୂଚନା ଦେଇଛନ୍ତି। ତେବେ ମୁଖ୍ୟ ନିର୍ବାଚନ କମିସନରଙ୍କୁ ହଟାଇବାକୁ ହେଲେ ସଂସଦର ଉଭୟ ଗୃହରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। କିନ୍ତୁ ବିରୋଧୀ ଦଳ ପାଖରେ ଏହି ସଂଖ୍ୟା ନଥିବାରୁ ଏହା କେବଳ ଏକ ଚାପ ରଣନୀତି ବୋଲି କୁହାଯାଉଛି।

ବିହାର ଭୋଟର ତାଲିକା ପ୍ରସଙ୍ଗରେ ସଂସଦର ଉଭୟ ଗୃହରେ ଆଜି ମଧ୍ୟ ଅଚଳାବସ୍ଥା ଜାରି ରହିଛି। ଆଜି ବିରୋଧୀ ଦଳ ପକ୍ଷରୁ ଏଠାରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନରଙ୍କର ଆଭିମୁଖ୍ୟର ତୀବ୍ର ସମାଲୋଚନା ▶ପୃଷ୍ଠା-୭



### ବଢ଼ୁଛି ଭୋଟର ଜାଲିଆତି ବିବାଦ

### ସଂସଦରେ ଅଚଳାବସ୍ଥା ଜାରି

## ୬୫ ଲକ୍ଷ ଭୋଟରଙ୍କ ନାମ ଜାରିକଲେ କମିସନ

■ **ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ବା ଏସ୍‌ଆଇଆର ପ୍ରକ୍ରିୟା ଉପରେ ବିରୋଧୀ ପ୍ରଶ୍ନ ଉଠାଇ ସଡ଼କରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏହି ପ୍ରକ୍ରିୟାକୁ ରଦ୍ଦ କରିବା ପାଇଁ ଦାବି କରୁଛନ୍ତି। ଏପରି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିର୍ବାଚନ କମିସନ ବିହାରର ଚିଠା ଭୋଟର ତାଲିକାରୁ ହଟା ଯାଇଥିବା ୬୫ ଲକ୍ଷ ନାମ ତାଲିକା ଜାରି କରିଛନ୍ତି। ଗତ ୧ ତାରିଖରେ ଇସି ଏହି ଚିଠା ତାଲିକା ଜାରି କରିଥିଲେ। ଏଥିରୁ ୬୫ ଲକ୍ଷଙ୍କ ନାମ ହଟାଇ ଦେଇଥିଲେ। ଏହାକୁ ନେଇ ବିରୋଧୀ ଦଳ ହଙ୍ଗାମା କରିବା ସହିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ସୁପ୍ରିମକୋର୍ଟ ହଟା ଯାଇଥିବା ନାମ ତାଲିକା ଜାରି କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ସକାଳେ ନିର୍ବାଚନ କମିସନ ୬୫ ଲକ୍ଷ ▶ପୃଷ୍ଠା-୭

# ଓଡ଼ିଶାରେ ଏସ୍‌ଆଇଆର୍ ଶୀଘ୍ର

## ୨୪ ବର୍ଷ ପରେ ହେବ ଭୋଟର ତାଲିକା ସଂଶୋଧନ

■ **ଭୁବନେଶ୍ୱର, ୧୮।୮ (ସମିସ):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର) ପ୍ରସଙ୍ଗରେ ସାରା ଦେଶ ହୁଲସ୍ଥୁଲ। ଏସ୍‌ଆଇଆର୍‌ରେ ଭୋଟର ସୂଚୀରୁ ୬୫ ଲକ୍ଷ ଭୋଟରଙ୍କୁ ବାଦ ଦେବା ପ୍ରସଙ୍ଗରେ ନିର୍ବାଚନ କମିଶନ ଓ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରସଙ୍ଗ ସଡ଼କରୁ ସଂସଦ ଓ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଦେଶର ଅନ୍ୟାନ୍ୟ ରାଜ୍ୟ ସହ ଖୁବ୍ ଶୀଘ୍ର ଓଡ଼ିଶାରେ ଏସ୍‌ଆଇଆର୍ ଅର୍ଥାତ୍ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ୍। ଶେଷଥର ପାଇଁ ୨୦୦୨ରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ହୋଇଥିଲା ଓ ୨୪ ବର୍ଷ ପରେ ପୁଣିଥରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ କରାଯିବ ବୋଲି ଶ୍ରୀ ଗୋପାଳନ କହିଛନ୍ତି।

ଆଜି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍‌ଆଇଆର୍‌ର ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନରେ ଅସଙ୍ଗତି ସମ୍ପର୍କରେ ଆଣିଥିବା ଅଭିଯୋଗର ଉତ୍ତର ଦିଆଯାଇଥିବା ଉଲ୍ଲେଖ କରି ଭୋଟ ଚୋରିକୁ ଏକ କାଳ୍ପନିକ ବିଷୟ ବୋଲି କହିଛନ୍ତି। ଗତ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରେ ୪୨ ଲକ୍ଷ ଭୋଟକୁ ନେଇ ମୁଖ୍ୟ ବିରୋଧୀଦଳ ବିଜେଡ଼ି ଜାତୀୟ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଥିଲା। ଏପରିକି ରାଜ୍ୟର ସମସ୍ତ ସଂସଦୀୟ କ୍ଷେତ୍ରରେ ଇଭିଏମରେ ପଡ଼ିଥିବା ଭୋଟ ସଂଖ୍ୟା ଅପେକ୍ଷା ଗଣତି ହୋଇଥିବା ଭୋଟ ସଂଖ୍ୟା ଅଧିକ ଥିବାର ତଥ୍ୟଭିତ୍ତିକ ପ୍ରମାଣ ବିଜେଡି ଦାଖଲ କରିଥିଲା। ସେହିପରି ସଂସଦୀୟ କ୍ଷେତ୍ରର ଭୋଟ ସଂଖ୍ୟା ଅପେକ୍ଷା ଏହା ମଧ୍ୟରେ ଆସୁଥିବା ବିଧାନସଭାର ସମୁଦାୟ ଭୋଟ ସଂଖ୍ୟା ମଧ୍ୟରେ ଉଲ୍ଲେଖନୀୟ ତାରତମ୍ୟ ଓ ନିର୍ବାଚନ ସମୟ ଶେଷ ହୋଇଯିବା ପରେ ୭ ପ୍ରତିଶତରୁ ୩୦ ପ୍ରତିଶତ ଭୋଟକୁ ନେଇ ବିଜେଡି ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଫର୍ମ ୧୭-ସି ପ୍ରଦାନ ନ ▶ପୃଷ୍ଠା-୭

### ରାଜନୈତିକ ଦଳ ଏଜେଣ୍ଟଙ୍କୁ ଦିଆଯାଇଛି ୧୭-ସି ଫର୍ମ

# ନବୀନ ସୁସ୍ଥ; କ୍ୟାବିନକୁ ସ୍ଥାନାନ୍ତର



■ **ଭୁବନେଶ୍ୱର, ୧୮।୮ (ସମିସ):** ଡିହାଇଡ୍ରେସନ୍ ଯୋଗୁଁ ଚିକିତ୍ସା ନିମନ୍ତେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏବେ ସୁସ୍ଥ। ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟିଛି ଓ ତାଙ୍କୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ମେଡିକାଲ ବୁଲେଟିନ୍‌ରେ ସୂଚନା ଦେଇଛନ୍ତି। ଡାକ୍ତରମାନଙ୍କ ପର୍ଯ୍ୟବେକ୍ଷଣରେ କିଛି ସମୟ ରହିବା ପରେ ବାସଭବନକୁ ଫେରିବେ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି।

ଅପରପକ୍ଷରେ ନିଜେ ଶ୍ରୀ ପଟ୍ଟନାୟକ ନିଜ ସୁସ୍ଥତାର ସୂଚନା ରାଜ୍ୟବାସୀଙ୍କୁ ଦେଇଛନ୍ତି। ହସ୍ପିଟାଲ୍‌ରୁ ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ତାଙ୍କର ଅସୁସ୍ଥତାଜନିତ ସୂଚନା ପାଇ ଶୁଭକାମନା ଜଣାଇଥିବା ସମସ୍ତଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି ଓ ଦେଖା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନବୀନ ନିବାସରେ ତାଙ୍କୁ ଦେଖା କରିବାକୁ ଅନୁରୋଧ କରିଛନ୍ତି। ଡାକ୍ତରମାନେ ତାଙ୍କର ବହୁତ ଭଲ ଚିକିତ୍ସା କରୁଛନ୍ତି ବୋଲି ନବୀନ ଭିଡ଼ିଓବାର୍ତ୍ତାରେ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡିହାଇଡ୍ରେସନ୍ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ରବିବାର ସନ୍ଧ୍ୟା ୫ ଟା ୧୫ରେ ନବୀନଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କିଛି ସମୟର ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ଓ ରାତିରେ ଭିଡ଼ିଓ ବାର୍ତ୍ତାରେ ସେ ସୁସ୍ଥ ହେଉଥିବା ସୂଚନା ଦେଇଥିଲେ। ଗୋଟିଏ ଦିନର ଚିକିତ୍ସା ପରେ ସେ ଏବେ ସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କର ଅସୁସ୍ଥତା ଖବର ପାଇ ଦଳମତ ନିର୍ବିଶେଷରେ ବହୁ ରାଜନୈତିକ ବ୍ୟକ୍ତି, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ସହ ସାଧାରଣ ଲୋକ ଡ଼ାକ୍ତରଖାନାରେ ପହଞ୍ଚି ତାଙ୍କର ଆରୋଗ୍ୟ କାମନା କରିଛନ୍ତି।

### ଭେଟିବାକୁ ଚାହୁଁଥିଲେ ନବୀନ ନିବାସକୁ ନିମନ୍ତ୍ରଣ

# ନବୀନଙ୍କୁ ଫୋନ୍ କଲେ ରାଜନାଥ

## ସ୍ୱାସ୍ଥ୍ୟାବସ୍ଥା ପଚାରି ଆଶୁ ଆରୋଗ୍ୟ କାମନା କଲେ

■ **ଭୁବନେଶ୍ୱର, ୧୮।୮ (ସମିସ):** ଡାକ୍ତରଖାନାରେ ଚିକିତ୍ସାଧୀନ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଏହି ଅବସରରେ ସେ ଏନଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ୍‌ଙ୍କୁ ସମର୍ଥନ ଦେବାକୁ ନବୀନଙ୍କୁ ଅନୁରୋଧ କରିଥିବା ମଧ୍ୟ ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ନବୀନ କ'ଣ କହିଛନ୍ତି ସେ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ି ନାହିଁ।

ମହାରାଷ୍ଟ୍ର ରାଜ୍ୟପାଳ ତଥା ବିଜେପି ନେତା ସିପି ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରବିବାର ନିଜର ପ୍ରାର୍ଥୀ ଭାବେ ଘୋଷଣା କରିଛି। ଏନଡିଏର ପ୍ରାର୍ଥୀ ଯେପରି ବିନା ନିର୍ବାଚନରେ ସର୍ବସମ୍ମତକ୍ରମେ ନିର୍ବାଚିତ ହେବେ, ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ଦଳର ବରିଷ୍ଠ ନେତା ରାଜନାଥ ସିଂଙ୍କୁ ବିଭିନ୍ନ ରାଜନୈତିକ ଦଳ ସହ ଯୋଗାଯୋଗ କରିବାକୁ ବିଜେପି ଦାୟିତ୍ୱ ପ୍ରଦାନ କରିଛି। ଏହି କ୍ରମରେ ରାଜନାଥ ଆଜି ନବୀନଙ୍କ ସହ ଆଲୋଚନା କରି ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ଅନୁରୋଧ କରିଛନ୍ତି।



### ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ପାଇଁ ଲୋଡ଼ିଲେ ସହଯୋଗ

## ସମ୍ବଲପୁରରେ ପୁଣି ଲଜ୍ଜା!

# ଶୌଚ ପାଇଁ ଯାଇଥିବା ନାବାଳିକାଙ୍କୁ ଗଣଦୁଷ୍କର୍ମ

■ **ସମ୍ବଲପୁର, ୧୮।୮ (ସମିସ):** ସମ୍ବଲପୁରରେ ପୁଣି ଲଜ୍ଜା। ଯୁଯୋମୁରା ଥାନା ଅଞ୍ଚଳରେ ଜଣେ ନାବାଳିକାକୁ ଗଣଦୁଷ୍କର୍ମ କରାଯିବା ଭଳି ଏକ ଆପରାଧିକ ଘଟଣା ଘଟିଛି। ନାବାଳିକାଜଣଙ୍କ ଶୌଚ ହେବାକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାକୁ ଟେକିନେଇ ଗଣଦୁଷ୍କର୍ମ କରିଛନ୍ତି। ଏହି ଘଟଣାରେ ପୁଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ସହ ୨ ନାବାଳକଙ୍କୁ ଧରିଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସେମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ମୁଖ୍ୟ ଅଭିଯୁକ୍ତଜଣଙ୍କ ହେଲା, ଯୁଯୋମୁରା ଥାନା ଝାଙ୍କରପାଲି ପଞ୍ଚାୟତର ସୁଶାନ୍ତ ମିର୍ଦ୍ଧା(୨୧)। ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ସେହିପରି, ଧରାପଡ଼ିଥିବା ୨ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ଉପସ୍ଥାପନ କରାଯାଇଛି। ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ପୁଲିସ୍ ସୂଚନାନୁଯାୟୀ, ଯୁଯୋମୁରା ବ୍ଲକ୍ ଅଞ୍ଚଳରେ ପୀଡ଼ିତା ୧୪ ବର୍ଷୀୟା ନାବାଳିକା ସପରିବାରେ ରୁହନ୍ତି। ନାବାଳିକାଜଣଙ୍କ ନବମ ଶ୍ରେଣୀ ଛାତ୍ରୀ। ରବିବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସେ ପଡ଼ା ନିକଟସ୍ଥ ନାଳକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ତାଙ୍କୁ ୫ଜଣ ଅଭିଯୁକ୍ତ ନିକଟସ୍ଥ ଏକ ସ୍ଥାନକୁ ନେଇ ଗଣଦୁଷ୍କର୍ମ କରିଥିଲେ। ପରେ ସେଠାରୁ ଫେରାର୍ ହୋଇଯାଇଥିଲେ। ନାବାଳିକାଜଣଙ୍କ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ଯୁଯୋମୁରା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଓ ପୀଡ଼ିତାଙ୍କ ବୟାନ ଆଧାରରେ ପୁଲିସ ନମ୍ବର ୧୭୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରେଢ଼ାଖୋଲ ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ପୁଲିସ ବିଳମ୍ବିତ ରାତିରେ ମୁଖ୍ୟ ଅଭିଯୁକ୍ତ ସହ ମୋଟ ୩ ଜଣଙ୍କୁ ଧରାଯାଇଥିଲା। ସେମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସୁଶାନ୍ତ ମିର୍ଦ୍ଧା ସହ ଅନ୍ୟ ୨ ନାବାଳକ ରହିଛନ୍ତି। ତେବେ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚଢ଼ଉ ଜାରି ରଖିଛି। ଏସ୍‌ପି ଶ୍ରୀ ଭାମୁ କହିଛନ୍ତି, ଏହା ଏକ ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ପୁଲିସ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଚାର୍ଜସିଟ୍ ଦାଖଲ ପୂର୍ବକ ଅଭିଯୁକ୍ତମାନଙ୍କ ବିରୋଧରେ ପୁଲିସ ଦୃଢ଼ ପ୍ରମାଣ ଉପସ୍ଥାପନ କରିବାକୁ ଉଦ୍ୟମ କରିବ ବୋଲି ସେ ସୂଚନା ଦେଇଛନ୍ତି।

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ନାବାଳକ ଅଟକ

### ଫେରାର୍ ୨ ଅଭିଯୁକ୍ତଙ୍କୁ ଖୋଜୁଛି ପୁଲିସ୍

## ଔଷଧ ନିଗମର ନିଷ୍ପତ୍ତିକୁ ନେଇ ସାଧାରଣରେ ସନ୍ଦେହ

# ଦାଗୀ ସଂସ୍ଥାକୁ ଅନୁଗ୍ରହ

■ **ଭୁବନେଶ୍ୱର, ୧୮।୮ (ସମିସ):** ଟ୍ରାକ୍ ରେକର୍ଡ ଭଲ ନ ଥିବା ଏକ ସଂସ୍ଥା ସହ ଚୁକ୍ତି ଅବଧି ବଢ଼ାଇ ପୁଣି ଥରେ ବିବାଦ ଘେରକୁ ଆସିଛି ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍)। ରାଜ୍ୟର ସମସ୍ତ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡିକର ବାୟୋମେଡିକାଲ ଉପକରଣ ମରାମତି ପାଇଁ ହୋଇଥିବା ଟେଣ୍ଡରକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଚେନ୍ନାଇର କେଟିପିଏଲ୍ ସଂସ୍ଥାର ଅବଧି ୬ ମାସ ବୃଦ୍ଧିକୁ ନେଇ ପୁଣି ଓଏସ୍‌ଏମ୍‌ସିଏଲ୍‌କୁ କାଠଗଡ଼ାରେ ଠିଆ କରିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଖରାପ ସେବା କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ଯେଉଁ ସଂସ୍ଥା ସହ ଚୁକ୍ତି ବାତିଲ କରୁଛି, ସେହି ସଂସ୍ଥାର ଚୁକ୍ତି ଅବଧିକୁ ଓଡ଼ିଶା ସରକାର ବଢ଼ାଇ ଚାଲିବା ସ୍ୱାଭାବିକ ସନ୍ଦେହ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଉତ୍ତରାଖଣ୍ଡ ସରକାର କେଟିପିଏଲ ସହ ଚୁକ୍ତିକୁ ଗତ ନଭେମ୍ବର ମାସରେ ବାତିଲ୍ କରିଛନ୍ତି। ସେହିପରି ରାଜସ୍ଥାନ ମେଡିକାଲ ସର୍ଭିସ କର୍ପୋରେସନ ଲିମିଟେଡ ମଧ୍ୟ ▶ପୃଷ୍ଠା-୭

### ଉତ୍ତରାଖଣ୍ଡ, ରାଜସ୍ଥାନରେ ନିଆଯାଇଛି କାର୍ଯ୍ୟାନୁଷ୍ଠାନ

### ରାଜ୍ୟରେ କାମ କରୁନାହିଁ ୨୦ ପ୍ରତିଶତ ଉପକରଣ

## ବରଗଡ଼ରେ ବିଜେଡିର ବିଶାଳ ଚାଷୀ ସମାବେଶ

# ରାଜରାସ୍ତାରେ ଚାଷୀଙ୍କ ରଣହୁଙ୍କାର

■ **ବରଗଡ଼, ୧୮।୮ (ସମିସ):** ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଆଜି ବରଗଡ଼ରେ ବିଜେଡି ପକ୍ଷରୁ ବିଶାଳ ଚାଷୀ ସମାବେଶ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରଶାସନର ତମାମ ବାଧା ସତ୍ତ୍ୱେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ସହ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଗର୍ଜନ କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସହ ହଜାରହଜାର ଚାଷୀ ଓ ବିଜେଡିନେତା ଓ କର୍ମୀ ସ୍ଥାନୀୟ ଗଣେଶରାମ ଭବନରୁ ବିଶାଳ ପଟୁଆରରେ ବାହାରି ଥାନା ଛକ ଓ କଚେରି ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବା ପରେ ସ୍ଥାନୀୟ ଗାନ୍ଧୀଛକରେ ପ୍ରତିବାଦ ସଭା କରାଯାଇଥିଲା। ସେଥିରେ ବିଜେଡି ନେତା ଓ ଚାଷୀମାନେ ଡବଲ୍-ଇଞ୍ଜିନ୍ ସରକାରର ଚାଷୀ ବିରୋଧୀ, ଚାଷୀ ଦମନକାରୀ ନୀତି ଉପରେ ପ୍ରବଳ ବର୍ଷିଥିଲେ। ଜଟିଳ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳୀ କରିବା, ପଞ୍ଜୀକରଣ ଅବଧି ବୃଦ୍ଧି କରିବା, ବିଫଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କମ୍ପାନୀମାନଙ୍କୁ ଲାଭ ଦେଇ ଚାଷୀଙ୍କୁ ଲୁଟ କରା ନଯାଉ, ଧାନ ବିକ୍ରିରେ କଟନିଛଟନି ଓ ଦଲାଲରାଜ୍ ବନ୍ଦ କରିବା, ଅଦିନିଆ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀଙ୍କୁ ଇନ୍‌ପୁଟ୍ ସବସିଡି ତୁରନ୍ତ ପ୍ରଦାନ, ଲକ୍ଷଲକ୍ଷ ନାମମାତ୍ର ଚାଷୀ, ▶ପୃଷ୍ଠା-୭



### ସ୍ୱତଃପ୍ରବୃତ୍ତ ଭାବେ ଯୋଗଦେଲେ ହଜାରହଜାର ଚାଷୀ

### ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଦେଲେ ଦାବିପତ୍ର

# ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

**ଆଜି ଆସିଥିଲେ**

## ସଂଗ୍ରାମୀ ସରଳା



ବିଂଶ ଶତାବ୍ଦୀରେ ଓଡ଼ିଶାର ଯେଉଁ କେତେଜଣ ମହୀୟସୀ ମହିଳା ସ୍ୱାଧୀନତା ଆନ୍ଦୋଳନ ଓ ସାହିତ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ ଆମ ସମାଜକୁ ଦିଗ୍‌ଦର୍ଶନ ଦେବା ସହ ନାରୀସମାଜକୁ ଉପରକୁ ଉଠାଇବା ପାଇଁ ଅହରହ ଉଦ୍ୟମ କରିଥିଲେ, ତନ୍ମଧ୍ୟରେ ସରଳା ଦେବୀ ଥିଲେ ଅନ୍ୟତମ । ୧୯୦୪ ମସିହା ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ନରିଲୋ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ପିଲାବେଳୁ ସରଳା ଥିଲେ ଶାନ୍ତ, ସରଳ, ଦୃଢ଼ମନା ଓ ସ୍ପଷ୍ଟବାଦିନୀ । ଆଗରୁ ଚଳି ଆସୁଥିବା ପାରମ୍ପରିକ ଜୀବନଶୈଳୀ ଅପେକ୍ଷା ସେ ନିଜ ସହଜତାକୁ ନେଇ ଚଳିବାକୁ ବେଶୀ ପସନ୍ଦ କରୁଥିଲେ । ସେ ମୁଣ୍ଡରେ ଲୁଗା ଦେଉ ନ ଥିଲେ ଓ ଛୁଆଁ ଅଛୁଆଁ ଭେଦଭାବକୁ ପସନ୍ଦ କରୁ ନ ଥିଲେ । ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏଁ ପାଠ ପଢ଼ିଥିଲେ । ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା । ୧୪ ବର୍ଷ ବୟସରେ ସେ ଜଣେ ଜମିଦାରଙ୍କ ପୁତ୍ର ଭାଗିରଥୀ ମହାପାତ୍ରଙ୍କୁ ବିବାହ କରିଥିଲେ । ସ୍ୱାମୀ ଭାଗୀରଥୀ ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ । ୧୫ ବର୍ଷ ବୟସରେ ସେ କୁଳବଧୂ ପରଦା ଆଡ଼େଇ ପଦାକୁ ବାହରିଥିଲେ । ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ପ୍ରତିବାଦ ଶୋଭାଯାତ୍ରାରେ ସରଳା ନିଜକୁ ସାମିଲ କରିଥିଲେ । ଏଥିରେ ତାଙ୍କ ସ୍ୱାମୀ ତାଙ୍କୁ ପୂର୍ଣ୍ଣ ସମର୍ଥନ କରିଥିଲେ । ଗାନ୍ଧିଜୀଙ୍କର ଓଡ଼ିଶା ଗସ୍ତ ସମୟରେ ତାଙ୍କର ଅହିଂସା ନୀତି ପ୍ରତି ସରଳା ଆକୃଷ୍ଟ ହୋଇଥିଲେ । ଗାନ୍ଧିଜୀଙ୍କ ହିନ୍ଦୀ ଭାଷଣକୁ ସେ ଓଡ଼ିଆରେ ଭାଷାନ୍ତର କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଏହି ସଭାରେ ସେ ନିଜର ସମସ୍ତ ଅଳଙ୍କାରକୁ ସ୍ୱରାଜ ପାଣ୍ଠିକୁ ଦାନ କଲେ ଓ ଜୀବନରେ କେବେ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା ନେଲେ । ଓଡ଼ିଶାର ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ନାରୀ ନେତ୍ରୀଙ୍କ ମଧ୍ୟରେ ସରଳା ଥିଲେ ଅଗ୍ରଗଣ୍ୟା । ଇଞ୍ଚୁଡ଼ିଠାରେ ହୋଇଥିବା ଲବଣ ସତ୍ୟାଗ୍ରହରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ନାରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ଜାତୀୟତା ଭାବର ଉଦ୍ରେକ ପାଇଁ ସେ ଓଡ଼ିଶାର ବିଭିନ୍ନ ଅଞ୍ଚଳ ବୁଲି ବୁଲି ସେମାନଙ୍କୁ ଉଦ୍‌ବୋଧନ ଦେଉଥିଲେ । ସେ ଥିଲେ ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟିକା । ବିଧାନସଭାରେ ନାରୀ ଶିକ୍ଷା, ବାଲ୍ୟ ବିବାହ ଆଇନ ସଂଶୋଧନ, ପୋଇଲି ପ୍ରଥା ଉଚ୍ଛେଦ ବିଧାନସଭାରେ ବିଲ୍ ଆଗତ କରି ସଫଳ ହୋଇଥିଲେ । ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ଗ୍ରହଣ କରିବାର ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା । ସେ ବିଧାନସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ସାହିତ୍ୟର ବିଭିନ୍ନ ବିଭାଗ ଗଳ୍ପ, କବିତା, ଅନୁବାଦ, ଜୀବନୀ ପ୍ରବନ୍ଧରେ ସେ ଲେଖନୀ ଚାଳନା କରିଛନ୍ତି । ୧୯୮୬ ମସିହା ଅକ୍ଟୋବର ୪ରେ ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା ।

## ଆଜିର ଇତିହାସ

- ୧୯୧୯ - ଆଫଗାନିସ୍ତାନ ବ୍ରିଟେନଠାରୁ ସ୍ୱାଧୀନ ହେଲା ।
- ୧୯୪୯ - ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ହେଲା ।
- ୧୯୭୩- ଫ୍ରାନ୍ସ ପରମାଣୁ ପରୀକ୍ଷା କଲା ।
- ୧୯୭୮ - ଇରାନ୍‌ର ଏକ ସିନେମା ହଲ୍‌ରେ ନିଆଁ ଲାଗିବାରୁ ୪୭୭ ଜଣଙ୍କ ମୃତ୍ୟୁ ।
- ୨୦୦୯ - ଇରାକ୍‌ରେ ସିରିଜ୍ ବୋମା ବିସ୍ଫୋରଣ ଯୋଗୁଁ ୧୦୧ ଜଣ ଲୋକଙ୍କ ପ୍ରାଣହାନି ।

## ବିଶ୍ୱ ମାନବତା ଦିବସ



ମାନବିକତା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ଯୋଗୁ ମାନବ ସମାଜ ତିଷ୍ଠି ରହିଛି । ଜଣେ ବ୍ୟକ୍ତି ନିର୍ଭିକରେ ରହିବା ପାଇଁ ଆଉ ଜଣଙ୍କର ମାନବିକତା ଲୋଡ଼ା । ମାନବିକତା ହିଁ ସମାଜରେ ସଂସ୍କାର ଆଣେ । ତେଣୁ ଏହି ମାନବିକତାକୁ ଜୀବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ବା 'ୱାର୍ଲ୍ଡ ହ୍ୟୁମାନିଟାରିଆନ୍ ଡେ' ଭାବେ ପାଳନ କରାଯାଉଛି । ୨୦୦୩ ଅଗଷ୍ଟ ମାସ ୧୯ ତାରିଖରେ ଇରାକ୍‌ର ରାଜଧାନୀ ବାଗଦାଦ୍‌ରେ ବିଭିନ୍ନ ଦେଶର ମୋଟ ୨୧ ଜଣ ମାନବାଧିକାର କର୍ମୀ ପ୍ରାଣ ହରାଇଥିଲେ । ମୃତକଙ୍କ ମଧ୍ୟରେ ଜାତିସଂଘର ସ୍ୱତନ୍ତ୍ର ମହାସଚିବ ସର୍ଗିଓ ଭିଏରା ଡି ମିଲୋ ଥିଲେ । ଏହି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାର ଠିକ୍ ପାଞ୍ଚ ବର୍ଷ ପରେ ଜାତିସଂଘର ସାଧାରଣ ପରିଷଦ ଅଗଷ୍ଟ ୧୯ ତାରିଖକୁ ବିଶ୍ୱ ମାନବତା ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲା । ମିଳିତ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ ଜରିଆରେ ସମସ୍ତଙ୍କୁ ଏକାଠି କରିବାର ଉଦ୍ୟମ ଜାରି ରଖିଛି । ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି, ସଂକଟ ପ୍ରଭାବିତ ଲୋକଙ୍କର ଜୀବନଧାରଣ, କଲ୍ୟାଣ ଓ ସମ୍ମାନକୁ ସମର୍ଥନ କରିବା ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ଲୋକଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରାଇବା । ମଣିଷ ଯେତେଯେତେ ପ୍ରଗତି ଆଡକୁ ମାଡ଼ିଚାଲିଛି ସେତେସେତେ ସେ ମାନବିକତାଠାରୁ ଦୂରେଇ ଯାଉଛି । ଆଜିକାଲି ଲୋକେ ଅଜଣା ଲୋକଙ୍କୁ ସାହାଯ୍ୟ କରିବା ଅପେକ୍ଷା ତ ଦୂର କଥା ନିଜ ରକ୍ତ ସମ୍ପର୍କୀୟଙ୍କୁ ସାହାଯ୍ୟ ସହାନୁଭୂତି ଯୋଗାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି । ଗୋଟିଏ ଦେଶ ମାନବିକତା ଭୁଲି ଅନ୍ୟ ଦେଶ ସହିତ ଯୁଦ୍ଧ କରୁଛି । ସେହିଭଳି ନିଜ ଦେଶରୁ ପ୍ରାଣ ଭୟରେ ପଳାଇ ଆସି ଅନ୍ୟ ଦେଶରେ ଆଶ୍ରୟ ନେଇଥିବା ଶରଣାର୍ଥୀମାନଙ୍କୁ ଅକଥନୀୟ ନିର୍ଯାତନା ଦେଇ ତଡ଼ିଦେବା ଘଟଣା ବିଶ୍ୱରେ ମାନବିକତା ହଜିଗଲାଣି ବୋଲି ହୃଦୟଙ୍ଗମ ହୁଏ । ତଥାପି ମରିନାହିଁ ମାନବିକତା । କିଛି ହାତଗଣତି ଲୋକ ଏହାକୁ ବଞ୍ଚାଇ ରଖିଛନ୍ତି । ବିଶ୍ୱ ମାନବତା ଦିବସ ପାଳନ କରିବାର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ମାନବତା ମୂଲ୍ୟବୋଧର ବିକାଶ କରିବା ସହ ଲୋକେ ପରସ୍ପରକୁ ବିପଦଆପଦରେ କିପରି ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିବେ ସେ ଦିଗପ୍ରତି ଅବଗତ କରାଇବା । ତେବେ ବିଶ୍ୱଶାନ୍ତି ତଥା ମାନବତାର ପ୍ରଚାର ପ୍ରସାର କରୁଥିବା କର୍ମୀମାନଙ୍କୁ ସ୍ୱୀକୃତି ଦେବା ତଥା ଏକ୍ଷେତ୍ରରେ କାର୍ଯ୍ୟ କରି ପ୍ରାଣ ହରାଉଥିବା କାର୍ଯ୍ୟକର୍ତ୍ତାଙ୍କୁ ସମ୍ମାନ ଦେବା, ସେମାନଙ୍କ ସ୍ମୃତିଚାରଣ ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ।

## ବିଶ୍ୱ ଫଟୋଗ୍ରାଫି ଦିବସ




ବିନା ଶବ୍ଦ, ବିନା ଭାଷାରେ ଯିଏ କଥା କୁହେ ସେ ହେଉଛି ଫଟୋ । ଏଇ ଫଟୋ ହିଁ ପୁରୁଣା ସ୍ମୃତିକୁ ସାଇତି ରଖିବାର ଏକ ଉତ୍କୃଷ୍ଟ ମାଧ୍ୟମ । ସମୟ ବିତିଯାଏ କିନ୍ତୁ ଅତୀତର ସାଥୀ ହେଇ ରହିଯାଏ ଏଇ ଫଟୋ । ଆଜିର ଡିଜିଟାଲ ଓ ସ୍ମାର୍ଟଫୋନ ଯୁଗରେ ସମସ୍ତେ ଫଟୋଗ୍ରାଫର ସାଜିଥିଲେ ବି ଫଟୋଗ୍ରାଫି ବା ଚିତ୍ରୋତ୍ତୋଳନ ଏଭଳି ଏକ କଳା ଯେଉଁଥିରେ ଆବଶ୍ୟକ ହୋଇଥାଏ ଆବେଗ, ଉତ୍କଣ୍ଠା, କୌତୂହଳ ଓ ସୃଜନଶୀଳତାର ମିଶ୍ରିତ ପ୍ରତିଫଳନ । ଫଟୋକୁ ସାଇତି ରଖିଥିବା ମଣିଷ ହେଉ କି ଫଟୋର ସେହି ସୁନ୍ଦର ମୁହୂର୍ତ୍ତକୁ ଠିକ୍ ସମୟରେ ନିଜ କ୍ୟାମେରା ଲେନ୍ସରେ ତୋଳି ଧରିଥିବା ମଣିଷମାନଙ୍କ ପାଇଁ ବିଶ୍ୱ ଫଟୋଗ୍ରାଫି ଦିବସ ବେଶ୍ ଗୁରୁତ୍ୱ ରଖେ । ଫଟୋଗ୍ରାଫିରେ ସଉକ ରଖିଥିବା ତଥା ଏହି ବୃତ୍ତିକୁ ଆପଣେଇ ନେଇଥିବା ଫଟୋଗ୍ରାଫରମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ମାସର ୧୯ ତାରିଖକୁ 'ବିଶ୍ୱ ଫଟୋଗ୍ରାଫି ଦିବସ' ଭାବରେ ପାଳନ କରାଯାଉଛି । କେବଳ ଯେ, ଡିଏସ୍‌ଏଲ୍‌ଆର୍, ଏସ୍‌ଏଲ୍‌ଆର୍ ଭଳି ବଡ଼ ବଡ଼ କ୍ୟାମେରା କିମ୍ବା ଲେନ୍ସ ବ୍ୟବହାର କରିଦେଲେ ଜଣେ ଭଲ ଫଟୋଗ୍ରାଫର ହୋଇଯିବ ତାହା ନୁହେଁ, ସାଧାରଣ ସ୍ମାର୍ଟଫୋନ୍‌ରେ ବି ଉତ୍କୃଷ୍ଟମାନର ଫଟୋ ଉଠାଇହେବ । ଏଥିପାଇଁ କେବଳ ଆବଶ୍ୟକ ଭିନ୍ନ ଦୃଷ୍ଟିକୋଣ ଓ ଫଟୋଗ୍ରାଫି ଜ୍ଞାନ । ଯୁଦ୍ଧର ଭୟାବହତା ହେଉ କି ଦାଦନ ଶ୍ରମିକଙ୍କ ନିର୍ଯାତନାର ଦୁଃଖ, ଆମାଜନ୍ ଜଙ୍ଗଲର ଆଦିମ ଅଧିବାସୀଙ୍କ ଜୀବନଧାରା ହେଉ କି ହିମାଳୟର ବରଫାଚ୍ଛନ୍ନ ଅଞ୍ଚଳକୁ କ୍ୟାମେରାରେ ସାଇତି ରଖିଥାନ୍ତି ଫଟୋଗ୍ରାଫରମାନେ । ପୂର୍ବରୁ ଲୋକେ ଷ୍ଟୁଡିଓ ଯାଇ ଫଟୋ ଉଠାଉଥିଲେ । ସ୍ମାର୍ଟଫୋନ୍‌ର ଜମାନାରେ ଏବେ ପ୍ରତି ଲୋକଙ୍କ ହାତରେ କ୍ୟାମେରା । ଫଟୋ ଉଠାଇବା ପାଇଁ ଆଉ ଷ୍ଟୁଡିଓ ଯିବାର ଆବଶ୍ୟକତା ନାହିଁ କି କୁଆଡ଼େ ବୁଲି ଗଲାବେଳେ ସାଙ୍ଗରେ କ୍ୟାମେରା ନେଇ ଯିବାର ଲୋଡ଼ା ନାହିଁ । ବର୍ତ୍ତମାନ ଯିଏ ଯୋଉଠି ଚାହୁଁଛି ଫଟୋ ଉଠାଇ ପାରୁଛି ଓ ସେଲ୍‌ଫି ନେଇପାରୁଛି । ୧୮୩୯, ଜାନୁଆରୀ ୯ ତାରିଖରେ ବିଶ୍ୱରେ ପ୍ରଥମ କରି ଫଟୋଗ୍ରାଫି ଆରମ୍ଭ ହୋଇଥିଲା । ଜୋସେଫ୍ ନାଇସଫୋର୍ ଓ ଲୁଇସ୍ ଡାଗୁଏରେ ନାମରେ ଦୁଇ ଜଣ ବୈଜ୍ଞାନିକ 'ଡେଗୁଏରୋଟାଇପ୍ ପ୍ରକ୍ରିୟା'ର ଆରମ୍ଭ କରିଥିଲେ । 'ଡେଗୁଏରୋଟାଇପ୍ ପ୍ରକ୍ରିୟା' ହେଉଛି ଫଟୋଗ୍ରାଫିର ପ୍ରଥମ ପ୍ରକ୍ରିୟା । ଏହି ଉଦ୍ଭାବନର ଘୋଷଣା ଫ୍ରାନ୍ସ ସରକାର ୧୯ ଅଗଷ୍ଟ ୧୮୩୯ ମସିହାରେ କରିଥିଲେ । ଏହାକୁ ମନେ ପକାଇବା ପାଇଁ ପ୍ରତିବର୍ଷ ୧୯ ଅଗଷ୍ଟ ଦିନ 'ୱାର୍ଲ୍ଡ ଫଟୋଗ୍ରାଫି ଡେ' ପାଳନ କରାଯାଇଥାଏ । ଏହା ଫଟୋଗ୍ରାଫର୍‌ମାନଙ୍କୁ ବିଭିନ୍ନ କୌଶଳ, ରଚନା ଓ ଶୈଳୀ ସହ ପରୀକ୍ଷାନିରୀକ୍ଷା କରିବାକୁ ଉତ୍ସାହିତ କରିଥାଏ । ତେବେ ୨୦୧୦ରେ ଫଟୋଗ୍ରାଫି ଦିବସ ଲୋପ୍ରିୟତା ହାସଲ କରିଥିଲା । ଏହି ଦିନ ୨୭୦ ଜଣ ଫଟୋଗ୍ରାଫର୍ ଏକ ବିଶ୍ୱସ୍ତରୀୟ ଏକ ଅନ୍‌ଲାଇନ୍ ଗ୍ୟାଲେରୀରେ ନିଜର ଫଟୋଗୁଡ଼ିକୁ ସେୟାର୍ କରିଥିଲେ । ୧୦୦ରୁ ଊର୍ଦ୍ଧ୍ୱ ଦେଶର ଲୋକେ ଏହି ୱେବ୍‌ସାଇଟ୍ ପ୍ରଦର୍ଶନ କରିଥିଲେ । ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଫଟୋଗ୍ରାଫି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥାଏ ।



## ନାଁ ନ ଥିବା ରେଳଷ୍ଟେସନ


ପ୍ରତିଦିନ ଲକ୍ଷାଧିକ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି । ସେହିପରି ପ୍ରତ୍ୟେକ ଷ୍ଟେସନର ନାଁ ଥିବା ସ୍ୱାଭାବିକ କଥା । ହେଲେ ଭାରତରେ ଏମିତି ବି ଏକ ରେଳ ଷ୍ଟେସନ ଅଛି, ଯାହାର କୌଣସି ନାଁ ନାହିଁ । ସେଥିପାଇଁ ଏହା ବେନାମୀ ରେଳ ଷ୍ଟେସନ ଭାବେ ପରିଚିତ । ୨୦୦୮ ମସିହାରୁ ଏହି ଷ୍ଟେସନକୁ ଟ୍ରେନ୍ ଆତଯାତ ଲାଗି ରହିଛି । ପଶ୍ଚିମବଙ୍ଗର ବର୍ଦ୍ଧମାନଠାରୁ ୩୫ କିଲୋମିଟର ଦୂରରେ ଏହା ଅବସ୍ଥିତ । ଏହି ବେନାମୀ ରେଳ ଷ୍ଟେସନକୁ ଦିନ ତମାମ ଅନେକ ଟ୍ରେନ ଆସେ । ତା'ସହ ମାଲବାହୀ ଟ୍ରେନ ବି । ଷ୍ଟେସନର ନାଁ ନ ଥିଲେ ବି ଟିକେଟ୍ କଟାଯାଏ । ବିନା ନାଁର ଏହି ଷ୍ଟେସନ ୧୭ ବର୍ଷ ଧରି ଚାଲୁଛି । ତେବେ ରେଳ ଷ୍ଟେସନର ନାଁ ନ ଥିବା ପଛରେ ଦୁଇଟି ଗାଁର(ରୈନା ଓ ରୈନାଗର) ବିବାଦ ଥିବା କୁହାଯାଏ । ଭାରତୀୟ ରେଳ ପକ୍ଷରୁ ଯେତେବେଳେ ଏହାକୁ ତିଆରି କରାଗଲା, ଏହାର ନାଁ ରୈନାଗର ରଖିଲା । ହେଲେ ସ୍ଥାନୀୟ ଲୋକ ଏହାକୁ ଆପତ୍ତି କଲେ ଏବଂ ଷ୍ଟେସନର ନାଁ ବଦଳାଇବାକୁ କହିଲେ । ମାମଲା ଏତେ ବେଶି ବଢ଼ିଲା ଯେ, ଏହା ଅଦାଲତରେ ପହଞ୍ଚିଲା । ସେବେଠୁ ହିଁ ଏହି ରେଳ ଷ୍ଟେସନ ବିନା ନାଁରେ ଚାଲୁଛି । ଏହି ଷ୍ଟେସନରେ ଫଳକ ଲାଗିଛି, ହେଲେ ଫଳକରେ କୌଣସି ନାଁ ଲେଖାଯାଇ ନାହିଁ । ଅବଶ୍ୟ ଅଜଣା ଲୋକେ ଏଠାକାର ଲୋକଙ୍କୁ ସେମାନେ କେଉଁ ଷ୍ଟେସନରେ ଅଛନ୍ତି ପଚାରି ବୁଝନ୍ତି । ସେହିପରି ଏହି ଷ୍ଟେସନରେ କେବଳ ବାଙ୍କୁଡ଼ା ମାସାଗ୍ରାମ ଯାତ୍ରୀବାହୀ ଟ୍ରେନ୍ ଅଟକି ଥାଏ । ଅନ୍ୟପଟେ ଏହି ଷ୍ଟେସନରେ ବିକ୍ରି ହେଉଥିବା ଟିକେଟ୍‌ରେ ପୁରୁଣା ନାଁ ରୈନାଗର ଲେଖା ଅଛି ।

## 'ଏକ ଚତୁର ନାର'ରେ ଦିବ୍ୟା-ନୀଲ



ଟି-ସିରିଜ୍ ଏବେ ଏକ ନୂଆ ଫିଲ୍ମ ନେଇ ଆସୁଛି । ଏଥିରେ ଦିବ୍ୟା ଖୋସଲା ଓ ନୀଲ ନିତିନ୍ ମୁକେଶ ଲିଡ୍ ରୋଲରେ ନଜର ଆସିବେ । ଇତିମଧ୍ୟରେ ଫିଲ୍ମର ପ୍ରଥମ ଝଲକ ଦର୍ଶକ ଦେଖିବାକୁ ପାଇଛନ୍ତି । ଫିଲ୍ମ ନିର୍ମାତା ଏହାର ଦୁଇଟି ମୋସନ୍ ପୋଷ୍ଟର୍ ଜାରି କରିଛନ୍ତି । ଗୋଟିଏ ପୋଷ୍ଟର୍‌ରେ ଦିବ୍ୟା ଓ ନୀଲ ଗୋଟିଏ ଟେବୁଲ ପାଖରେ ଠିଆ ହୋଇ ରହିଛନ୍ତି । ଟେବୁଲରେ ଟମାଟୋ ଓ କ୍ୟାପ୍ସିକମ୍ ଆଦି ରହିଛି । ଦିବ୍ୟା ବାମ ହାତରେ ଗାଜର କାଟୁଥିବାବେଳେ କ୍ୟାମେରା ଆଡ଼କୁ ଅନାଇଥିବାର ଦେଖାଯାଇଛନ୍ତି । ନୀଲ ହ୍ୟାଫ୍ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରି ନଜର ଆସିଛନ୍ତି । ସେହିଭଳି ଦ୍ୱିତୀୟ ପୋଷ୍ଟରରେ ଦିବ୍ୟା ଆଖିରେ କଳା ଚଷମା ପିନ୍ଧିଛନ୍ତି । ତାଙ୍କ କେଶ ଏକ ଫୋନ୍‌ରେ ଗୁଡ଼ାଇ ହୋଇ ରହିଛି । ଫୋନ୍‌ର ଡିସ୍‌ପ୍ଲେରେ ନୀଲ ଡରିଯାଇଥିବାର ଦେଖାଯାଇଛନ୍ତି । ଫିଲ୍ମର ଟାଇଟଲ ଓ ପୋଷ୍ଟରରୁ ଏହା ଏକ କମେଡି ଡ୍ରାମା ହେବ ବୋଲି ଅନୁମାନ କରାଯାଉଛି । ତେବେ ଫିଲ୍ମର ପୋଷ୍ଟର୍ ସାମ୍ନାକୁ ଆସିବା ପରେ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ଟି-ସିରିଜ୍ ଦ୍ୱାରା ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଉମେଶ ଶୁକ୍ଲା ରହିଛନ୍ତି । ଏହା ୧୨ ସେପ୍ଟେମ୍ବରରେ ପରଦାକୁ ଆସିବ ।

## ଦରମା ମିଳିବାର ପାଞ୍ଚ ମିନିଟ୍‌ରେ ଦେଲେ ଇସ୍ତଫା




ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ମଧ୍ୟରେ କେହି କେବେ ଚାକିରିରୁ ଇସ୍ତଫା ଦେବା କଥା ଚିନ୍ତା କରି ନ ଥିବେ । ତେବେ ଏମିତି ଏକ ଘଟଣା ଘଟିଛି । ଯାହାକି ସମସ୍ତଙ୍କର ଦୃଷ୍ଟିଆକର୍ଷଣ କରିଛି । ଜଣେ ଭାରତୀୟ ଏଚ୍‌ଆର୍ ପ୍ରଫେସନାଲ ଲିଙ୍କଡ୍‌ଇନ୍ ପୋଷ୍ଟରେ ଏହି ଘଟଣା ବାବଦରେ ସେୟାର୍ କରିଛନ୍ତି । ଏଥିରେ ଜଣେ ଯୁବକଙ୍କୁ ପ୍ରଥମ ଦରମା ମିଳିବାର ପାଞ୍ଚ ମିନିଟ୍ ପରେ ସେ ଇସ୍ତଫା ଦେଇଥିବା କଥା କୁହାଯାଇଛି । ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, ସକାଳ ୧୦ଟାରେ ଉକ୍ତ କର୍ମଚାରୀଙ୍କ ସାଲାରି କ୍ରେଡିଟ୍ ହୋଇଥିଲା ଏବଂ ୧୦ଟା ୫ରେ ସେ ତାଙ୍କର ଇସ୍ତଫାପତ୍ର ମେଲ୍‌କୁ ପଠାଇ ଦେଇଥିଲେ । ଏହା କେତେ ଦୂର ଠିକ୍ ବୋଲି ଏଚ୍‌ଆର୍ ପ୍ରଶ୍ନ କରିଛନ୍ତି । ସମ୍ପୃକ୍ତ ଏଚ୍‌ଆର୍ କହିଛନ୍ତି, 'କମ୍ପାନି ଏହି କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେଲା, ତାଙ୍କ ଉପରେ ଭରସା କଲା ଏବଂ ତାଙ୍କୁ ତାଙ୍କ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ଦେଲା । କେବଳ ସେତିକି ନୁହେଁ, ତାଙ୍କୁ ଟିମ୍‌ରେ ସାମିଲ କରାଯାଇ ସପ୍ତାହେ ପର୍ଯ୍ୟନ୍ତ ଟ୍ରେନିଂ ମଧ୍ୟ ଦିଆଗଲା । ଏତେ ସବୁ କରାଯିବା ପରେ ପାଞ୍ଚ ମିନିଟ୍‌ରେ ଚାକିରି ଛାଡ଼ିବା କ'ଣ ନୈତିକତା ଦୃଷ୍ଟିକୋଣରୁ ଠିକ୍!' ସେହିପରି ଏଚ୍‌ଆର୍ ଜଣକ ଆହୁରି କହିଛନ୍ତି, 'ଯଦି କାମ କି ପରିବେଶ ଠିକ୍ ନ ଲାଗେ, କର୍ମଚାରୀ ଖୋଲାଖୋଲି ଭାବେ ଆଲୋଚନା କରିବା ଦରକାର । ଭାବିଚିନ୍ତି କମ୍ପାନିରୁ ବାହାରିବା ଉଚିତ । କୌଣସି ଚାକିରି ସହଜ ହୋଇ ନ ଥାଏ । ପ୍ରତ୍ୟେକ ଚାକିରିରେ ଧୈର୍ଯ୍ୟ ଓ ପରିଶ୍ରମର ଆବଶ୍ୟକତା ଥାଏ ।' ପ୍ରକୃତ ଉନ୍ନତି ପ୍ରଥମ ଦରମାରେ ନୁହେଁ, ଲଗାତାର ପ୍ରଚେଷ୍ଟା ଓ ଧୈର୍ଯ୍ୟରୁ ଆସିଥାଏ ବୋଲି ଏଚ୍‌ଆର୍ ଜଣକ କହିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ କିଛି ଲୋକ ଏଚ୍‌ଆର୍‌ର ପକ୍ଷରେ ଥିବାବେଳେ ଆଉ କେତେ ଜଣ ସମ୍ପୃକ୍ତ ଯୁବକଙ୍କୁ ସମର୍ଥନ କରିଛନ୍ତି ।

## ଅଭିବାଦନ ପାଇଁ ଚର୍ଚ୍ଚାରେ ପ୍ରଧାନଶିକ୍ଷକ



ପେନସିଲଭାନିଆର ଜଣେ ପ୍ରଧାନଶିକ୍ଷକ ତାଙ୍କର ନିଆରା ଅଭିବାଦନ ଶୈଳୀ ପାଇଁ ଚର୍ଚ୍ଚା ସାଉଁଟୁଛନ୍ତି । ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସକାଳ ଅଭିବାଦନ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି । ଲାନକାଷ୍ଟର ସ୍ଥିତ ପ୍ରୋଭିଡେନ୍ସ ଏଲିମେଣ୍ଟାରି ସ୍କୁଲର ପ୍ରଧାନ ଶିକ୍ଷକ ହେଉଛନ୍ତି ଜାକ ବାଉରମାଷ୍ଟର । ସେ ପିଲାମାନେ କ୍ଲାସ୍‌କୁ ପ୍ରବେଶ କରିବା ପୂର୍ବରୁ କାହା ସହିତ ହାତ ମିଳାଇ ତ ପୁଣି କାହାକୁ ହାଇ ଫାଇଭ୍ କରି ସ୍ୱାଗତ କରିଥାନ୍ତି । ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଜଣ ଜଣ କରି ସେ ପ୍ରତ୍ୟେକ ଛାତ୍ରଙ୍କ ସହ ଯେଉଁଭଳି ଭାବେ ଅଭିବାଦନ କରୁଛନ୍ତି, ଲାଗୁଛି ସତେ ଯେପରି ସେ ସେମାନଙ୍କର ଶିକ୍ଷକ ନୁହଁନ୍ତି, ବରଂ ସାଙ୍ଗ । ପ୍ରିନ୍ସିପାଲଙ୍କ ପିଲାଙ୍କ ପ୍ରତି ଏଭଳି ବ୍ୟବହାର ସ୍କୁଲ ପରିବେଶକୁ ଆନନ୍ଦମୟ କରି ଦେଇଛି । ତେବେ ଭିଡିଓର ଶୀର୍ଷକରେ ଲେଖା ଯାଇଛି, "ସ୍କୁଲ ଏପରି ଏକ ସ୍ଥାନ ଯେଉଁଠି ସମ୍ପର୍କ ତିଆରି ହୁଏ, ତେଣୁ ପିଲାଙ୍କ ହୃଦୟଜିତିବାକୁ ସେମାନଙ୍କ ଭଳି ହେବାକୁ ପଡ଼ିବ ।" ଅବଶ୍ୟ ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟ ପିଲାଙ୍କୁ ସ୍କୁଲ ଯିବା ଲାଗି ଏକପ୍ରକାର ଉତ୍ସାହିତ କରିପାରିଛି । ଅନ୍ୟପଟେ ପ୍ରଧାନଶିକ୍ଷକଙ୍କ ଏହି ସ୍ୱଭାବକୁ ଲୋକମାନେ ଖୁବ୍ ପସନ୍ଦ କରିବା ସହ ପ୍ରଶଂସା କରୁଛନ୍ତି ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ । ଆର୍ଥିକ ମାମଲାରେ ସୁଧାର ଆସିବ । ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ପାରିବାରିକ ଜୀବନ ସୁଖମୟ ହେବ । ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ । ମନ ପ୍ରସନ୍ନ ରହିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ । ରାଜନୀତିରେ ସାମିଲ ହେବେ । ଆର୍ଥିକ ସ୍ଥିତିରେ ସୁଧାର ଆସିବ । ବୈବାହିକ ଜୀବନରେ ସମସ୍ୟା ଆସିବ । ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି । ଧାରକରଜକୁ ଦୂରେଇ ରହିବେ । ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

**ବିଛା:** କର୍ମଚଞ୍ଚଳ ରହିବେ । ମନ ପ୍ରଫୁଲ୍ଲିତ ରହିବ । ଆୟଠୁ ବ୍ୟୟ ଅଧିକ ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଘର ପାଇଁ ନୂଆ ଜିନିଷ କିଣିବେ । କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଧାର୍ମିକ କାର୍ଯ୍ୟ କରିବେ । ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ । ସମାଜସେବାରେ ନିଜକୁ ନିୟୋଜିତ କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ । ଖେଳାଳିଙ୍କୁ ସଫଳତା ମିଳିବ । ବ୍ୟବସାୟରେ କ୍ଷତି ଘଟିବ ।

**କୁମ୍ଭ:** ନିବେଶରୁ ଲାଭ ମିଳିବ । କାର୍ଯ୍ୟରୁ ଆଶାଜନକ ଫଳ ମିଳିବ । ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ । ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

### ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

## ସମୀର ସାହୁଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ



ଭୁବନେଶ୍ୱର/ବାଲେଶ୍ୱର,୧୮ ।୮ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ମୁଖ୍ୟ ଅଭିଯୁକ୍ତ ପ୍ରଫେସର୍ ସମୀର ସାହୁଙ୍କୁ ତିନିଦିନିଆ ରିମାଣ୍ଡରେ ନେଇଛି । ସମୀରଙ୍କଠାରୁ ଘଟଣା ବାବଦରେ ଅଧିକ ତଥ୍ୟ ହାସଲ ପାଇଁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୋର୍ଟରେ ତିନିଦିନିଆ ରିମାଣ୍ଡ ଆବେଦନ କରାଯାଇଥିଲା । କୋର୍ଟ ଏହାକୁ ମଞ୍ଜୁର କରିଛନ୍ତି । ତଦନୁଯାୟୀ, ଆଜିଠାରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ଆରମ୍ଭ କରିଛି । ଆଜି ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ସମୀରଙ୍କୁ ଗୁଡ଼େଇ ତୁଡ଼େଇ ବିଭିନ୍ନ ପ୍ରଶ୍ନ କରିଛି । ସୂଚନାନୁଯାୟୀ, ସମୀର ଗିରଫ ହେବା ପରେ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିଲା । ତାଙ୍କ ପକ୍ଷରୁ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଗତ ୧ତାରିଖରେ ଜାମିନ ଆବେଦନ କରାଯାଇଥିଲା । ହେଲେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆବଶ୍ୟକ ସିଡି ଦାଖଲ କରାଯାଇନଥିବା କାରଣରୁ ଜାମିନ ଆଦେବନ ଉପରେ ଶୁଣାଣି ହୋଇପାରିନଥିଲା । ସୋମବାର ସମୀରଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହୋଇଛି । ଏହି ସମୟରେ କ୍ରାଇମବ୍ରାଞ୍ଚ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଆବେଦନ କରିଥିଲା ।

## ଆଇଇଡି ବିସ୍ଫୋରଣରେ ଯବାନ ସହିଦ ,୩ ଆହତ



ମାଲକାନଗିରି,୧୮ ।୮ (ସମିସ): ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବିସ୍ଫୋରଣରେ ଜଣେ ଯବାନ ସହିତ ହୋଇଥିବା ବେଳେ ୩ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓବିରୋଧୀ ଅଭିଯାନ ବେଳେ ଆଜି ଏହି ଅଘଟଣ ଘଟିଛି । ସହିଦ ଯବାନଜଣଙ୍କ ହେଲେ, ଦିନେଶ ନାଗ । ସେହିପରି ଅନ୍ୟ ୩ ଆହତ ଯବାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାୟପୁର ସ୍ଥାନାନ୍ତର କରାଯାଇଛି । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବା ଜଣାଯାଇଛି ।

ସୂଚନାନୁଯାୟୀ, ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ମାଓ ଗତିବିଧି ସଂପର୍କରେ ଖବର ପାଇ ଗତକାଲି ଡିଆରଜି ଯବାନଙ୍କ ଏକ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲା । ଆଜି ସକାଳେ ମଧ୍ୟ ସନ୍ଧାନ ଚାଲିଥିବା ବେଳେ ଜଙ୍ଗଲ ମଧ୍ୟରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବିସ୍ଫୋରଣ ହୋଇଥିଲା । ଏଥିରେ ଯବାନ ଦିନେଶ ସହିଦ ହୋଇଥିବା ବେଳେ ଅନ୍ୟ ୩ ଯବାନ ଆହତ ହୋଇଥିଲେ । ଏହି ଘଟଣା ପରେ, ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଜୋରଦାର୍ କରାଯାଇଛି ।

# ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର,୧୮ ।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇଛି । ବର୍ତ୍ତମାନ ଏହା ପଶ୍ଚିମ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ

**■ ୭ ଜିଲ୍ଲାକୁ ପ୍ରବଳ ବର୍ଷା ସତର୍କତା**
**■ ୨୪ ବେଳକୁ ପୁଣି ଏକ ଲଘୁଚାପ**



ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଉପକୂଳରେ ସକ୍ରିୟ ରହିଥିବା ବେଳେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ମଙ୍ଗଳବାର ସକାଳେ ଅବପାତଟି ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡିଶା ଦେଇ ଗତି କରିବ । ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆକଳନ କରାଯାଇଛି । ଏଥିପାଇଁ ମଙ୍ଗଳବାର ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ବଲାଙ୍ଗିର ଓ ରାୟଗଡ଼ା ପାଇଁ ପ୍ରବଳରୁ ଅତି ପ୍ରବଳ ଜନିତ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପଟେ ରାଜ୍ୟର ଅନ୍ୟସ୍ଥାନରେ ଧୀରେ ଧୀରେ ବର୍ଷାର ପ୍ରଭାବ ହ୍ରାସ ପାଇବାର ସମ୍ଭାବନା ରହିଛି । ମାତ୍ର ପୁଣି ୨୩-୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟରେ କ୍ରମାଗତ ଭାବେ ବର୍ଷା ଜାରି ରହିବା ନେଇ ପାଣିପାଗ ବିଭାଗ ଆକଳନ କରିଛି । ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସାଗର ପ୍ରବଳ ଅଶାନ୍ତ ରହିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି ।

ଲଗାଣ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶା ବ୍ୟାପକ ପ୍ରଭାବ ପଡ଼ିଛି । ବିଶେଷକରି ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଅତ୍ୟଧିକ ବର୍ଷା ଯୋଗୁଁ ମାଲାକାନଗିରିରୁ ମୋଟୁକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି । ଗତ ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ୯ଟି ସ୍ଥାନରେ ପ୍ରବଳ ଓ ଗୋଟିଏ ସ୍ଥାନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟ କୋଟପାଡ଼ର ସର୍ବାଧିକ ୧୩୩ ମିମି ବର୍ଷା ରେକର୍ଡ କରାଯାଇଛ । କୋରାପୁଟରେ ମଧ୍ୟ ଆଜି ସାଢ଼େ ୫ଟା ସୁଦ୍ଧା ୬୪ ମିମି ବର୍ଷା ରେକର୍ଡ ହୋଇଛି । ପାରଳାଖେମୁଣ୍ଡିରେ ୪୯ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁରରେ ୩୩ ମିମି ବର୍ଷା ରେକର୍ଡ ହୋଇଛି ।

ଲଘୁଚାପ ବର୍ଷା ଭିତରେ ମୌସୁମୀ ଋତୁ ଅର୍ଥାତ୍ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୭୨୬ ମିମି ବର୍ଷା ରେକର୍ଡ ହୋଇଛି । ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୭୨.୮ ମିମି ତୁଳନାରେ ରାଜ୍ୟରେ ୬ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି । ୨୦ ଜିଲ୍ଲାରେ ସ୍ୱାଭାବିକ ବର୍ଷା, ୨ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଏବଂ ୮ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି ।

## ଗଣେଶ ଚତୁର୍ଥୀ ପୂର୍ବରୁ 'ନିଗମ' ଲଡୁ!

ଭୁବନେଶ୍ୱର,୧୮ ।୮ (ସମିସ): ଗଣେଶ ଚତୁର୍ଥୀ ଓ ନୂଆଖାଇ ପୂର୍ବରୁ ଦଳୀୟ ଆଶାୟୀଙ୍କୁ ବିଜେପି ଦେବ ଉପହାର । ନିଗମ, ବୋର୍ଡରେ କିଛି ନେତାଙ୍କୁ ଥଇଥାନ କରାଯିବ । ଏଥିନିମନ୍ତେ ଆପାତତଃ ଚୂଡ଼ାନ୍ତ କୁହାଯାଉଥିବା ନାମ ସୂଚୀ ଧରି ସୋମବାର ପୁଣି ଦିଲ୍ଲୀ ଗସ୍ତରେ ଯାଇଛନ୍ତି ରାଜ୍ୟ ବିଜେପି

**■ ତାଲିକା ଧରି ଦିଲ୍ଲୀ ଗଲେ ମନମୋହନ**
**■ ଦିଲ୍ଲୀ ବୈଠକରେ ଚୂଡ଼ାନ୍ତ ହେବ ନାମ**

ସଭାପତି ମନମୋହନ ସାମଲ । ସଭାପତି ଭାବେ ଦାୟିତ୍ୱ ନେବା ପରେ ମନମୋହନ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ଆଜିର ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ବିଶେଷକରି ମନମୋହନଙ୍କ ଏହି ଗସ୍ତ ରାଜ୍ୟ ବିଜେପି ପଦାଧିକାରୀ କମିଟି ଏବଂ ବୋର୍ଡ, ନିଗମ ନିଯୁକ୍ତି ନେଇ ଉଦ୍ଦିଷ୍ଟ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି । ଦିଲ୍ଲୀରେ ଦଳର ଶୀର୍ଷ ନେତୃତ୍ୱ, ରାଜ୍ୟର ସାଂସଦମାନଙ୍କ ସହ ଆଲୋଚନା ପରେ ଏ ନାମଗୁଡ଼ିକ ଚୂଡ଼ାନ୍ତ ହେବ ବୋଲି କୁହାଯାଉଛି ।

ସୋମବାର ମନମୋହନ ଦିଲ୍ଲୀରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ଅବସରରେ ଓଡ଼ିଶା ସମ୍ପର୍କରେ ଏକାଧିକ ପ୍ରସଙ୍ଗରେ ଶ୍ରୀ ଶାହାଙ୍କ ସହ ମନମୋହନ ଆଲୋଚନା କରିଛନ୍ତି । ଆଲୋଚନା ବେଳେ ଉପରାଷ୍ଟ୍ରପତି ନିର୍ବାଚନ ସହ ରାଜ୍ୟରେ ବିଜେପି ସାଂଗଠନିକ ସମ୍ପ୍ରସାରଣ ଏବଂ ନିଗମ, ବୋର୍ଡ ନିଯୁକ୍ତି ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି । ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସୂଚନା ଅନୁଯାୟୀ ଓଡ଼ିଶାରେ ନିଗମ ଓ ବୋର୍ଡରେ ନିଯୁକ୍ତି ଲାଗି ଇତିମଧ୍ୟରେ ୨-୩ଟି ବୈଠକ ମଧ୍ୟ ବସିସାରିଲାଣି । ଆଗକୁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ଓ ସେ ନିଜେ ଏନେଇ ରାଜ୍ୟ ବିଜେପି କୋର କମିଟି ସହ ଆଲୋଚନା କରିବେ । ଅତଏବ କୋର କମିଟି ସଦସ୍ୟଙ୍କ ସହ ବ÷÷ଠକ ପୂର୍ବରୁ ମନମୋହନଙ୍କ ଆଜିର ଗସ୍ତ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ମନମୋହନଙ୍କ ଏହି ଗସ୍ତ ଅବସରରେ ନିଗମ, ବୋର୍ଡ ନିଷ୍ପତ୍ତି ଚୂଡ଼ାନ୍ତ ହେବା ଏକରକମ ଧାର୍ଯ୍ୟ ବୋଲି ବିଜେପିର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଅପରପକ୍ଷେ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ସଂକ୍ରାନ୍ତରେ ମନମୋହନ ରାଜ୍ୟ ବିଜେପି ସାଂସଦମାନଙ୍କ ସହ ଆଲୋଚନା କରିବେ ବୋଲି ମଧ୍ୟ ସୂଚନା ମିଳିଛି ।

**■ ମହଙ୍ଗା ପଡ଼ିଲା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ**

## ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍

ଭୁବନେଶ୍ୱର, ୧୮ ।୮ (ସମିସ): ବୈଧ ଅନୁମତି ବିନା ଦେବୋତ୍ତର ସମ୍ପତ୍ତି ପଞ୍ଜୀକରଣ କରିବା ମହଙ୍ଗା ପଡ଼ିଛି । ଏଥିପାଇଁ ଖଣ୍ଡଗିରି ସବ୍-ରେଜିଷ୍ଟ୍ରାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଇନ୍ସପେକ୍ଟର୍ ଜେନେରାଲ ଅଫ୍ ରେଜିଷ୍ଟ୍ରେସନ୍ (ଆଇଜିଆର୍) । ୭ ଦିନ ମଧ୍ୟରେ ଜବାବ ରଖିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

**୭ ଦିନରେ ଜବାବ ଦେବାକୁ ନିର୍ଦ୍ଦେଶ**

ସୂଚନାନୁସାରେ, ଉତ୍ତର ମୁଣ୍ଡମୁହାଁଣର ଶିବାନୀ ଶଙ୍କର ରଥ କାଶୀପୁର ମୌଜାରେ ଥିବା ଠାକୁରଙ୍କ ସମ୍ପତ୍ତିର ସ୍ୱତ୍ୱ ପରିବର୍ତ୍ତନ କରି ଦେଇଥିଲେ । ଜାଲିଆତି କରି ଉକ୍ତ ଜମିର ଆରଓଆର୍ ପ୍ରସ୍ତୁତ କରି ତାହା ସ୍ଥିତିବାନ ଜମି ବୋଲି ଦର୍ଶାଇଥିଲେ । ପରେ ନିଜ ପତ୍ନୀ ଜୟନ୍ତୀ ପୁଷ୍ପାଳକ ସମେତ ୮ ଜଣଙ୍କୁ ଉକ୍ତ ଜମିକୁ ବିକ୍ରି କରିଦେଇଥିଲେ । ଦେବୋତ୍ତର କମିସନରଙ୍କ ଅନୁମତି ଆଣିବା ପରିବର୍ତ୍ତେ ଜାଲିଆତି କରି ବିକ୍ରି କରିଦେଇଥିଲେ । ଖଣ୍ଡଗିରି ସବ୍-ରେଜିଷ୍ଟ୍ରାର ଅର୍ଚ୍ଚନା ଗୌଡ଼ଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ପୁଲିସ ଶିବାନୀ ଓ ପତ୍ନୀ ଜୟନ୍ତୀଙ୍କୁ ଗିରଫ କରିଥିଲା । ତେବେ ଖଣ୍ଡଗିରି ସବ୍ ରେଜିଷ୍ଟ୍ରାର କାହିଁକି ଆରଓଆର୍ (ରେକର୍ଡ ଅଫ୍ ରାଇଟ୍ସ) ଯାଞ୍ଚ ନକରି ଜମି ପଞ୍ଜୀକରଣ କରିଥିଲେ, ସେନେଇ ଆଇଜିଆର୍ ପ୍ରଶ୍ନ କରିଛନ୍ତି । ପଞ୍ଜୀକରଣ ଆକ୍ଟ ୧୯୦୮ ର ଧାରା ୨୨(ଏ) ଉଲଙ୍ଘନ କରିଥିବାରୁ କାହିଁକି ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ଲିଖିତ ଉତ୍ତର ଦେବାକୁ କହିଛନ୍ତି । ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ ଆଇଜିଆର୍ ନିର୍ଦ୍ଦେଶ ଦେଇଛନ୍ତି ।

**ନବୀନଙ୍କ ସହ ସାକ୍ଷାତ ନ କରାଇଦେବା ଗୁଜବ**

## ଭିତରକୁ ନ ଯିବାକୁ ଡାକ୍ତର ଅନୁରୋଧ କରିଥିଲେ: ଭକ୍ତ

ଭୁବନେଶ୍ୱର,୧୮ ।୮ (ସମିସ): ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟିବାରେ ବାରଣ କରାଯିବା ସଂକ୍ରାନ୍ତ ଗୁଜବରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ବିଭିନ୍ନ ଗଣମାଧ୍ୟମରେ ନବୀନଙ୍କ ସହ ତାଙ୍କୁ ଭେଟାଇ ନଦେବା ନେଇ ଯାହା ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ନିରାଧାର ବୋଲି ଭକ୍ତ କହିଛନ୍ତି । ସୋମବାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଭକ୍ତ କହିଛନ୍ତି ଯେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ଖବର ଶୁଣି ସେ ହସ୍ପିଟାଲକୁ ଯାଇଥିଲେ । ଆଇସିୟୁ ନିକଟରେ ଗୋଟିଏ କୋଠରୀରେ ବିଜେଡି ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁଙ୍କ ସମେତ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ । ସେ ଯାଇ ସେଠାରେ ବସିଥିଲେ । ହସ୍‌ପିଟାଲର କିଛି ଡାକ୍ତର ଓ ଅଧୀକ୍ଷକ ସେଠାକୁ ଆସି ସେମାନଙ୍କୁ ନବୀନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ସେ ଆଇସିୟୁକୁ ଯିବାକୁ ଚାହିଁବାରୁ ଡାକ୍ତରମାନେ ତାଙ୍କୁ ଆଇସିୟୁ କୋଠରୀ ପର୍ଯ୍ୟନ୍ତ ତାଙ୍କୁ ନେଇ ଯାଇଥିଲେ । ମାତ୍ର ଭିତରକୁ କାହାରିକୁ ଛଡ଼ାଯାଉ ନାହିଁ ଓ ଜଣେ ବ୍ୟକ୍ତି ଗଲେ ଅନ୍ୟମାନେ ମଧ୍ୟ ଯିବା ପାଇଁ ଜିଦି କରିବେ ବୋଲି ଡାକ୍ତରମାନେ ଅତ୍ୟନ୍ତ ନମ୍ରତାର ସହ କହିବାରୁ ସେ ଆଇସିୟୁକୁ ଯାଇ ନ ଥିଲେ । ତେବେ ନବୀନ ବାବୁ ଭଲ ଅଛନ୍ତି । ବିରୋଧୀ ରାଜନୈତିକ କାର୍ଯ୍ୟ ଅଲଗା କଥା । ତାଙ୍କର ମହତ୍ୱ ବହୁତ ଅଛି । ଓଡ଼ିଶାରେ ସେ ଜଣେ ମହାନ ବ୍ୟକ୍ତିତ୍ୱ । ତାଙ୍କୁ ସମ୍ମାନ ଦେବା ଓ ଭଲମନ୍ଦ ଜଣିବା ପ୍ରଦେଶ କଂଗ୍ରେସ କମିଟିର କର୍ତ୍ତବ୍ୟ । ସେ ଦୃଷ୍ଟିକୋଣରୁ ଜଣେ ସାଂଗଠନିକ ମୁଖ୍ୟ ଭାବେ ସେ ହସ୍ପିଟାଲକୁ ଯାଇଥିଲେ ବୋଲି ଭକ୍ତ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ସେ ସେଠାରେ ବସିଥିବା ସମୟରେ ସୁଜାତା କାର୍ତ୍ତିକେୟନ ଆସିଥିଲେ ଓ ମୋତେ ଅତ୍ୟନ୍ତ ସମ୍ଭ୍ରମତାର ସହ ନବୀନଙ୍କ ସ୍ୱାସ୍ଥ୍ୟ, ଚିକିତ୍ସା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସମୟରେ ଭି.କେ.ପାଣ୍ଡିଆନ ଆସିଥିଲେ ଓ ମୋ ସହ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ କଥା ହୋଇଥିଲେ ।

## ଭିଜିଲାନ୍ସ ଜାଲରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ

ଭୁବନେଶ୍ୱର,୧୮ ।୮ (ସମିସ): ଭିଜିଲାନ୍ସ ଜାଲରେ ଫସିଛନ୍ତି ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା । ଆୟ ବହିର୍ଭୂତ ସମ୍ପତ୍ତି ଅଭିଯୋଗରେ ଭିଜିଲାନ୍ସ ଯନ୍ତ୍ରୀ ସୁରେନ୍ଦ୍ରଙ୍କ ଅଫିସ ସମେତ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ କରାଯାଇଛି । ସୁନ୍ଦରଗଡ଼ ଟାଉନ୍‌ରେ ଥିବା ୩ ତାଲା ଘର, ରାଉରକେଲା ଗୋପବନ୍ଧୁ ନଗରରେ ଥିବା ଦୁଇ ତାଲା ଘର, ଭୁବନେଶ୍ୱର ଘାଟିକିଆ ଫେ-

**■ ଏକକାଳୀନ ୮ଟି ସ୍ଥାନରେ ଚଢ଼ଉ, କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ**
**■ ଘରୁ ୧.୨୫ ଲକ୍ଷ ନଗଦ ଟଙ୍କା ଜବତ, ଆକାଉଣ୍ଟରେ ରହିଛି ୫୨ଲକ୍ଷ**

୩ରେ ଥିବା ୨ଟି ଫ୍ଲାଟ, ଗଞ୍ଜାମ ପୁରୁଷୋତ୍ତମପୁରରେ ଥିବା ପୈତୃକ ବାସଭବନ, ଗଞ୍ଜାମ, ପୁରୁଷୋତ୍ତମପୁର ବେହେରା ସାହିରେ ଥିବା ଶଶୁର ଘର, ଅନୁଗୁଳରେ ଥିବା ସରକାରୀ କ୍ୱାର୍ଟର୍ସ ଏବଂ ଅଫିସ ରୁମ୍‌ରେ ଚଢ଼ଉ କରିଥିଲା ଭିଜିଲାନ୍ସ । ଚଢ଼ଉ ବେଳେ ତାଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ କରିଛନ୍ତି ଭିଜିଲାନ୍ସ ଟିମ୍ । ତାଙ୍କ ଘରୁ ନଗଦ ୧.୨୫ଲକ୍ଷ ଟଙ୍କା ଜବତ ହୋଇଥିବାବେଳେ ବ୍ୟାଙ୍କ୍ ଏବଂ ଇନ୍ସୁ୍ୟରାନ୍ସରେ ସେ ୫୧ଲକ୍ଷ ୯୭ ହଜାର ୩୪୦ ଟଙ୍କା ରଖିଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି । ତାଙ୍କ ଘରେ ୧୭.୪୩ଲକ୍ଷ ଟଙ୍କାର ଆସବାବପତ୍ର ରହିଥିବା ଭିଜିଲାନ୍ସ ପ୍ରକାଶ କରିଛି । ଏଥିସହ ଭୁବନେଶ୍ୱର ଘାଟିକିଆ ଆକ୍ସିସ୍ ବ୍ୟାଙ୍କ୍ ଶାଖାରେ ଗୋଟିଏ ଲକର୍ ରହିଛି । ଏହି ଲକ୍‌ର ତାଙ୍କ ଜଣେ ଘନିଷ୍ଠ ସମ୍ପର୍କୀୟ ନାମରେ ରହିଛି । ଏଥିରେ ସୁନାଗହଣା ରହିଥିବା ସନ୍ଦେହ କରାଯାଉଥିବାରୁ ଏହାକୁ ଖୋଜିବା ପ୍ରକ୍ରିୟା ଆରମ୍ଭ କରିଛି ଭିଜିଲାନ୍ସ ।

ଏହି ଚଢ଼ଉରେ ୩ ଜଣ ଡିଏସପି, ୧୦ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ତାଙ୍କ ନାମରେ ସୁନ୍ଦରଗଡ଼ ଟାଉନରେ ୧.୧୧କୋଟିର ଗୋଟିଏ ୩ ତାଲା କୋଠା ରହିଛି । ଗୋପବନ୍ଧୁନଗର ଏମ୍/୨୦ରେ ଗୋଟିଏ ଦୁଇ ତାଲା କୋଠା ରହିଥିବା ବେଳେ ଘାଟିକିଆ ଫେଜ୍-୩



ଅରୋଭିଲାରେ ଦୁଇଟି ଫ୍ଲାଟ୍ ରହିଛି । ତାଙ୍କ ନାମରେ ସୁନ୍ଦରଗଡ଼ରେ ଗୋଟିଏ, ରାଉରକେଲାରେ ଗୋଟିଏ ଏବଂ ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି ଫ୍ଲାଟ୍ ରହିଛି । ଏହି ସବୁ ଫ୍ଲାଟ୍‌ର ମୂଲ୍ୟ ଆକଳନ କରୁଛି ଭିଜିଲାନ୍ସର ଟେକ୍ନିକାଲ ଟିମ୍ ।

ସୁନ୍ଦରଗଡ଼ ଆଇଟିଡିଏରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ ସୁରେନ୍ଦ୍ର ବେହେରା । ସେହି ସମୟରେ ବି ତାଙ୍କ ବିରୁଦ୍ଧରେ ଅନେକ ଦୁର୍ନୀତିର ଅଭିଯୋଗ ହୋଇଥିଲା । ସମସ୍ତ ବିଭାଗୀୟ କାର୍ଯ୍ୟ ନିଜେ ଠିକା କରିବା ସହ ଅନେକ ପୁରୁଣା କାମରେ ଚୂନ ମାରି ନୂଆ କାମ ଦେଖାଇ କୋଟି କୋଟି ଟଙ୍କା ବିଲ କରି ଉଠାଇ ନେବା ଭଳି ଅଭିଯୋଗ ରହିଥିଲା । ଏହାପରେ ତତ୍କାଳୀନ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଥିବାବେଳେ ତାଙ୍କ ବଦଳି ହୋଇଥିଲା । ଏହାପରେ ସେ ଭିଜିଲାନ୍ସ ସ୍କାନରକୁ ଆସିଥିଲେ । ସେପଟେ ତାଙ୍କ ଉପରେ ଲାଗିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ତାଙ୍କୁ ଫଶାଇ ଦିଆଯାଇଥିବା ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ।

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

ଭଦ୍ରକ, ୧୮ ।୮ (ସମିସ): ଭଦ୍ରକ ଅତିରିକ୍ତ ଜିଲ୍ଲା ତଥା ଦୌରା ଜଜ ପ୍ରଭାତ ରଞ୍ଜନ ରାୟଗୁରୁ ଆଜି ଜଣେ ପତ୍ନୀହନ୍ତାକୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଅଭିଯୁକ୍ତଜଣଙ୍କ ହେଲା, ଧାମନଗର ଥାନା କଲ୍ୟାଣୀ ଗାଁର ଅଜିତ ଜେନା । ସୂଚନାନୁଯାୟୀ, ଧାମନଗର ଥାନା ବନ୍ଧଟିଆ ଗାଁର ଯୋଗେନ୍ଦ୍ର ଜେନାଙ୍କ ଝିଅ ଆରତି ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ଅଜିତକୁ ବିବାହ କରିଥିଲେ । ବିବାହ ବେଳେ ବରଘର ପକ୍ଷରୁ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । କିନ୍ତୁ ଅଜିତ ପରେ ଯୌତୁକ ବାବଦକୁ ଏକ ବାଇକ୍ ଦାବି କରିଥିଲେ । ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ଗତ ୨୦୧୭ ଅଗଷ୍ଟ ୧୬ରେ ଏହି କଥାକୁ କେନ୍ଦ୍ର କରି ଅଜିତ ଏକ ଶାବଳରେ ଆରତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ଯୋଗେନ୍ଦ୍ରଙ୍କ ଅଭିଯୋଗକ୍ରମେ ଧାମନଗର ପୁଲିସ୍ ଏକ ମାମଲା ରୁଜୁ କରି ଅଜିତଙ୍କୁ ଗିରଫ କରିଥିଲା । ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅରୁଣ ମିଶ୍ର ଓ ସୂର୍ଯ୍ୟକାନ୍ତ କୁଅଁର ମାମଲା ପରିଚାଳନା କରୁଥିଲେ ।

## ମୋବାଇଲ୍ ନ ଦେବାରୁ ବ୍ରାହ୍ମଣୀକୁ ଡେଇଁଲେ ଯୁବତୀ

କବାଟବନ୍ଧ/ଯଖପୁରା,୧୮ ।୮ (ସମିସ): ଚଣ୍ଡିଖୋଲ-ଡୁବୁରୀ ୫୩ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ବ୍ରିଜ ଉପରୁ ଜଣେ ଯୁବତୀ ନଦୀକୁ ଡେଇଁଥିବା ଜଣାପଡ଼ିଛି । ଯୁବତୀଜଣଙ୍କ ଦାନଗଦି ବ୍ଲକ ଅନ୍ତର୍ଗତ ଜଖପୁରା ଥାନା ଅଧିନ ପଙ୍କପାଳ ପଞ୍ଚାୟତର ବୋଲି ଜଣାପଡ଼ିଛି । ଖବର ଅନୁସାରେ, ଯୁବତୀଜଣଙ୍କ ଏକ ମୋବାଇଲ ଫୋନ ପାଇଁ ଜିଦ କରିଥିଲେ । ଘରଲୋକେ ଫୋନ ନ ଦେବାରୁ ସେ ଘରୁ ରାଗି ଆସିଥିଲେ । ଏହା ପରେ ତାଙ୍କ ଜେଜେ ବାପା ମଧ୍ୟ ତାଙ୍କ ପଛେପଛେ ଆସିଥିଲେ । ବ୍ରାହ୍ମଣୀ ବ୍ରିଜ ଉପରୁ ହଠାତ ନଦୀକୁ ଡେଇଁ ପଡ଼ିଥିଲେ । ଏହା ପରେ ତାଙ୍କ ଜେଜେ ମଧ୍ୟ ଉଦ୍ଧାର କରିବା ପାଇଁ ଡେଇଁଥିଲେ । ତେବେ ଯୁବତୀଜଣଙ୍କୁ ତାଙ୍କ ଜେଜେ ଉଦ୍ଧାର କରି ନଦୀ ମଝିରେ ଥିବା ଶୁଖିଲା ସ୍ଥାନରେ ରହିଥିଲେ ।

**ନଦୀକୁ ଡେଇଁ ଉଦ୍ଧାର କଲେ ଜେଜେ**

ଖବର ପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ଫାୟାର ଅଫିସର ଉଦ୍ଧବ ଚରଣ ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଆଗ୍ନିକ କରୁଣାକର ମଲ୍ଲିକ, ଫାୟାର ଯୋଦ୍ଧା କୃପାସିନ୍ଧୁ ସ୍ୱାଇଁ, ଜିତୁ ରଞ୍ଜନ ପରିଡ଼ା, ତାପସ ମୁଳିଆ, ବସନ୍ତ ମହାନ୍ତି, ବିନୋଦ ପାତ୍ର, ସୁମନ୍ତ ଦାସ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ନିଆଯାଇଛି ।

# ବର୍ଷାରେ ବେହାଲ ମାଲକାନଗିରି

ମାଲକାନଗିରି,୧୮ ।୮ (ସମିସ): ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗତକାଲି ସକାଳ ୮ଟାରୁ ଆଜି ସକାଳ ୮ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୭୦.୩୭ ମିମି ବର୍ଷା ହୋଇଛି । ମାଲକାନଗିରି ବ୍ଲକରେ

**■ ଭୁଶୁଡ଼ିଲା ବିମାନବନ୍ଦର ପାଚେରି**
**■ ମାଲକାନଗିରି ବ୍ଲକ୍‌ରେ ସର୍ବାଧିକ ୧୦୮.୬ ମିମି ବର୍ଷା**
**■ ବୁଡ଼ିଲା ପୋଲ, ଯାତାୟାତ ବାଧାପ୍ରାପ୍ତ**



ସର୍ବାଧିକ ୧୦୮.୬ମିମି ବର୍ଷା ହୋଇଥିବା ବେଳେ ମାଥିଲିରେ ୫୭ ମିମି, କାଲିମେଳାରେ ୬୩ମିମି, ଖଇରପୁଟରେ ୪୮ ମିମି, ଚିତ୍ରକୋଣ୍ଡାରେ ୬୬ ମିମି, କୋରୁକୋଣ୍ଡାରେ ୯୪ମିମି ଓ ପଡ଼ିଆ ବ୍ଲକ୍‌ରେ ୫୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଲଗାଣ ବର୍ଷା ଯୋଗୁଁ ଆଜି ସକାଳୁ ସକାଳୁ କିଛି ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଦେଖାଯାଇଥିଲା । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାର ପୋଟେରୁ ଓ ଏମ.ଭି-୯୬ ପୋଲ ଦେଇ ପ୍ରବାହିତ ହେଉଥିବା ବନ୍ୟାଜଳ ହ୍ରାସ ପାଇଥିବା ବେଳେ କାଙ୍ଗୁରୁକୋଣ୍ଡା ଓ କନ୍ୟାଶ୍ରମ ନିକଟସ୍ଥ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା ଜଣାଯାଇଛି । ଫଳରେ ମାଲକାନଗିରି ଜିଲ୍ଲା ସଦର ମହକୁମାରୁ କାଲିମେଳା, ଏମ.ଭି-୭୯ ଓ ମୋଟୁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିସହ କାଲିମେଳା ବ୍ଲକଠାରୁ ପଡ଼ିଆ ବ୍ଲକ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲଗୁଡ଼ିକର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି । ସେହିପରି, ବର୍ଷା ଯୋଗୁଁ ମାଲକାନଗିରି ବିମାନବନ୍ଦରର ପାଚେରିର ପ୍ରାୟ ୨୦ ଫୁଟ୍ କାନ୍ଥ ଭୁଶୁଡ଼ିପଡ଼ିଛି । ପ୍ରବଳ ବର୍ଷା ଯୋଗୁଁ ଆଜି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ରହିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କ୍ଷେତ୍ର କର୍ମଚାରୀଙ୍କୁ ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବନ୍ୟା ପରିସ୍ଥିତି ଉପୁଜିଲେ, ଓଡ୍ରାଫ୍ ଟିମ୍‌କୁ ପ୍ରସ୍ତୁତ ହୋଇ ରହିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଗ୍ନୋ ଡିଇସିଇ ପାଠ୍ୟକ୍ରମର ଓଡ଼ିଆ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୧୮ ।୮ (ସମିସ): ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ 'ପ୍ରାରମ୍ଭିକ ଶିଶୁଯତ୍ନ ଏବଂ ଶିକ୍ଷାରେ ଡିପ୍ଲୋମା (ଡିଇସିଇ)' ପାଠ୍ୟକ୍ରମର ଓଡ଼ିଆ ଭାଷାରେ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହାକୁ ଉନ୍ମୋଚନ କରିଛନ୍ତି । ଏହା ପୂର୍ବରୁ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ଏହି ପାଠ୍ୟକ୍ରମ ଶିକ୍ଷାଦାନ କରାଯାଉଥିଲା । ସମ୍ପ୍ରତି ଓଡ଼ିଆରେ ମଧ୍ୟ ଶିକ୍ଷାଦାନ ପାଇପାରିବେ ଛାତ୍ରଛାତ୍ରୀ । ଏହା ଏକ ବର୍ଷିକିଆ ପାଠ୍ୟକ୍ରମ ଏବଂ +୨ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ । ଶିଶୁଙ୍କ ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଶିକ୍ଷାଦାନ କରାଯିବ । ପାଠ୍ୟପୁସ୍ତକ ସହ ଅଡିଓ କ୍ୟାସେଟ୍ ଏବଂ ଭିଡିଓ ମାଧ୍ୟମରେ ମଧ୍ୟ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିପାରିବେ ।

ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଓଡ଼ିଆ ଭାଷାରେ ଶିକ୍ଷାଦାନ ନିଷ୍ପତ୍ତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ବିଶେଷକରି ଶିଶୁବାଟିକା ଏବଂ ଅଙ୍ଗନବାଡିରେ କାର୍ଯ୍ୟରତ କର୍ମଚାରୀମାନେ ଏହି ପାଠ୍ୟକ୍ରମରେ ଉପକୃତ ହୋଇପାରିବେ । ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ପ୍ରାରମ୍ଭିକ ଶିକ୍ଷାକୁ ସୁଦୃଢ଼ କଲେ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ସହ ତୃଣମୂଳସ୍ତରରୁ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । କାର୍ଯ୍ୟକ୍ରମରେ ଇଗ୍ନୋ କୁଳପତି ପ୍ରଫେସର ଉମା କାଞ୍ଜିଲାଲଙ୍କ ସମେତ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମନୀଷା



ଇଗ୍ନୋର ଏହି ପାଠ୍ୟକ୍ରମ ପ୍ରାରମ୍ଭିକ ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ କର୍ମଚାରୀଙ୍କ ଦକ୍ଷତା ବିକାଶ କରିପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ମାତୃଭାଷାରେ ଶିକ୍ଷା ଲାଭ ଫଳରେ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାର ବିକାଶ ହେବା ବାନାର୍ଜୀ ଓ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆରେ ପ୍ରଚଳନ କରିବା ପାଇଁ ଜୁନ୍ ୯ ତାରିଖରେ ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୋ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

ପାଣିକୋଇଲି ଟ୍ରମା କେୟାର

# ଉଦ୍‌ଘାଟନ କରିପାରୁନାହାଁନ୍ତି ନୂଆ ସରକାର

ଯାଜପୁର, ୧୮।୮ (ସମିସ):

ଯାଜପୁର ଜିଲ୍ଲାରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ଜିଲ୍ଲା ସଦର ମହକୁମା ଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ନବୀନ ସରକାର। ଏହି ମେଡିକାଲ କଲେଜ ସହିତ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳକୁ ଗୁରୁତ୍ୱ ଦେବାକୁ ଯାଇ ପାଣିକୋଇଲି ଠାରେ ଏକ ଟ୍ରମା କେୟାର ପ୍ରତିଷ୍ଠା କରିଥିଲେ। ପାଣିକୋଇଲି ଛକଟି ବଙ୍ଗ, ବିହାର ଏବଂ ଓଡ଼ିଶାର ସଙ୍ଗମ ସ୍ଥଳୀ। ଏଥିସହିତ ଦୁଇ ଦୁଇଟି

## ● ଭିତ୍ତିଭୂମି କରିଥିଲେ ନବୀନ ସରକାର

ଜାତୀୟ ରାଜପଥ ଯାଇଥିବାରୁ ଅଧିକାଂଶ ସମୟରେ ଏଠାରେ ଦୁର୍ଘଟଣା ଘଟୁଛି। ଆହତ ଓ ଗୁରୁତର ମାନଙ୍କୁ ଅଧିକ ଚିକିତ୍ସା ପାଇଁ ଯାଜପୁର କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର କଲାବେଳେ ରୋଗୀମାନଙ୍କର ମୃତ୍ୟୁ ହେଉଥିବା ଦେଖି ଏଠାରେ ଟ୍ରମା କେୟାର କରିବା ପାଇଁ ନିଷ୍ପତି ନେଇଥିଲେ ନବୀନ ସରକାର। ସେଠାରେ ବିଭିନ୍ନ ବିଭାଗର ସ୍ପେଶିଆଲିଷ୍ଟ ବିଭାଗ ସହିତ




ଆଇସିୟୁ ଏବଂ ୨୪ ଘଣ୍ଟିଆ ଜରୁରୀ ସେବା ଯୋଗାଇବା ପାଇଁ ସ୍ଥିର ହୋଇଥିଲା। କିନ୍ତୁ ଟ୍ରମା କେୟାର ନିର୍ମାଣ ଶେଷ ହେବା ପରେ ରାଜ୍ୟରେ କ୍ଷମତା ପରିବର୍ତ୍ତନ ହୋଇଯାଇଥିଲା। ଫଳରେ ଏହାର ଉଦ୍‌ଘାଟନ ନେଇ ଜିଲ୍ଲାବାସୀ ଅପେକ୍ଷା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ବାରମ୍ବାର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ଗସ୍ତ କରୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ଉଦ୍‌ଘାଟନ ହୋଇପାରୁନାହିଁ। ଏହି ଟ୍ରମା କେୟାର ପାଇଁ ଆବଶ୍ୟକ ମାନବ ସମ୍ବଳ ଯୋଗାଇବା ପାଇଁ ରାଜ୍ୟ ସରକାର ବିଫଳ ହୋଇଥିବା କାରଣରୁ ଏହା ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରୁନଥିବା ଜଣପଡ଼ିଛି।

ଅନ୍ୟପକ୍ଷରେ ଏହାକୁ ଟ୍ରମା କେୟାର ପରିବର୍ତ୍ତେ ଅନ୍ୟ ଏକ ଡାକ୍ତରଖାନାର ମାନ୍ୟତା ଦେଇ ସରକାର ତରବରିଆ ଉଦ୍‌ଘାଟନ କରିବାକୁ ଚାହୁଁଛନ୍ତି। କିନ୍ତୁ ଏଥିରେ ନିଯୁକ୍ତି ହେବାକୁ ଥିବା ଅଣଚିକିତ୍ସା କର୍ମଚାରୀ ନିଯୁକ୍ତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସିକ୍ୟୁରିଟି କର୍ମଚାରୀଙ୍କ ଠାରୁ ସୁଇପର ଏବଂ ଅନ୍ୟାନ୍ୟ ୬୨ ଜଣ କର୍ମଚାରୀ ନିଯୁକ୍ତି ଏକ ଘରୋଇ ସଂସ୍ଥା ମାଧ୍ୟମରେ କରାଯିବ। ଏଥିପାଇଁ ଏହାର ବାର୍ଷିକ ବ୍ୟୟଅଟକଳ ୧ କୋଟି ୬୫ ଲକ୍ଷ୍ୟ ୩୮ ହଜାର ୪୪୭ ଟଙ୍କା କରାଯାଇଛି। ଏଥିପାଇଁ ପ୍ରତ୍ୟେକ ନିଯୁକ୍ତି ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେପଟେ ଏହି ଟ୍ରମା କେୟାରକୁ ଉଦ୍‌ଘାଟନ କରିବା ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଟ୍ରମା କେୟାରରେ ପହଞ୍ଚି ଏହାର ସମୀକ୍ଷା କରିଛନ୍ତି। ନବୀନ ସରକାର ଏଠାରେ ୯୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ଏହି ଟ୍ରମା କେୟାର ପ୍ରତିଷ୍ଠା କରିଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ଆଉ କେତେ ଦିନ ଲାଗିବ ତାକୁ ସମସ୍ତେ ଚାହିଁ ବସିଛନ୍ତି।

# ସୁକିନ୍ଦାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ସୁକିନ୍ଦା, ୧୮।୮ (ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୮୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ, ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୀତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ମିଶ୍ର, ତହସିଲଦାର ସୁକିନ୍ଦା ମାନସ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଅମ୍ବର୍ କୁମାର କର ୧୦ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ, ୧୨ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର, ୪ ଜଣ ଦିବ୍ୟାଙ୍ଗଙ୍କୁ ସ୍ମାର୍ଟଫୋନ, ୨ ଜଣ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର, ୩ ଜଣ ଦିବ୍ୟାଙ୍ଗଙ୍କୁ ଟିଏଲ୍‌ଏମ୍ କିଟ ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ସିପି ଚେୟାର ୱିଥ କମୋଡ ବଣ୍ଟନ କରିଥିଲେ।

■ ରାଜ୍ୟ ପାରା ଆଥଲେଟିକ୍ସ

# ଜିଲ୍ଲାକୁ ମିଳିଲା ୮ ପଦକ



ଯାଜପୁର, ୧୮।୮ (ସମିସ): କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଯାଜପୁରର ପାରା କ୍ରୀଡ଼ାବିତ ଗୋଲାପୀ ସିର୍‌କାଙ୍କୁ ଏଫ୍-୫୫ ବର୍ଗରେ ଜାବେଲିନ ଥ୍ରୋ ଓ ସଟପୁଟ ୨ଗୋଟି ସ୍ୱର୍ଣ୍ଣ, ରାଜକିଶୋର ସାହୁଙ୍କୁ ଟି-୧୨ ବର୍ଗ ଜାଭଲିନ ଥ୍ରୋରେ ସ୍ୱର୍ଣ୍ଣ, ଡିସ୍କସ୍ ଥ୍ରୋରେ ରୌପ୍ୟ, ସଟପୁଟ୍ ଥ୍ରୋରେ କାଂସ୍ୟ, ରାମଚନ୍ଦ୍ର ମୁଣ୍ଡା ଟି-୧୧ ବର୍ଗ ଲଙ୍ଗ୍ ଜମ୍ପରେ ସ୍ୱର୍ଣ୍ଣ ଓ ୧୦୦ମିଟରରେ ରୌପ୍ୟ; ଏହିପରି ଭାବରେ ଯାଜପୁର ଜିଲ୍ଲାକୁ ମୋଟ ୮ଗୋଟି ପଦକ ଜିତିଛନ୍ତି। ରାମଚନ୍ଦ୍ର ମୁଣ୍ଡା ନେତାଜୀ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଛାତ୍ର ଅଟନ୍ତି। ଏହି ସଫଳତା ପରେ ଜିଲ୍ଲା ପାରା ସ୍ପୋର୍ଟସ ଆସୋସିଏସନ ସଭାପତି ମଣ୍ଟୁ ଦାସ ଅଭିନନ୍ଦନ ଜଣାଇଛନ୍ତି।

# ଆସ ସ୍କୁଲ ଯିବା ଅଭିଯାନର ସ୍ୱତନ୍ତ୍ର ବୈଠକ

ସିଂହପୁର, ୧୮।୮ (ସମିସ): ବିଞ୍ଝାରପୁର ବ୍ଲକର ପିଏମ୍‌ଶ୍ରୀ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ କଲ୍ୟାଣପୁରରେ 'ସଂସ୍କୃତ ସପ୍ତାହ' ପାଳିତ ହେବା ସହିତ 'ଆସ ଆମେ ସ୍କୁଲ ଯିବା ଅଭିଯାନ'କୁ ସଫଳ କରିବା ନିମନ୍ତେ ସ୍ୱତନ୍ତ୍ର ପିତାମାତା ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସତ୍ୟବ୍ରତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନା ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସ ସଂସ୍କୃତ ଭାଷାର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ଶିକ୍ଷକ ଖଗେଶ୍ୱର ଯେନା ସଂସ୍କୃତ ଭାଷା କିପରି ପିଲାମାନଙ୍କର ଭବିଷ୍ୟତ ଗଠନରେ ସହାୟକ ହେବ, ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି 'ଆସ ସ୍କୁଲ ଯିବା' ଅଭିଯାନ ଉଦ୍ଦେଶ୍ୟରେ ପଦଯାତ୍ରା କରାଯାଇଥିବା ସ୍ଥଳେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ଅଭିଯାନର ମହତ ଉଦ୍ଦେଶ୍ୟ 'ଦେଶରେ କେହି ନିରକ୍ଷର ରହିବେ ନାହିଁ' କୁ ସମସ୍ତେ ସ୍ୱାଗତ କରିଥିଲେ। ସଭାରେ ବିଞ୍ଝାରପୁର ମଣ୍ଡଳ ସହଶିକ୍ଷା ଅଧିକାରୀ ବଳରାମ ପତି ଓ ବି ମଡେଲ ସିଆର୍‌ସିସି ବିଦ୍ୟାସାଗର ବେହେରା ଉପସ୍ଥିତ ଥିଲେ। ଶିକ୍ଷକ ମୁମସାଦ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଶୁଭଶ୍ରୀ ବିଶ୍ୱାଳ, ନିତୁ କମଲ, ପ୍ରିୟରଞ୍ଜନ ବେହେରା, ଗାୟତ୍ରୀ ସାହୁ, ପାର୍ବତୀ ବେହେରା, ବିଜୟା ମଲ୍ଲିକ, ପ୍ରକାଶ ମଲ୍ଲିକ, ଶିକ୍ଷାକର୍ମୀ ବିଶ୍ୱନାଥ ପଣ୍ଡା, ନବ କିଶୋର ସାହୁ ଓ ସମର୍ଜିତ ସାହୁ ସହଯୋଗ କରିଥିଲେ।

# ମୋ ବସଷ୍ଟାଣ୍ଡର ନାମ ପରିବର୍ତ୍ତନ ଦାବି

ମଙ୍ଗଳପୁର, ୧୮।୮ (ସମିସ): ଦଶରଥପୁର ବ୍ଲକର ପ୍ରମୁଖ ବଜାର ଓ ବ୍ୟବସାୟିକ ପେଣ୍ଠସ୍ଥଳ କହିଲେ ମଙ୍ଗଳପୁର ବଜାରକୁ ବୁଝାଇଥାଏ। ମଙ୍ଗଳପୁର ବଜାରରେ ୭/୮ଟି ଇଂଲିଶ ମିଡିୟମ ସ୍କୁଲ, ଶିଶୁମନ୍ଦିର, ମହତାବ ଉଚ୍ଚ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ସମେତ ୫ଟି ଜାତୀୟକରଣ ବ୍ୟାଙ୍କ ରହିଛି। ଉକ୍ତ ବଜାର ଉପରେ ପ୍ରତିଦିନ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରି ଚଳୁଥିବା ବେଳେ ଏହି ବଜାର ଉପରେ ଯାଜପୁର ସମେତ ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅଧିକାଂଶ ଲୋକେ ନିର୍ଭର କରିଥାନ୍ତି। ଏହି ବଜାରରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହେବା ସହ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ମାତ୍ର ବସ୍‌ଷ୍ଟାଣ୍ଡଟି କନିକାପଡ଼ା ପଞ୍ଚାୟତ ଦିହୁଡିସାଇ ନିକଟ ମଙ୍ଗଳପୁର ବଜାର ସଂଲଗ୍ନରେ ନିର୍ମାଣ କରାଯାଇ ଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡର ନାମ ଦଶରଥପୁର ଲେଖା ଯିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ବସଷ୍ଟାଣ୍ଡର ନାମ ମଙ୍ଗଳପୁର-କନିକାପଡ଼ା ବସ୍‌ଷ୍ଟାଣ୍ଡ ରଖିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ କନିକାପଡ଼ା ପଞ୍ଚାୟତ ବାସୀଙ୍କ ପକ୍ଷରୁ କନିକାପଡ଼ା ସରପଞ୍ଚ ପ୍ରଦୀପ ଯେନା, ସମିତିସଭ୍ୟା ସୁନିତା ଦାସ, ପ୍ରାକ୍ତନ ସମିତିସଭ୍ୟ ରାକେଶ କୁମାର ସାହୁ, ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଯୁବନେତା ଇଂ. ତିମିରକାନ୍ତ ସେନାପତି, ପ୍ରାକ୍ତନ ସରପଞ୍ଚ ଜୟଶ୍ରୀ ଦାସ, ବରିଷ୍ଠ ସିପିଆଇ ନେତା ଅଭୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ କମଳିନୀ ଦାସ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ପ୍ୟାନେଲ ଲୟରଙ୍କ ପ୍ରଶିକ୍ଷଣ ଶିବିର



ଯାଜପୁର, ୧୮।୮ (ସମିସ): ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ସିଭିଲ କୋର୍ଟ ଯାଜପୁରର ଭିଡିଓ କନଫେରନ୍ସିଂ ହଲରେ ପ୍ୟାନେଲ ଲୟରଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପ୍ରାଧିକରଣର ଅଧ୍ୟକ୍ଷ ଉଦ୍‌ଘାଟନ କରିବା ସହିତ ପ୍ୟାନେଲ ଲୟରମାନଙ୍କ ଭୂମିକା ଏବଂ ମହତ୍ତ୍ୱ ସମ୍ବନ୍ଧରେ ଅବଗତ କରାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା କୋର୍ଟର ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ଅତିରିକ୍ତ ଜିଲ୍ଲା ଜଜ୍ ସତ୍ୟପ୍ରକାଶ ରାୟ ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ମାନସ ରଞ୍ଜନ ସାମନ୍ତରାୟ, ରେଜିଷ୍ଟ୍ରାର ସୁମିତ୍ରା ବିଶ୍ୱାଳ, ଏସ୍‌ଡିଜିଏମ ସୁନିତା ବିଶ୍ୱାଳ, କନିଷ୍ଠ ଦେୱାନୀ ବିଚାରପତି ଯୋଗଦେଇ ପ୍ୟାନେଲ ଲୟରମାନଙ୍କୁ ପରିବାର ସମ୍ବନ୍ଧୀୟ ଆଇନ, ପୋକ୍‌ସୋ ଆକ୍ଟ, ଫୌଜଦାରୀ ଆଇନ, ସମ୍ପତିଗତ ଆଇନ, ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ ତଥା ଲିଗାଲ ସର୍ଭିସ୍ ଅଥରିଟି ଆକ୍ଟ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧିକରଣର ସଚିବ ଲିପା ମହାନ୍ତି ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବା ସହ ପ୍ୟାନେଲ ଲୟରଙ୍କ କାର୍ଯ୍ୟ କ'ଣ, ସେମାନେ କେଉଁଭଳି ଉପାୟରେ ସଠିକ ହିତାଧିକାରୀଙ୍କୁ ମାଗଣା ଆଇନ ପ୍ରଦାନ କରିବାରେ ମାଧ୍ୟମ ସାଜିପାରିବେ ସେ ଉପରେ ଆଲୋକପାତ କରିଥିଲେ।

# କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିରାକରଣ କର୍ମଶାଳା

ଯାଜପୁର, ୧୮।୮ (ସମିସ): କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡନ, ପ୍ରତିରୋଧ, ନିଷିଦ୍ଧ ଓ ନିରାକରଣ ଆଇନ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା, ନିବାରଣ, ନିଷେଧ, ନିରାକରଣ ଆଇନ ୨୦୧୩ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଗଲା। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ସମସ୍ତ ବିଭାଗର ଆଇସିସି କମିଟି ସଠିକ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ଅନ୍ୟ ପଦାଧିକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମର ବକ୍ତା ଭାବେ ବ୍ୟାସନଗର ତହସିଲଦାର, ଏନ୍‌ଆଇଏସଡବ୍ଲ୍ୟୁ, ଶ୍ରୀମତୀ ପଙ୍କଜିନି ସ୍ୱାଇଁ ଓ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଯୋଗ ଦେଇଥିଲେ। ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁନନ୍ଦା ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

■ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

# ବଡ଼ବାବୁଙ୍କ ବଦଳି ଦାବି

ମଙ୍ଗଳପୁର, ୧୮।୮ (ସମିସ): ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣି ଦୀର୍ଘଦିନ ହେବ ଗୋଟିଏ ଜାଗାରେ ରହି କାର୍ଯ୍ୟ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ମାନଙ୍କର ବଦଳି ହେଉଥିବା ବେଳେ ଦୀର୍ଘଦିନ ଧରି କାର୍ଯ୍ୟରତ ମୁଖ୍ୟ କିରାଣିଙ୍କର ବଦଳି ନ ହେବାକୁ ନେଇ ସରକାରଙ୍କର ବଦଳି ନିୟମର ଖୋଲା ଖୋଲି ଉଲ୍ଲଙ୍ଘନ କରାଯାଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସେହିପରି ଦୀର୍ଘଦିନ ଧରି ଗୋଟିଏ ଜାଗାରେ ରହି କାର୍ଯ୍ୟ କରିବା ଫଳରେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବା, ସମୟ ଅନୁଯାଇ ଅଫିସକୁ ନ ଆସିବା, ଅଫିସକୁ କୌଣସି କାର୍ଯ୍ୟରେ ଯାଉଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ହଇରାଣ କରୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ସରକାରୀ ନିୟମ ଅନୁଯାଇ ଜଣେ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିବା ପରେ ଅନ୍ୟତ୍ର ବଦଳି ହେବାର ନିୟମ ରହିଥିଲେ ବି ସରକାରଙ୍କ ନିୟମ କେବଳ ତଳିଆ କର୍ମଚାରୀମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଉଛି। ବଡ଼ ବଡ଼ିଆ ମାନଙ୍କ କ୍ଷେତ୍ରରେ ସରକାରଙ୍କ ଏହି ବଦଳି ନିୟମ କେବେ ଓ କେଉଁ ଦିନ ଦଶରଥପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବଡ଼ବାବୁଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହେବ ତାହାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛ। ଏ ସମ୍ପର୍କରେ ବ୍ଲକର ମଣ୍ଡଳ ଶିକ୍ଷାଧିକାରୀ ଶାନ୍ତନୁ ମଲ୍ଲିକଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ କାର୍ଯ୍ୟ ବ୍ୟସ୍ତତା ଦର୍ଶାଇ ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ଧର୍ମଶାଳା, ୧୮।୮ (ସମିସ): ଧର୍ମଶାଳା ବ୍ଲକ କାଏମା ଅଞ୍ଚଳର ସାମ୍ବାଦିକ ଶିବପ୍ରସାଦ ମହାନ୍ତିଙ୍କ ପିତା ଯୁଧିଷ୍ଠିର ମହାନ୍ତି (୬୩)ଙ୍କ ଆଜି କଟକର ଏକ ଘରୋଇ ହାସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଯୁଧିଷ୍ଠିର ଏହି ବ୍ଲକ ମିର୍ଜାପୁରସ୍ଥିତ ସରକାରୀ ହାଇସ୍କୁଲରେ ଜଣେ କିରାଣି ଭାବେ କାର୍ଯ୍ୟ କରି ଗତ ଦୁଇ ବର୍ଷ ହେବ କାର୍ଯ୍ୟରୁ ଅବସରଗ୍ରହଣ କରିଥିଲେ। ସେ ଦୀର୍ଘ ଦିନ ହେଲା କିଡ୍‌ନୀ ଜନୀତ ରୋଗରେ ପୀଡ଼ିତ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ତେବେ ଗତକାଲି ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଅଜି ସକାଳୁ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଏକମାତ୍ର ପୁଅ, ପୁତ୍ର ବଧୂ, ପତ୍ନୀ, ଝିଅ, ଜ୍ୱାଇଁ ଓ ସରପଞ୍ଚଙ୍କ ପ୍ରତିନିଧି ଧନେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ କଟକ ବିଧାୟିକା



ସୋଫିଆ ଫିର୍ଦ୍ଦୋସ ଓ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀର ଗାଁକୁ ଅଣାଯାଇଥିବା ବେଳେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ବହୁ ସାମ୍ବାଦିକ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ନିଜ ଗାଁ କାଏମାକୁ ନିଆଯାଇ ସେଠାରୁ ଏକ ଶୋଭାଯାତ୍ରାରେ କାଏମା ବଜାର ଓ ଗ୍ରାମ ଦେଇ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ କାଏମା ସରପଞ୍ଚ କୁମୁଦିନୀ ମହାନ୍ତି ଓ ମିର୍ଜାପୁର ସ୍କୁଲର ବହୁ ଶିକ୍ଷକ ଓ କର୍ମଚାରୀ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ଶିବପ୍ରସାଦ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ମଦ୍ରାସା ପକ୍ଷରୁ ଚାରାରୋପଣ

ବ୍ରହ୍ମବରଦା, ୧୮।୮ (ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଜାମିଆ ଇମାନିଆ ସାମସୁଲ ମାରିଫ ଖେରୱା ମହଲ୍ଲା ମଦ୍ରାସା ପକ୍ଷରୁ 'ମା ପାଇଁ ବୃକ୍ଷଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରୀ ବିଜେପି ନେତା ଉମେଶ ଚନ୍ଦ୍ର ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଏକ ନିମ୍ବ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମବାରାଦ ସରପଞ୍ଚ ପ୍ରତିନିଧି ରାକେଶ ଦେଓ, ଶ୍ରମିକ ନେତା ପ୍ରଦୀପ ଦାସ, ସମିତି ସଭ୍ୟ ପ୍ରତିନିଧି ଅନ୍‌ୱର ଖାଁ, ଶ୍ରମିକ ନେତା ପ୍ରଦୀପ ଦାସ, ସଫିଆଲମ୍ ଖାଁ, ପ୍ରଫୁଲ୍ଲ ସାହୁ, ଜୁଲଫିକର ଆଲି ଓ ଶ୍ରୀକାନ୍ତ ଦାସ ପ୍ରମୁକ ଯୋଗ ଦେଇଥିଲେ। ମଦରସାର ଜକି ଆଲାମ ଖାଁ, ଶେଖ ଆୟଜୁଲହାକ, ଶେଖ ଅସରୁଲ ହକ, ଶେଖ କଲାମ, ପୂର୍ବତନ ସରପଞ୍ଚ ଶେଖ ଆୟୁବ ଅଲି ସମେତ ଅନ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ବାଲିପାଟଣା ଗ୍ରାମରେ ନନ୍ଦୋତ୍ସବ



ବ୍ରହ୍ମବରଦା, ୧୮।୮ (ସମିସ): ପୌରାଣିକ ବିଷୟ ଆଧାରରେ ସବୁଆଡେ ପାଳିତ ହେଉଛି ନନ୍ଦୋତ୍ସବ। ଭଗବାନ କୃଷ୍ଣଙ୍କୁ ପୁତ୍ର ସନ୍ତାନ ଭାବେ ପାଇ ଆନନ୍ଦ ଉଲ୍ଲାସରେ ନନ୍ଦ ରାଜା ଓ ଯଶୋଦା ରାଣୀ ପାଳନ କରିଥିଲେ ନନ୍ଦୋତ୍ସବ। ଏହି ଆଧାରରେ ପୁରପଲ୍ଲୀରେ ପାଳିତ ହେଉଛି ଏହି ପର୍ବ। ଏହି ପରିପେକ୍ଷିରେ ଯାଜପୁର ଜିଲ୍ଲା ଅତଲାପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ବହୁକାଳରୁ ନନ୍ଦୋତ୍ସବ ଏକ ନିଆରା ଢଙ୍ଗରେ ପାଳିତ ହୋଇଆସୁଛି। ନନ୍ଦ, ଯଶୋଦା, କୃଷ୍ଣ, ବଳରାମ, କଂସ ରାଜା ଆଦି ବେଶରେ ସଜିତ ହୋଇ ପିଲାମାନେ ଗ୍ରାମ ପରିକ୍ରମା କରିଥିଲେ। ବାଲିପାଟଣା ଗ୍ରାମର ଦଶ ଘର ସାହି, ଦେଉଳ ସାହି, ନାସପାଟଣା, କୁଲୁଙ୍ଗା ପ୍ରମୁଖ ସାହି ପିଲାମାନେ ଏହି ନନ୍ଦୋତ୍ସବକୁ ଧୂମଧାମରେ ପାଳନ କରୁଥିବାର ଦେଖିବାକୁ ମିଳିଛି। ଶହ ଶହ ସଂଖ୍ୟାରେ କୃଷ୍ଣପ୍ରେମୀ ରୁଣ୍ଡ ହୋଇ ଏହି ଦିବ୍ୟ ଦୃଶ୍ୟକୁ ଆନନ୍ଦ ଉଲ୍ଲାସର ସହିତ ଉପଭୋଗ କରିଥିଲେ।

ରତଲାଙ୍ଗ-ମଢ଼ିଆଳି ରାସ୍ତା କାର୍ଯ୍ୟ ନିମ୍ନମାନର

# ଅଭିଯୋଗ ପରେ ପରିଦର୍ଶନ କଲେ ବିଧାୟକ

ବରୀ, ୧୮।୮ (ସମିସ)

ବରୀ ବ୍ଲକ ଅନ୍ତର୍ଗତ ରତଲାଙ୍ଗ ପଞ୍ଚାୟତ ଚିଙ୍ଗୁଡ଼ିଆ ନାଳର ବାମ ପାର୍ଶ୍ୱରେ ଥିବା ମଢିଆଳି ଗ୍ରାମ ଠାରୁ ଭିଅସାହି ପର୍ଯ୍ୟନ୍ତ ୨.୮ କିମି ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ହେଲେ ଏହି କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଯୋଗୁଁ ରତଲାଙ୍ଗ ପଞ୍ଚାୟତର ଗ୍ରାମବାସୀ ଏହି କାର୍ଯ୍ୟକୁ ବିରୋଧ କରିବା ସହ ଏହା ସଠିକ୍ ମାନର କାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି। ସୂଚନା ମୁତାବକ ଏହି ନଦୀବନ୍ଧ ରାସ୍ତାଟି ଉପରେ ୩ଟି ପଞ୍ଚାୟତର ଜନ ସାଧାରଣ ନିର୍ଭର କରିଥାନ୍ତି। ଏହି ନଦୀବନ୍ଧ ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ପାଖାପାଖି ୨ କୋଟି ୨୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସରକାରୀ ନିୟମ ଅନୁଯାୟୀ କୌଣସି ନିର୍ମାଣ କାଯ୍ୟ କରିବା



ପୂର୍ବରୁ ସେହି ସ୍ଥାନରେ କାମର ମାନ ସହିତ ସମସ୍ତ ସୂଚନା ଥିବା ଏକ ଫଳକ ପ୍ରଦର୍ଶନ କରାଯିବ କଥା। କିନ୍ତୁ ସମ୍ପୃକ୍ତ ଠିକାଦାର ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଥିବା ଦେଖିବାକୁ ମିଳିଛି। ସେହିପରି ବିଭାଗୀୟ ଅଧିକାରୀ କାର୍ଯ୍ୟ ସ୍ଥଳରେ ଉପସ୍ଥିତ ରହୁ ନଥିବାରୁ ନିୟମ ଅନୁଯାୟୀ ମାଟି ପକାଇ ତା' ଉପରେ ମେଟାଲିଂ କରି ମୋରମ ବିଛାଇବା ପରିବର୍ତ୍ତେ ନିର୍ମାଣଧୀନ ନଦୀବନ୍ଧ କଡ଼ରୁ ବାଲି ଉଠାଇ ପକାଇବା ଫଳରେ ସାମାନ୍ୟ ବର୍ଷାରେ ଧୋଇହୋଇ ଖାଲ ଖମା ହୋଇଯାଇଛି। ଠିକାସଂସ୍ଥା ମନମୁଖୀ କାର୍ଯ୍ୟ କରୁଥିବା ଯୋଗୁଁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଗ୍ରାମବାସୀ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅପରାହ୍ନରେ ବିଧାୟକ ଶ୍ରୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିବା ସହିତ ନିର୍ମାଣଧୀନ ରାସ୍ତା ବୁଲି ଦେଖିବା ସହିତ ଏ ବିଷୟରେ ବିଭାଗୀୟ ଉଚ୍ଚ ଅଧିକାରିଙ୍କୁ ଅବଗତ କରାଇ କିଭଳି ଉତ୍ତମ ମାନର କାର୍ଯ୍ୟ ହୋଇପାରିବ ସେ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ବିଧାୟକଙ୍କ ସମେତ ସରପଞ୍ଚ ସଙ୍ଘ ସଭାପତି ପ୍ରସନ୍ନ କୁମାର ସାମଲ, ଅଖିଳ ଚନ୍ଦ୍ର ଜେନା, ସରପଞ୍ଚଙ୍କ ପ୍ରତିନିଧି ସଂଗ୍ରାମ ସାମଲ, ନବଘନ ସାମଲ, ପ୍ରଦିପ ସାମଲ ଓ ବ୍ୟୋମକେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ




**ବଡଚଣା, ୧୮।୮ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଉତ୍ସବ ଆଜି କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ କଲେଜର ମୁଖପତ୍ର 'ପାହାଚ'କୁ ଅତିଥିମାନେ ଉନ୍ମୋଚନ କରିବା ସହିତ କଲେଜର ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ନାୟକ, ଅବସର ପ୍ରାଧ୍ୟାପକ ଦାସ, ଅବସରପ୍ରାପ୍ତ କିରାଣି କେଦାର ଚରଣ ସାମଲ, ପରିଚାଳନା କମିଟିର ପୂର୍ବତନ ସଦସ୍ୟ ନିରଞ୍ଜନ ସାହୁଙ୍କ ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଓ ଅଧ୍ୟାପିକା ଡ. ସରିତା ସେଠୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଡ.ଦୀପକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ବରାଳ ବିବରଣୀ ପାଠ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ରଞ୍ଜିତା ସ୍ୱାଇଁ। ଅଧ୍ୟାପକ କିଶୋର କୁମାର ସାହୁ, ଶାନ୍ତନୁ କୁମାର ରାଉତରାୟ, ଗିରିଶ ରାଉଳ, ପ୍ରସନ୍ନଜିତ ସାମଲ, ସନ୍ତୋଷ ପୃଷ୍ଟି, ଡ. ଅମ୍ବିକା ତ୍ରିପାଠୀ, ନିରୂପମା ସ୍ୱାଇଁ, ଶ୍ରାବଣୀ କନ୍ୟା ସ୍ୱାଗତିକା, ଗୀତାଞ୍ଜଳି ମହାନ୍ତି, ସସ୍ମିତା ବେହେରା, ସସ୍ମିତା ପରିଡ଼ା, ବଗୁଲି ବାରିକ ଓ ଗିରିଧାରୀ ନାୟକ ପ୍ରମୁଖ ଉତ୍ସବ ପରିଚାଳନରେ ସହଯୋଗ କରିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କର ମୃତ୍ୟୁ

**ପାଣିକୋଇଲି, ୧୮।୮ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତର ବାଲିପଶି ଗ୍ରାମର ଜଣେ ଯୁବକଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ୨୬/୨୫ ରୁଜୁ କରାଯାଇଛି। ପ୍ରକାଶଯେ ବାଲିପଶି ଗ୍ରାମର ମଦନ ମୋହନ ସାହୁଙ୍କ ବଡପୁଅ ମାନସ ସାହୁ (୨୫)ଙ୍କର ଦେହ ଅସୁସ୍ଥ ଥିବାରୁ ତାଙ୍କୁ କଟକରେ ଚିକିତ୍ସା କରି ଘରକୁ ଆଣୁଥିଲେ। ପାଣିକୋଇଲି ପାଖରେ ତାର ମୁଣ୍ଡ ବୁଲାଇବାରୁ ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ନବଘନ ସାହୁ ପାଣିକୋଇଲି ଥାନାରେ ଜଣାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପଞ୍ଚନାମା କରାଯାଇଛି। ମଙ୍ଗଳବାର ତାର ଶବ ବ୍ୟବଚ୍ଛେଦ କରାଯାଇ ଗ୍ରାମକୁ ଆଣି ଶେଷକୃତ୍ୟ ସମ୍ପନ୍ନ ହେବ। ମାନସଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ବିରଜା ସଂସ୍କୃତ ଟୋଲ୍‌ରେ ସଂସ୍କୃତ ଦିବସ



**ଯାଜପୁର, ୧୮।୮ (ସମିସ):** ଯାଜପୁର ବିରଜା ସଂସ୍କୃତ ଟୋଲ୍‌ରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡ. ବସନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ପତି, ଡ. ଜ୍ଞାନରଞ୍ଜନ ପତି ଯୋଗଦେଇଥିଲେ। ପଣ୍ଡିତ ଅନିରୁଦ୍ଧ ପଣ୍ଡା ବେଦପାଠ ଓ ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେସନରେ ସଂସ୍କୃତିର ଉପଯୋଗିତା ସମ୍ପର୍କରେ ପଣ୍ଡିତ ବ୍ରଜକିଶୋର ଦାଶ, ଗଣେଶ ଚନ୍ଦ୍ର ପତି, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ଗଣେଶ ଚନ୍ଦ୍ର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ଦେବତା, ଦାମୋଦର ସ୍ୱାଇଁ, ଅଜିତ କୁମାର ଦାଶ ପ୍ରମୁଖ ଆଲୋଚନା କରିଥିଲେ। ଅପରାହ୍ନ ଅଧିବେସନରେ ଛାତ୍ର ତଥା ସମ୍ପ୍ରତି ସଦାକେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ପ୍ର. ଡ. ପ୍ରଭାତ କୁମାର ମହାପାତ୍ର, ବସନ୍ତ କୁମାର ମିଶ୍ରଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ଅଜୟ କୁମାର ନନ୍ଦ ଧନ୍ୟବାଦ ଅର୍ପଣ ଓ ପଣ୍ଡିତ ବିଜୟ ଭୂଷଣ ମିଶ୍ର ଶାନ୍ତିପାଠ କରିଥିଲେ। ଏହି ସମାରୋହରେ ବିରଜା ସଂସ୍କୃତ ଟୋଲ୍‌ର ପ୍ରଧାନ ପଣ୍ଡିତ ଓ ସହକାରୀ ଶିକ୍ଷକ, କର୍ମଚାରୀଙ୍କ ସହ ଅନୁଷ୍ଠାନର ପୁରାତନ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଏହିକାର୍ଯ୍ୟକ୍ରମକୁ ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ ଓ ପଣ୍ଡିତ ସୂର୍ଯ୍ୟମଣୀ ବେଦୀ ପରିଚାଳନା କରିଥିଲେ।

# ନୂତନ ଏସ୍‌ଆଇଙ୍କୁ ସମ୍ବର୍ଦ୍ଧନା



**ମଈଁଦା, ୧୮।୮ (ସମିସ):** ବିଞ୍ଝାରପୁର ବ୍ଲକ ସୟଦପୁର ପଞ୍ଚାୟତ ଅଧୀନ ଜୁନିୟର ଏବଂ ସିନିୟର ମଦ୍ରସାର ଭାରାପ୍ରାପ୍ତ ଅଧ୍ୟକ୍ଷ ଏସ୍‌କେ ଅନୁରୁଲ ରାଜ୍ୟ ଉର୍ଦ୍ଦୁ ବୋର୍ଡର ସ୍ପେସିଆଲ ଇନସ୍ପେକ୍ଟିଙ୍ଗ ଅଫିସର ଭାବେ ନିଯୁକ୍ତ କରାଯାଇଛି। ଏହି ଉପଲକ୍ଷେ ବରୁଣେଶ୍ୱର ଆଞ୍ଚଳିକ ସାଧନ କେନ୍ଦ୍ରର ଅଧୀନସ୍ଥ ସମସ୍ତ ବିଦ୍ୟାଳୟ ତରଫରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ବିଦ୍ୟାସାଗର ବେହେରାଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ବରୁଣେଶ୍ୱର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବଳରାମ ପତି, ବାବୁଗୋସ୍ୱାମୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହବିବୁଲ ମୋହିନି, ଗୌଡସାଇ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତୀ ମିଶ୍ର, ଧନେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶମ୍ଭୁନାଥ ମଲ୍ଲିକ, ସଙ୍ଗୀତ ନିର୍ଦ୍ଦେଶକ ମାଧବାନନ୍ଦ ଦାସ, ସୌଦାମିନୀ ଯେନା, ଏସ୍‌କେ ସମିମ, ଅରୁପାନନ୍ଦ ମହାନ୍ତି, ବୃନ୍ଦାବନ ଯେନା, ମୋନାଲିସା ସାମଲ, କବିତା ସାହୁ, ସସ୍ମିତା ସାହୁ, ସେକ୍ ସହିଉଦ୍ଦିନ ଅକତର, ଅବଦୁଲ ଆଲାମ ଖାନ, ଅବଦୁଲ ମୁକ୍ତାଦିର, ଆଶାଦୁଲା ଖାନ ଆଦି ସହଯୋଗ କରିଥିଲେ।

# ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ବିୟୋଗରେ ଶୋକ



**ଯାଜପୁର, ୧୮।୮ (ସମିସ):** ଯାଜପୁର ଆଡ୍‌ହକ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଜୟ ଜେନାଙ୍କ ଅକାଳ ବିୟୋଗରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍ ପକ୍ଷରୁ ଏକ ଶୋକସଭା ସୋମବାର କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନର ସଭାପତି ପ୍ରତାପ ରାୟଙ୍କ ସଭାପତିତ୍ୱରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ସଭ୍ୟ ଆଇନ୍‌ଜୀବି ସର୍ବଶ୍ରୀ ସମରେନ୍ଦ୍ର ଦାସ, ପ୍ରବୀର ରାୟ, ମାନସ ମହାନ୍ତି, ଅନନ୍ତ ବାସୁଦେବ ମିଶ୍ର, ମାନଗୋବିନ୍ଦ ଧଳ, ରାଜୀବ ମହାନ୍ତି, ସିତାଂଶୁ ମହାନ୍ତି, ଅଶୋକ ଦାଶ, ଦିବାକର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦେଓ, ଅଜୟ କୁମାର ଦାସ, ରାଜେଶ କୁମାର ଦାସ, ରାଜେଶ ମହାନ୍ତି, ସଞ୍ଜିବ ଦାସ ନାୟକ, ହୃଦାନନ୍ଦ ଦଳାଇ, ଅମିୟ କୁମାର ମହାନ୍ତି, ଶିଶିର ରଞ୍ଜନ ମାନ୍ଧାତା, ଅକ୍ଷୟ କୁମାର ସାହୁ, ବିଭୁଦତ ଭୂୟାଁ, ଦିଲ୍ଲିପ କୁମାର ଦାସ, ଲକ୍ଷ୍ମୀଧର ପାଢ଼ୀ ଓ ପାର୍ଥ ରାୟ ପ୍ରମୁଖ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିବା ନିମନ୍ତେ ପ୍ରାର୍ଥନା କରିଥିଲେ। ସେହିପରି ଯାଜପୁର ବାର୍ ଆସୋସିଏସନ୍, ଡିଷ୍ଟ୍ରିକ୍ଟ କ୍ରିମିନାଲ୍ ବାର ଆସୋସିଏସନ୍ ପକ୍ଷରୁ ଏକ ଶୋକସଭା କରାଯାଇଥିଲା।

# ନାବାଳିକା ସୁରକ୍ଷା ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

**ଯାଜପୁର, ୧୮।୮ (ସମିସ):** ଯାଜପୁର ଜିଲ୍ଲା ନ୍ୟାୟାଳୟର ତତ୍ତ୍ୱାବଧାନରେ 'ନାବାଳିକା ସୁରକ୍ଷା: ଭାରତରେ ଝିଅ ପାଇଁ ଏକ ନିରାପଦ ଓ ସାହାଯ୍ୟକାରୀ ପରିବେଶ ନିର୍ମାଣ' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଚାରପତି ଅମୃତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାରେ ନାବାଳିକାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ନାବାଳିକା ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ବୀଣାପାଣି ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମୋଦ କିଶୋର ଆଚାର୍ଯ୍ୟ, ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି, କଟକ ଓ ଶିଶୁ କଲ୍ୟାଣ ସମିତି, କଟକର ପୂର୍ବତନ ଅଧ୍ୟକ୍ଷ ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ପୁଲିସ ଅଧୀକ୍ଷକ ପୁଷ୍ପଲତା ବାରିକ, ଏହି ଶିଶୁ ଆଇନ୍‌କୁ କଡାକଡି ପାଳନା କରିବାପାଇଁ ସେ ସହଯୋଗ କାମନା କରିଥିଲେ। ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ଜିଲ୍ଲା ନ୍ୟାୟାଳୟର ରେଜିଷ୍ଟ୍ରାର-କମ-ପ୍ରିନସିପାଲ ମାଜିଷ୍ଟ୍ରେଟ ମାନସ ରଞ୍ଜନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ, ଡିଇଓ, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ, ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ଓକିଲ ସଂଘର ସଦସ୍ୟ, ନାବାଳିକା ନ୍ୟାୟ ବୋର୍ଡର ସଦସ୍ୟ, ଶିଶୁ କଲ୍ୟାଣ ସମିତିର ସଦସ୍ୟ, ଜିଲ୍ଲା ନ୍ୟାୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ନ୍ୟାୟାଳୟର ସେକ୍ରେଟାରୀ, ଆଇନ ସେବା ପ୍ରାଧିକରଣ ଲିପା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ନାବାଳକ ନିଖୋଜ ଘଟଣା**

# ତଦନ୍ତ କଲା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍



**ଯାଜପୁର, ୧୮।୮ (ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ସୁକରଣ ଗ୍ରାମର ବାବାଜୀ ମଲ୍ଲିକଙ୍କ ପୁଅ ସତ୍ୟବ୍ରତ ମଲ୍ଲିକ (୧୫) ନିଖୋଜ ଘଟଣାର ତଦନ୍ତ ଆରମ୍ଭ କରିଛି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍। ସେ ଗତ ରାକ୍ଷୀ ପୂର୍ଣ୍ଣିମା ଦିନ ନିଖୋଜ ହୋଇଯାଇଥିଲେ। ଏ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ଅମ୍ବର କୁମାର କର ନିର୍ଦ୍ଦେଶ ଦେବା ପରେ ଆଜି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେ ସ୍ଥାନୀୟ ଓଳିଆ ସରପଞ୍ଚ ସିଦ୍ଧେଶ୍ୱର ସଏଙ୍କ ଯାଇ ଅନୁସନ୍ଧାନ କରିଥିଲେ। ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଟିମ୍ ସତ୍ୟବ୍ରତଙ୍କ ପରିବାର ସହିତ ଆଲୋଚନା କରିଥିଲେ। ଗତ ୯ ତାରିଖ ଦିନ ସତ୍ୟବ୍ରତ ମୋବାଇଲ ଦେଖିବା ପାଇଁ ଜିଦ କରିଥିଲା। ତାକୁ ଏଥିରୁ ବାରଣ କରିବାରୁ ସେ କେଉଁଆଡେ ଚାଲି ଯାଇଥିବା ଜଣାପଡ଼ିଛି ବୋଲି ପରିବାର ଲୋକେ କହିଥିଲେ। ଏ ସଂକ୍ରାନ୍ତରେ ଗତ ୧୦ ତାରିଖରେ ସୁକିନ୍ଦା ଥାନାରେ ପିଲାର ନିଖୋଜ ସମ୍ପର୍କରେ ଏତଲା ଦିଆଯାଇଥିବା ଜଣାପଡ଼ିଛି। ପରେ ଟିମ୍ ପକ୍ଷରୁ ସତ୍ୟବ୍ରତ ପଢୁଥିବା ବିଦ୍ୟାଳକୁ ଯାଇ ସ୍କୁଲ ପ୍ରଧାନଶିକ୍ଷକ ଓ ଶ୍ରେଣୀ ଶିକ୍ଷକ ଓ ସହପାଠୀଙ୍କ ସହ କଥା ହୋଇଥିଲେ। ଏଥିରେ ବିଦ୍ୟାଳୟରେ ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପରେ ସୁକିନ୍ଦା ପୁଲିସ ଥାନାକୁ ଯାଇ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରି ବୁଝିଥିଲେ। ଅଭିଯୋଗ ମିଳିବା ପରେ ଅନୁସନ୍ଧାନ ଜାରି ରହିଛି ଏବଂ ଖୁବଶୀଘ୍ର ସତ୍ୟବ୍ରତ ଉଦ୍ଧାର ହେବ ବୋଲି ପୁଲିସ ସୂଚନା ଦେଇଥିବା ଜଣାପଡ଼ିଛି।

# ସାହାସପୁର କଲେଜର ସମସ୍ୟା ଅନୁଧ୍ୟାନ କଲେ ବିଧାୟକ

**ବାଲିଚନ୍ଦ୍ରପୁର, ୧୮।୮ (ସମିସ):** ବଡ଼ଚଣା ବିଧାୟକ ଅମର କୁମାର ନାୟକ ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର କଲେଜର ବିଭିନ୍ନ ସମସ୍ୟାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୀର୍ଘ ଦିନ ହେବ ଭଙ୍ଗା ଦଦରା ଅବସ୍ଥାରେ କଲେଜ ପରିସରରେ ଥିବା ବିଭିନ୍ନ ଶ୍ରେଣୀ ଗୃହ, କଲେଜ ଭିତର ରାସ୍ତା ଓ ମୁଖ୍ୟଦ୍ୱାରର ପ୍ରବେଶ ପଥର ସମସ୍ୟାକୁ ବିଧାୟକ ଶ୍ରୀ ନାୟକ ବୁଲି ଦେଖିଥିଲେ। ପରେ ପରେ ବିଧାୟକ ଶ୍ରୀ ନାୟକ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଉପରୋକ୍ତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷଙ୍କ ସମେତ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ ସେଠୀ ଓ ଅନ୍ୟ ଅଧ୍ୟାପକଙ୍କ ସହିତ ଆଲୋଚନା କରିଥିଲେ। ତେବେ ଏହି କଲେଜରେ ସ୍ଥାୟୀ ଅଧ୍ୟକ୍ଷ ନଥିବା ସହିତ କଲେଜର ବିଭିନ୍ନ ବିଭାଗରେ ଅଧ୍ୟାପକ ପଦବୀ ଫାଙ୍କା ପଡ଼ିଥିବା ନେଇ ଭାରପ୍ରାପ୍ତ ଅଧ୍ୟକ୍ଷ ମିଳନ କିଶୋର ଜେନା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କଲେଜର ଉନ୍ନତି ପାଇଁ ଖୁବ ଶୀଘ୍ର ଆଶୁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଯାଜପୁର ଜିଲ୍ଲାର ଏକମାତ୍ର ଏହି ସାହାସପୁର କଲେଜକୁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନାରେ ସାମିଲ କରାଯାଇ ୫ କୋଟି ଟଙ୍କା ମଞ୍ଜୁରୀ କରାଯାଇଥିବାରୁ ଏହି ଅର୍ଥରେ କଲେଜର ପ୍ରଶାସନିକ କାର୍ଯ୍ୟାଳୟ ଓ ବିଜ୍ଞାନାଗାର ସହିତ ଅନ୍ୟାନ୍ୟ ବିକାଶ ମୂଳକ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ନାୟକ କହିବା ସହିତ ଏକ କୋଟି ଟଙ୍କା ବ୍ୟୟ ବରାଦରେ କଲେଜରେ ଥିବା ଭଙ୍ଗା ଦଦରା ଗୃହର ପୁନଃରୁଦ୍ଧାର ଓ ଅତ୍ୟାଧୁନିକ ଶୈଳୀରେ କଲେଜ ପରିସରର ରାସ୍ତାକୁ ନିର୍ମାଣ ସହିତ ଅନ୍ୟାନ୍ୟ ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଏହି ସବୁ ନିର୍ମାଣ କାର୍ଯ୍ୟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଧାୟକ ଶ୍ରୀ ନାୟକ ଉପସ୍ଥିତ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କର ଏହି କଲେଜ ଗସ୍ତ ସମୟରେ ଅଧ୍ୟକ୍ଷ ଶ୍ରୀ ଜେନାଙ୍କ ସହିତ ପ୍ରାଧ୍ୟାପକ ସଞ୍ଜୟ କୁମାର ସାହୁ, ଅଧ୍ୟାପକ ସଂଗ୍ରାମ ପରିଡ଼ା, ଆଧ୍ୟାପକ ଅଭିଜିତ ନାୟକ, କଲେଜ ବଡ଼ବାବୁ ପିବିଏସ୍ ପୃଷ୍ଟି, ସରପଞ୍ଚ ପ୍ରତିନିଧି ଅମୀୟ କୁମାର ସାହାଣୀ, ସାଂସଦଙ୍କ ତହସିଲ ପ୍ରତିନିଧି ନିରଞ୍ଜନ ମହାନ୍ତି ଓ ଅଶୋକ କୁମାର ସିଂହଙ୍କ ସମେତ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶିକ୍ଷକନେତା ଲୋକନାଥ ଦାସଙ୍କ ଜୟନ୍ତୀ

**ବରୀ, ୧୮।୮ (ସମିସ):** ଆଦର୍ଶ ଶିକ୍ଷକ ଶିକ୍ଷକନେତା ଲୋକନାଥ ଦାସଙ୍କ ୮୫ତମ ଜନ୍ମ ଜୟନ୍ତୀ ପୂଜ୍ୟପୂଜ୍ୟ ପରିଷଦ ଓ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ, ମେଦୁଆକୂଳ ଆନୁକୂଲ୍ୟରେ ଶିକ୍ଷାଶ୍ରମ ପରିସରରେ ସଭାପତି ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ସମାରୋହରେ ପାଳିତ ହୋଇଯାଇଛି। ଏହି ସଭାରେ ପୂଜ୍ୟପୂଜା ପରିଷଦର ଆବାହକ ମଣ୍ଡଳୀ ସଦସ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ମଲ୍ଲ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବୈଷ୍ଣବ ଚରଣ ଦାସ, ପୂର୍ବତନ ସିଆରସିସି ରବୀନ୍ଦ୍ରନାଥ ନନ୍ଦ ଓ ମକରଧ୍ୱଜ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ମଲ୍ଲ ଯୋଗଦାନ କରିଥିଲେ। ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ଶିକ୍ଷକ, ଶିକ୍ଷିକାମାନେ ପରିଚାଳନାରେ ସହଯୋଗ କରିଥିଲେ ପରିଶେଷରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଭିନ୍ନ ଭିନ୍ନ ଦୁର୍ଘଟଣା; ଦୁଇ ମୃତ; ୨ ଗୁରୁତର

**ସୁକିନ୍ଦା/କୁନ୍ଦଳ, ୧୮।୮ (ସମିସ):** ଭିନ୍ନ ଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି।

ସୁକିନ୍ଦା ହାତୀବାରି ରାସ୍ତାର ଆମ୍ବସାର ଛକ ନିକଟରେ ଏକ ରାସ୍ତାରେ ବାଇକ ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ଚାନ୍ଦିଆ ପଞ୍ଚାୟତ ଅଧିନସ୍ଥ ଅଙ୍କୁରାପାଳ ଗ୍ରାମର ଦାଶରଥି ତାପେଙ୍କ ପୁଅ ଗଣେଶ୍ୱର ତାପେ(୩୨) ଓ ସିଦ୍ଧେଶ୍ୱର ଆଙ୍ଗରାଇ(୪୫) ଏକ ବାଇକ୍ ଯୋଗେ ଯାଉଥିବା ସମୟରେ ଆମ୍ବସାର ଛକ ନିକଟରେ ଏକ ଗଛରେ ପିଟିହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗଣେଶ୍ୱରଙ୍କୁ ମୃତ ଘୋଷଣା କରିବା ସହ ସିଦ୍ଧେଶ୍ୱରର ଚିକିତ୍ସା ଜାରି ରହିଛି। ସୂଚନା ପାଇ ସୁକିନ୍ଦା ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ସେହିପରି ବାଲିଚନ୍ଦ୍ରପୁର ଥାନା କଳାଶ୍ରୀ ଗୋପାଳପୁର ପଞ୍ଚାୟତ ଖଡ଼ଗପୁର ଗ୍ରାମର ରମେଶ ପାତ୍ରଙ୍କ ପୁଅ ଆକାଶ ପାତ୍ର (୨୩)ଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ସେହି ଗ୍ରାମର ବିଷ୍ଣୁ ବେହେରାଙ୍କ ପୁଅ ଜ୍ଞାନରଞ୍ଜନ ବେହେରା (୨୮) ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଆକାଶ ଓ ତାଙ୍କର ବନ୍ଧୁ ଜ୍ଞାନରଞ୍ଜନ ପାରାଦୀପ ଅଞ୍ଚଳରୁ ନିଜ ସ୍କୁଟି ଯୋଗେ ଏନଏଚ ୫୩ରେ ତାଙ୍କ ଗ୍ରାମ ଖଡ଼ଗପୁରକୁ ଫେରୁଥିବା ବେଳେ ଦୁହୁରିଆ ଠାରେ ଏକ ଦ୍ରୁତଗାମୀ ଅଜଣା ଟ୍ରକ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଦୁର୍ଘଟଣା ସ୍ଥଳରେ ଆକାଶଙ୍କର ମୃତ୍ୟୁ ଘଟିଥିବା ବେଳେ ଜ୍ଞାନରଞ୍ଜନ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ପୁଲିସ ଉଭୟଙ୍କୁ କେନ୍ଦ୍ରାପଡ଼ା ମେଡ଼ିକାଲ ନେଇଯିବା ସହ ତଦନ୍ତ ଚାଲୁରଖିଥିବା ଜଣାପଡ଼ିଛି। ତେବେ ଜ୍ଞାନରଞ୍ଜନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଅଳିଆ ପକାଇବାକୁ ନେଇ ଛୁରା ମାଡ଼



**କଯାଁଗୋଲା, ୧୮।୮ (ସମିସ):** ଅଳିଆ ଆବର୍ଜନା ପକାଇବାକୁ କେନ୍ଦ୍ର କରି ଦୁଇ ଭାଇ ଓ ପରିବାର ମଧ୍ୟରେ ମାର୍‌ପିଟ ଲାଗି ଜଣେ ଗୁରୁତର ଆହତ ହୋଇ ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି। ପୁଲିସ୍ ଏ ନେଇ କେସ୍ ନମ୍ବର ୨୨୨/୨୫ ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ ଅର୍ଦ୍ଧାଲୁଆ ଗ୍ରାମର ପ୍ରଭାତ ମିଶ୍ର ଠାକୁର ଘରେ ପୂଜା କରୁଥିବାବେଳେ ତାଙ୍କ ଭାଇ ପ୍ରଦୀପ ମିଶ୍ର ଅଳିଆ ଆବର୍ଜନା ଆଣି ତାଙ୍କ ଘର ଆଗରେ ପକାଇଥିଲା। ଏହାକୁ ନେଇ ବଡ଼ ଭାଇ ପ୍ରଭାତ, ସୁବ୍ରତ, ପ୍ରଦୀପ ମଧ୍ୟରେ ଅସଭ୍ୟ ଭାଷାରେ ଗାଳି ଗୁଲଜ ହୋଇଥିଲା। ଦୁହିଁଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତି ତର୍କ ଲାଗିଥିଲା। ପ୍ରଦୀପ ଉତ୍ୟକ୍ତ ହୋଇ ଏକ ଧାରୁଆ ଛୁରରେ ପ୍ରଭାତଙ୍କ ମୁଣ୍ଡ, ପେଟ ଓ ପିଠି ଆଦି ସ୍ଥାନକୁ ଅତର୍କିତ ଆକ୍ରମଣ କରିଥିଲା। ପ୍ରଭାତ ଯନ୍ତ୍ରଣାରେ ଚିତ୍କାର କରୁଥିବା ବେଳେ ତାଙ୍କ ସ୍ତ୍ରୀ ରୁନୁରାଣୀ ମିଶ୍ର ଓ ସାହି ପଡ଼ୋଶୀ ଆସି ତାଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ମଙ୍ଗଳପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପ୍ରଦୀପଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉତ୍ତମ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ମଙ୍ଗଳପୁର ଥାନା ଏସ୍‌ଆଇ ଅନିତା ପ୍ରଧାନ ଘଟଣାର ତଦନ୍ତ ଚଳାଇଛନ୍ତି।

**ବାଇକ୍‌ରେ ପଶି ଗଲା ଲୁଗାକାନି**

# ଶିଶୁପୁତ୍ର ସହ ମହିଳା ଗୁରୁତର

**ସୁକିନ୍ଦା, ୧୮।୮ (ସମିସ):** ୫୩ନଂ ଜାତୀୟରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ସିଆରିଆ ଛକ ନିକଟରେ ଏକ ଦୁର୍ଘଟଣାରେ ବାଇକ୍‌ରେ ଯାଉଥିବା ମହିଳା ଗୁରୁତର ଆହତ ହୋଇ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ କାମାକ୍ଷାନଗର ପତ୍ରକୁମ୍ଭା ଅଞ୍ଚଳର ଅଭିମନ୍ୟୁ ହେମ୍ବ୍ରମ ପତ୍ନୀ ଲକ୍ଷ୍ମୀ ହେମ୍ବ୍ରମ(୨୬)। ସେ ଏକ ବର୍ଷର ଶିଶୁ ପୁତ୍ରକୁ ନେଇ ସୋମବାର ବାଇକରେ ଦାନଗଦି ଅଞ୍ଚଳକୁ ଯାଉଥିବା ସମୟରେ ସିଆରିଆ ଛକ ନିକଟରେ ଲକ୍ଷ୍ମୀଙ୍କ ପିନ୍ଧା ଶାଢ଼ି ବାଇକ ଚକାରେ ଫଶିଯିବାରୁ ଲକ୍ଷ୍ମୀ ଶିଶୁପୁତ୍ର ସହ ପଡ଼ିଯାଇଥିଲେ। ସୌଭାଗ୍ୟବଶତଃ ଶିଶୁପୁତ୍ର ବର୍ତ୍ତିଯାଇଥିବାବେଳେ ଲକ୍ଷ୍ମୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଜାରି ରହିଛି।

# ଗ୍ରାମବାସୀଙ୍କ ଦ୍ୱାରା ଚୋରା ମଦ ଜବତ

**କଯାଁଗୋଲା, ୧୮।୮ (ସମିସ):** ମଙ୍ଗଳପୁର ଥାନା ଜାଫରପୁର ଅଞ୍ଚଳରେ ଗ୍ରାମବାସୀ ଏକ ଚୋରାମଦ କାରବାର ଉପରେ ଚଢ଼ଉ କରି ମଦ ଜବତ କରିଛନ୍ତି। ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମର ପ୍ରଭାତ ଦାସ ଆଜି ପୂର୍ବାହ୍ନରେ ମଙ୍ଗଳପୁର ଆଡୁ ଚାଉଳିଆ ଛକ ଆଡ଼କୁ ମଦ ନେଇକି ଆସୁଥିବା ବେଳେ ଚାଉଳିଆ ଗ୍ରାମର କିଛି ଯୁବକ ଓ ମହିଳା ଏକତ୍ରିତ ହୋଇ ଚୋରା ମଦ ବେପାରୀଙ୍କୁ ଅଟକାଇଥିଲେ ଓ ଚୋରା ମଦକୁ ଜବତ କରିଥିଲେ। ମାଡ଼ ଭୟରେ ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ମଙ୍ଗଳପୁର ଚାଉଳିଆ ମୁଖ୍ୟ ରାସ୍ତାରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ମଙ୍ଗଳପୁର ଥାନା ଏଏସଆଇ ଜଟାଧାରୀ ଦାସ ପହଞ୍ଚି ଚୋରା ମଦ ଜବତ କରିଥିଲେ। ଏନେଇ ମଙ୍ଗଳପୁର ଥାନା ବିଶ୍ୱଜିତ ରାୟ, ସସ୍ମିତା ଜେନା, ରେଣୁବାଲା ସୁତାର, ସରସ୍ୱତୀ ବାରିକ, ମଞ୍ଜୁଲତା ଦାସ, ଟିକିଲି ଦାସ, ଉମାମଣି ଜେନା ଥାନାରେ ଅଭିଯୋଗ କରିଛନ୍ତି।

# କାର୍ ପଛରେ ଆମ୍ବୁଲାନ୍ସ ଧକ୍କା

**ପାଣିକୋଇଲି, ୧୮।୮ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ନିକଟରେ ଏକ କାର୍ ପଛରେ ଆମ୍ବୁଲାନ୍ସ ଧକ୍କା ଦେବାରୁ ଅଳ୍ପକେ ଯାତ୍ରୀ ଓ ରୋଗୀ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ କେନ୍ଦୁଝର ଜିଲ୍ଲା ସଦର ମହକୁମା ଚିକିତ୍ସାଳୟର ଆମ୍ବୁଲାନ୍ସ (ଓଡି୦୯ଟି ୪୫୪୧) କେନ୍ଦୁଝରରୁ ଭୁବନେଶ୍ୱର ରୋଗୀ ଛାଡି ସେଠାରୁ ଡିସଚାର୍ଜ୍ୟ ହୋଇଥିବା ଏକ ରୋଗୀକୁ ନେଇ କେନ୍ଦୁଝର ଫେରୁଥିଲା। ଭୁବନେଶ୍ୱରରୁ ବାରିପଦା ଯାଉଥିବା ଏକ କାର୍ (ଓଡି୦୨ଡିସି ୧୯୫୬) ଚାର୍ଜ୍ୟ ସରିଯିବାରୁ ଚାର୍ଜ କରିବାକୁ ଚାନ୍ଦପୁର ପଟକୁ ଯାଉଥିଲା। ଆମ୍ବୁଲାନ୍ସର ବ୍ରେକ୍ ଫେଲ ହେବାରୁ ସେ କାର୍ ପଛରେ ଧକ୍କା ଦେଇଥିଲା। ହେଲେ ଗାଡି ଭାଙ୍ଗିଥିଲେ ବି ରୋଗୀ ଓ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା

**ପ୍ରୀତିପୁର, ୧୮।୮ (ସମିସ):** ଅଙ୍ଗାଳୋ ସ୍ଥିତ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ନିର୍ମଳ ଚନ୍ଦ୍ର ସାମଲଙ୍କୁ ଭାରତ ଦର୍ଶନ ନିମନ୍ତେ ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଜୟଦେବ ଆଚୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ରମାକାନ୍ତ ବେହେରା, ଅଧ୍ୟାପକ ଦିଲ୍ଲିପ ରାଉତ, ଅଧ୍ୟାପକ ଭରତଚନ୍ଦ୍ର ବେହେରା, ଅଧ୍ୟାପକ, ସୁନୀଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ପିଲାମାନଙ୍କୁ ଅର୍ଥ ନୁହେଁ, ବରଂ ଖୁସି ସାଉଁଟିବାର ଶିକ୍ଷା ଦିଅନ୍ତୁ। ତା' ହେଲେ ସେମାନେ ଯେକୌଣସି ବିଷୟକୁ ଅର୍ଥ ସହିତ ତୁଳନା ନ କରି ତା'ର ମୂଲ୍ୟ ବୁଝିପାରିବେ।
-ଷ୍ଟିଭ୍ ଜବ୍ସ

ସକାଳ THE SAKALA

## ଆଶାର ଆଲୋକ ଆଲାସ୍କା

ସବୁ ଆଶା ଓ ନିରାଶା ମଧ୍ୟରେ ଅନୁଷ୍ଠିତ ଆଲାସ୍କା ଶିଖର ବୈଠକ ଶୁକ୍ରବାର ଶେଷ ହୋଇଛି। ଆମେରିକା ଓ ରୁଷିଆର ଦୁଇ ଶୀର୍ଷ ନେତୃତ୍ୱ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ତିନିଘଣ୍ଟାର ଆଲୋଚନାରୁ ଠୋସ୍ କିଛି ନିର୍ଯାସ କି ବାର୍ତ୍ତା ବିଶ୍ୱବାସୀଙ୍କୁ ମିଳିନଥିଲେ ମଧ୍ୟ ଏହା ଯେ ସକାରାତ୍ମକ, ତାହା ଦୁଇ ନେତାଙ୍କ ପ୍ରତିକ୍ରିୟାରୁ ସ୍ପଷ୍ଟ ହୋଇଛି। କୂଟନୈତିକ ଗୋଟିଚାଳନାରେ ସିଦ୍ଧହସ୍ତ ପୁଟିନ ରୁଷର ସ୍ୱାର୍ଥକୁ ସୁରକ୍ଷିତ ରଖି ଟ୍ରମ୍ପଙ୍କୁ ମନେଇବାକୁ ସମର୍ଥ ହୋଇଛନ୍ତି। 'ଟ୍ରମ୍ପ ଯଦି ୨୦୨୨ରେ ଆମେରିକାର ରାଷ୍ଟ୍ରପତି ପଦରେ ଅବସ୍ଥାନ କରୁଥା'ନ୍ତେ ହୁଏତ ରୁଷ –ୟୁକ୍ରେନ ଯୁଦ୍ଧ ସଂଘଟିତ ହୋଇ ନ ଥା'ନ୍ତା।' ଅନନମୀୟ ଟ୍ରମ୍ପଙ୍କୁ ମନେଇବାରେ ପୁଟିନଙ୍କ ଏହି ବକ୍ତବ୍ୟ ଯଥେଷ୍ଟ ଥିଲା। କାରଣ ଏହି ଶିଖର ବୈଠକ ପୂର୍ବରୁ ୟୁରୋପୀୟ ନେତା ଓ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କ ସହ ଆଲୋଚନା ବେଳେ ତୁରନ୍ତ ଯୁଦ୍ଧ ବିରାମ ପ୍ରସ୍ତାବରେ ପୁଟିନ ରାଜି ନହେଲେ ପରିସ୍ଥିତି ଭୟାନକ ହେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିନ୍ତୁ ଆଲାସ୍କାର ଶିଖର ବୈଠକରେ ଆଲୋଚନାର ଗତି ଏଭଳି ମୋଡ଼ ନେଇଥିଲା ଯେ ଟ୍ରମ୍ପ କହିଥିଲେ, ଯୁଦ୍ଧ ବିରତି କାହିଁକି ଆମେରିକା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଚାହେଁ। ଯେଉଁ ପ୍ରସଙ୍ଗ ନେଇ ଏହି ଯୁଦ୍ଧର ସୂତ୍ରପାତ ଘଟିଥିଲା ତାହାକୁ ପରୋକ୍ଷରେ ଗ୍ରହଣ କରି ପୁଟିନଙ୍କୁ ମନେଇଛନ୍ତି ଟ୍ରମ୍ପ। ସେ ଇଙ୍ଗିତ. କରିଥିବା ମନ୍ତବ୍ୟଟି ହେଲା ୟୁକ୍ରେନ ନାଟୋର ସଦସ୍ୟ ନ ରହିଲେ ମଧ୍ୟ ତାହାର ସୁରକ୍ଷା ପ୍ରତି ଆମେରିକା ଅଙ୍ଗୀକାରବଦ୍ଧ। ପୁଟିନ ଶିଖର ବୈଠକର ଅଗ୍ରଗତିକୁ ସକାରାତ୍ମକ କହିଥିବା ବେଳେ ଟ୍ରମ୍ପ ୧୦ ରୁ ୧୦ ନମ୍ବର ଦେଇଛନ୍ତି। ସୋମବାର ହ୍ୱାଇଟ ହାଉସରେ ଟ୍ରମ୍ପ ଓ ଜେଲେନ୍ସ୍କିଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସଫଳତା ଉପରେ ନିର୍ଭର କରେ ଶାନ୍ତି ପ୍ରତିଷ୍ଠାର ସମ୍ଭାବନା।

ଆଲାସ୍କା ଶିଖର ସମ୍ମିଳନୀକୁ ଭାରତ ସ୍ୱାଗତ କରି କହିଛି ଯେ କୂଟନୈତିକ ସ୍ତରରେ ଉଦ୍ୟମ ଓ ଆପୋସ ଆଲୋଚନା ହିଁ ସବୁ ସମସ୍ୟାର ସମାଧାନ କରିପାରିବ। ରୁଷ-ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ଅବସାନକୁ ଭାରତ ସମେତ ସମଗ୍ର ବିଶ୍ୱ ଅପେକ୍ଷା କରିଛି। ଶିଖର ବୈଠକ ପରିବର୍ତ୍ତୀ ପ୍ରତିକ୍ରିୟା ମଧ୍ୟ ଭାରତ ସକାଶେ ଆଶା ସଂଚାର କରିଛି। ଚୀନ ପଛକୁ ଭାରତ ହିଁ ରୁଷରୁ ସର୍ବାଧିକ ତୈଳ ସଂଗ୍ରହ କରୁଛି। ଏଥିସକାଶେ ଭାରତ ବିରୋଧରେ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ଟ୍ରମ୍ପ, ଯାହାକି ଅଗଷ୍ଟ ୨୭ରୁ ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ଲାଗୁ ହେବାର ଥିଲା। ତେବେ ଟ୍ରମ୍ପ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଦୁଇ ତିନି ସପ୍ତାହ ସମୟ ନେଇଛନ୍ତି। ତେଣୁ ଆଗାମୀ ଦିନରେ ଏହି ବିବାଦୀୟ ଅତିରିକ୍ତ ଶୁଳ୍କ ପ୍ରସଙ୍ଗ ସମାଧାନର ନିକଟବର୍ତ୍ତୀ ହେବ ବୋଲି ଭାରତ ଆଶା କରେ। ଟ୍ରମ୍ପଙ୍କ ସମୟ ନେବା ପଛରେ ଆଉ ଯେଉଁ ଦିଗଟି ଅସ୍ପଷ୍ଟ ଅଛି, ତାହା ହେଲା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗଦାନ। ତାହାର ନିଷ୍କର୍ଷ ଉପରେ ଟ୍ରମ୍ପଙ୍କ ଅତିରିକ୍ତ ଶୁଳ୍କ ନିଷ୍ପତ୍ତି ଅନେକଟା ନିର୍ଭର କରେ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ଶିଖର ବୈଠକ ପାଇଁ ଆଲାସ୍କାକୁ ନିରୂପଣ କରିବାର ମଧ୍ୟ କିଛି ଐତିହାସିକ ପୃଷ୍ଠଭୂମି ଅଛି। ୧୭୨୫ରୁ ଆଲାସ୍କା ଥିଲା ସୋଭିଏତ ରୁଷ ଅଧୀନରେ। ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ବିପୁଳ ତୈଳସମ୍ପଦ ସେଠାରେ ଗଚ୍ଛିତ ଥିବା ସଂପର୍କରେ ଅବଗତ ହେବା ପୂର୍ବରୁ ଆର୍ଥିକ ଆବଶ୍ୟକତା ପୂରଣ ପାଇଁ ତାହାକୁ ବିକି ଦେବାକୁ ସ୍ଥିର କରିଥିବା ରୁଷ। କ୍ରିମିଆ ଯୁଦ୍ଧରେ ସମ୍ମୁଖୀନ ହୋଇଥିବା ବିପର୍ଯ୍ୟୟର ବାଧ୍ୟବାଧକତାରୁ ରୁଷ ଏହି ନିଷ୍ପତ୍ତି ନେଇଥିଲା। ଆମେରିକା ମଧ୍ୟ ଗୃହଯୁଦ୍ଧ ଅବସାନ ପରେ ଆଲାସ୍କା କ୍ରୟ ପାଇଁ ଯୋଗାଯୋଗ କରିଥିଲା। ୫ ଲକ୍ଷ ୮୦ ହଜାର ୪୧୨ ବର୍ଗ ମାଇଲ୍ ଅଞ୍ଚଳକୁ ୭.୨ ନିୟୁତ ଡଲାର ବିନିମୟରେ ୧୮୬୭ ମାର୍ଚ୍ଚ ୩୦ ତାରିଖରେ ଆମେରିକା କିଣିଥିଲା ସୋଭିଏତ୍ ରୁଷଠାରୁ। ଆଲାସ୍କା ସମ୍ପ୍ରତି ଆମେରିକାର ଉତ୍ତର ଭାଗରେ ଅନ୍ୟତମ ସମୃଦ୍ଧ ରାଜ୍ୟର ମାନ୍ୟତା ଲାଭ କରିଛି। ଏହି ଐତିହାସିକ ଶିଖର ବୈଠକ ପାଇଁ ନିର୍ଦ୍ଧାରିତ ସ୍ଥାନ ପଛରେ ଆମେରିକା ଅହଂକାର ଓ ରୁଷର ପାରମ୍ପରିକ ସଂପର୍କ ଯେ ନିହିତ ଅଛି ତାହାକୁ ଅସ୍ୱୀକାର କରି ହେବ ନାହିଁ।

ୟୁକ୍ରେନକୁ ନାଟୋ ସଦସ୍ୟତା. ପ୍ରଦାନକୁ ବିରୋଧ କରି ରୁଷ ପକ୍ଷରୁ ହୋଇଥିବା ଆକ୍ରମଣ ଏଥିମଧ୍ୟରେ ତିନିବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଟ୍ରମ୍ପଙ୍କ ପକ୍ଷରୁ ଆଗତ ଏକାଧିକବାର ଯୁଦ୍ଧ ବିରତି ପ୍ରସ୍ତାବ ଫଳପ୍ରଦ ହୋଇ ନ ଥିଲା। ପ୍ରଥମ ଥର ସକାଶେ ଆମେରିକା ଓ ରୁଷର ଶୀର୍ଷ ନେତୃତ୍ୱ ଆଲାସ୍କାରେ ଏକତ୍ରିତ ହେବା କୂଟନୈତିକ ଓ ଭୂରାଜନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ୟୁକ୍ରେନ ଓ ୟୁରୋପୀୟ ସହଯୋଗୀ ତୁରନ୍ତ ଯୁଦ୍ଧ ବିରାମ ଚାହୁଁଥିଲେ ମଧ୍ୟ ଟ୍ରମ୍ପ କିଭ୍ ଓ ମସ୍କୋ ମଧ୍ୟରେ ପ୍ରତ୍ୟକ୍ଷ ଶାନ୍ତି ରାଜିନାମାକୁ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ୟୁକ୍ରେନ ତୁଳନାରେ ରୁଷର ଶକ୍ତି ଓ ସାମର୍ଥ୍ୟ ଯଥେଷ୍ଟ ଅଧିକ। କିଭ୍ ପକ୍ଷରୁ ପ୍ରତିରୋଧ ଜାରି ରଖିବା ଅର୍ଥହୀନ। ତେଣୁ ମସ୍କୋ ସହ ରାଜିନାମାରେ ଉପନୀତ ହେବା ଜରୁରୀ। ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ଆଲୋଚନା ବେଳେ ଆଗତ ପ୍ରସ୍ତାବ ଓ ସର୍ତ୍ତ ସଂପର୍କରେ ସେ ଜେଲେନସ୍କିଙ୍କ ସହ ମତ ବିନିମୟ କରିଛନ୍ତି। ଏହାର ସଫଳତା ଉପରେ ପୁଟିନ ଓ ଜେଲେନସ୍କିଙ୍କ ଦ୍ୱିପାକ୍ଷିକ କଥାବାର୍ତ୍ତା ସକାଶେ ପଥ ପରିଷ୍କାର ହେବ। ଲକ୍ଷ ଲକ୍ଷ ନିରୀହ ଲୋକଙ୍କ ଜୀବନ ରକ୍ଷା ପ୍ରସଙ୍ଗରେ ଉଭୟ ପକ୍ଷ କୋହଳ ମନୋଭାବ ପୋଷଣ କରିବା ଉଚିତ। ଫକ୍ସ ନ୍ୟୁଜ୍‌କୁ ଏକ ସାକ୍ଷାତକାରରେ ଦଖଲ ଅଞ୍ଚଳ ବିନିମୟ ଓ ନିରାପତ୍ତା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧତା ନେଇ ଅଣାନୁଷ୍ଠାନିକ ଆଲୋଚନା ବେଳେ ଗୁରୁତ୍ୱ ଦିଆଯାଇଥିବାର ସୂଚନା ଦେଇଛନ୍ତି ଟ୍ରମ୍ପ। ଦୁଇପକ୍ଷ ସହମତିର ନିକଟବର୍ତ୍ତୀ ହୋଇଛନ୍ତି। ୟୁକ୍ରେନ ପାଇଁ ଏହା କେତେଦୂର ଗ୍ରହଣଯୋଗ୍ୟ ହେବ ତାହା ଜେଲେନସ୍କିଙ୍କ ଉପରେ ନିର୍ଭର କରେ। ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ଆଲାସ୍କାରେ କଥାବାର୍ତ୍ତା ଚାଲିଥିବା ବେଳେ ୟୁକ୍ରେନ ବିରୋଧରେ ରୁଷ ଆକ୍ରମଣ ଜାରି ରଖିଥିଲା। ଦୁଇ ପରସ୍ପର ବିରୋଧୀ ମାନସିକତା ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସମ୍ଭାବନା କେତେଦୂର ଗ୍ରହଣୀୟ ତାହା ମଧ୍ୟ ବିଚାର୍ଯ୍ୟ। ୟୁକ୍ରେନକୁ ନାଟୋ ସଦସ୍ୟତାରୁ ଦୂରେଇ ରଖିବାର ବାଧ୍ୟବାଧକତା ନେଇ ଟ୍ରମ୍ପ ଯେଉଁ ପରୋକ୍ଷ ଇଙ୍ଗିତ ଦେଇଛନ୍ତି ତାହା ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ।

ଭାରତ ତାହାର ସାର୍ବଭୌମ ଅଧିକାରକୁ ତୈଳ ଆମଦାନୀ ପ୍ରସଙ୍ଗରେ ସାଲିସ କରିନାହିଁ କି ଏ ସଂପର୍କରେ ଆମେରିକାର ଚାପ ସତ୍ତ୍ୱେ ନିଷ୍ପତ୍ତି ବଦଳାଇନାହିଁ। ଆଲାସ୍କା ଶିଖର ବୈଠକ ପରେ ଟ୍ରମ୍ପ ନିଜ ଆଡୁ କହିଥିଲେ ଯେ ରୁଷରୁ ତୈଳ ଆମଦାନୀ ବନ୍ଦ କରିଛି ଭାରତ, ଯାହାକି ଅସତ୍ୟ ଓ ନିରାଧାର। ଏହି ପ୍ରସଙ୍ଗରେ ସେ ଯେଉଁ ୨୫% ଅତିରିକ୍ତ ଶୁଳ୍କ ଆଦାୟ ନିର୍ଦ୍ଦେଶ ଦେଇଥିଲେ ତାହାର ପୁନଃବିଚାର କରୁଥିବା ସୂଚନା ଦେଇଛନ୍ତି। ଭାରତ ଭଳି ଚୀନ ମଧ୍ୟ ରୁଷରୁ ତୈଳ ଆମଦାନୀ କରୁଛି। ଉଭୟଙ୍କ କ୍ଷେତ୍ରରେ ସେ ସାନି ନିଷ୍ପତ୍ତି ନେବା ପାଇଁ ଦୁଇ ତିନି ସପ୍ତାହ ନେଇଛନ୍ତି। ତେଣୁ କିଛି ନୂଆ ସମ୍ଭାବନା ନେଇ ଆଶା କରିବାର ଯଥାର୍ଥତା ଅଛି। ●

## ଅସିମ ମୁନିର ଓ ଅବୋଲକରା ଜିଭ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ବିଶ୍ୱବିଖ୍ୟାତ ମନୋବୈଜ୍ଞାନିକ ତଥା ମନୋଚିକିତ୍ସକ 'ସିଗ୍‌ମଣ୍ଡ ଫ୍ରଏଡ୍' ଯଦି ଏବେ ଜୀବିତ ଥା'ନ୍ତେ, ସେ ପାକିସ୍ତାନର ସାମରିକ ବାହିନୀର ଫିଲ୍‌ଡ ମାର୍ଶାଲ୍ ପଦକୁ ସଦ୍ୟ ଉନ୍ନୀତ 'ଅସିମ ମୁନିର'ଙ୍କୁ କେତେ ଯେ ଧନ୍ୟବାଦ ଦେଇଥା'ନ୍ତେ କିଏ ଜାଣେ? କାରଣ ଅସୀମ ଅବିମୃଶ୍ୟକାରିତାର ଲଜ୍ଜାଜନକ ଉଦାହରଣମାନ ଆମକୁ ଭେଟି ଦେଇ ଚାଲିଥିବା ଏ ଅସିମ ମୁନିର ନିକଟରେ ଆମେରିକାର ଫ୍ଲୋରିଡ଼ା ସହରରେ ପାକିସ୍ତାନୀ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଉଥିବା ବେଳେ ତାଙ୍କ ଅମାନିଆ ତୁଣ୍ଡରୁ ଯେଉଁଟି ଉତୁରି ପଡ଼ିଥିଲା, ସେଇଟି ନିଶ୍ଚୟ 'ଫ୍ରଏଡିଆନ୍ ସ୍ଲିପ୍' ପରି ଅକସ୍ମାତ୍ ଜିହ୍ୱାଗ୍ର-ପତିତ ବାକ୍ୟଟିଏ। 'ଫ୍ରଏଡିଆନ୍ ସ୍ଲିପ୍' ହେଉଛି ଅବଚେତନ ମନର କୌଣସି ଏକ ଅବଦମିତ ଭାବନାର ଭାଷିକ ପରିପ୍ରକାଶ। ଘୋର ଭାରତ ବିଦ୍ୱେଷୀ ତଥା ହିନ୍ଦୁ-ବିଦ୍ୱେଷୀ ବିଷଜ୍ୱାଳାରେ ମୁନିରଙ୍କ ଅବଚେତନ ମନ ନୁହେଁ, ଚେତନ ମନଟି ବି ପୂରାପୂରି ନେଳି ପଡ଼ିଯାଇସାରିଛି 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନର ଦୟନୀୟ ପରାଭବ ପରେ। ତେଣୁ ସେ ବିଚରା କିପରି ବା ନିଜର ବିଷଭରା ଜିଭଟିକୁ ଆୟତ୍ତରେ ରଖିପାରିଥା'ନ୍ତେ?

ଆମେରିକାରେ ଆପଣାର ଶୂନ୍ୟଗର୍ଭ ଢମପଣିଆର ଉଦାହରଣଟିଏ ଉପସ୍ଥାପନ କରିବାର ଦାୟରେ ଶତ୍ରୁଦେଶ ଭାରତକୁ କଡ଼ା ଧମକଟିଏ ଦେବା ପାଇଁ ଠିକଣା ବାକ୍ୟ-ବିନ୍ୟାସଟିଏ କରିବାକୁ ମୁନିର ତାଙ୍କ ମଗଜଟି ନିଶ୍ଚୟ ଖଟାଇଥିବେ। କିନ୍ତୁ କ'ଣ ବା କରିବେ ସେ? ତାଙ୍କର ସେ ମଗଜଟି ତ ଆଉ ଆମତୁମମାନଙ୍କ ପରି ନୁହେଁ। ସେଥିରେ ତ ଘୃଣା ଓ ଅସୂୟାର ଓ ତକ୍ଷକ-ଅହଙ୍କାର ପ୍ରାବଲ୍ୟ। ସେଥିରୁ ଯାହା ଉଦ୍‌ଗିରିତ ହେବ, ତାହା କିପରି ବା ଭଦ୍ର, ସଂଯତ ବା ପ୍ରୀତିପ୍ରଦ ହେବ? ମୁନିର-ଜାତୀୟ ମଣିଷମାନଙ୍କ ପ୍ରତିଟି ବକ୍ତବ୍ୟ, ପ୍ରତିଟି ଉଚ୍ଚାରଣରେ ବାରମ୍ବାର 'ଫ୍ରଏଡିଆନ୍ ସ୍ଲିପ୍'ମାନ ଘଟିବା ତେଣୁ ଖୁବ୍ ସ୍ୱାଭାବିକ ନିଶ୍ଚୟ। ତେବେ ସେଦିନ ଫ୍ଲୋରିଡ଼ାର ସେ ସଂଗତରେ ଅସିମ ମୁନିରଙ୍କ ତୁଣ୍ଡରୁ ବାହାରିଯାଇଥିବା ବାକ୍ୟଟି ତାଙ୍କର କଟ୍ଟର ଅନୁଗତ ମଣିଷମାନଙ୍କୁ ବି ସ୍ୱୀକାର କରିବାକୁ ବାଧ୍ୟ କରିଥିବ ଯେ ସେମାନଙ୍କ ଏ ଫିଲଡ୍ ମାର୍ଶାଲ୍ ଶୀର୍ଷସ୍ତରୀୟ ହୁଙ୍କାପିଟା ନିର୍ବୋଧ ଜଣେ। ନହେଲେ କ'ଣ କେବେ ସେ କହିଥା'ନ୍ତେ- 'ଭାରତ ଏକ 'ମର୍‌ସିଡିଜ୍' ହେଲେ ପାକିସ୍ତାନ ଏକ 'ଡଂପ୍ ଟ୍ରକ୍'। ଅର୍ଥାତ, ଶତ୍ରୁ ଦେଶ ଭାରତ ହେଉଛି ସମ୍ଭ୍ରାନ୍ତ-ଦର୍ଶନ 'ମର୍‌ସିଡିଜ୍'କାର୍‌ଟିଏ ପରି ଦ୍ରୁତ ବେଗଗାମୀ ଏବଂ ପାକିସ୍ତାନ ଏକ ଅଳିଆ ଆବର୍ଜନାଭରା, ଅସୁନ୍ଦର ଗଢ଼ଣର ମାନ୍ଦା, ଓଜନିଆ ଟ୍ରକ୍‌ଟିଏ।

ଅହଂସ୍ଫୀତ ମୁନିରଙ୍କ ଏ ରୂପକ ଦୁଇଟିର ବ୍ୟଞ୍ଜନାର୍ଥ ଖୋଦ୍ ପାକିସ୍ତାନୀମାନଙ୍କୁ ହତଭମ୍ବ କରିଦେଇଥିବ, ଲଜ୍ଜାବନତ କରି ଦେଇଥିବ। କାରଣ ବିଶ୍ୱସମ୍ମୁଖରେ ତାଙ୍କରି ଫିଲ୍‌ଡ ମାର୍ଶାଲ୍ ପୂରାପୂରି ଅନାବରଣ କରି ଥୋଇଦେଲେ ପାକିସ୍ତାନକୁ। କହିଦେଲେ ନିର୍ଘାତ ସତଟିଏ, ଯେଉଁଟିକୁ ଲୁଚାଇବାକୁ ଯାଇ କେତେକେତେ ଛଳବଳ କୌଶଳର ଆଶ୍ରୟ ନେଇ ଚାଲିଛି ପାକିସ୍ତାନ ତା'ର ଜନ୍ମ ଅବଧିରୁ ଏ ପର୍ଯ୍ୟନ୍ତ। କିନ୍ତୁ ଆମେ ଭାରତୀୟମାନେ ମୁନିରଙ୍କୁ ଅଶେଷ ଧନ୍ୟବାଦ ଦେବା। ତାଙ୍କର ସେ ଘୃଣାରଞ୍ଜିତ ଅବଚେତନ ମନର ପୃଷ୍ଠାରେ ଅଲିଭା କାଳିରେ ଲେଖି ହୋଇରହିଥିବା ଭାରତ ସଂପର୍କିତ ବ୍ୟାଖ୍ୟାନଗୁଡ଼ିକରୁ ଗୋଟିଏ ନିଛକ ସତ ଉତୁରି ଆସିଛି ସମ୍ଭବତଃ ତାଙ୍କ ଅଜାଣତରେ। ସେ ଯାହା ହେଉ, ମୁନିରଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍'ଏଇ କେତୋଟି ଦିନ ଧରି ଭାରତୀୟଙ୍କୁ (ବିଶ୍ୱବାସୀଙ୍କୁ ବି) ଦେଇ ଚାଲିଛି ଅସରନ୍ତି ହାସ୍ୟବିନୋଦନର ମୁହୂର୍ତ୍ତ। ସେଥିପାଇଁ ଆମମାନଙ୍କ ଦୃଷ୍ଟିରେ ଏ ମଣିଷ ଜଣକର ଏ ନିରୋଳା ନିର୍ବୋଧତା ଅବଶ୍ୟ ପ୍ରଶଂସନୀୟ।

ମୁନିର ମହୋଦୟଙ୍କ ଏ 'ଫ୍ରଏଡିଆନ୍ ସ୍ଲିପ୍' (ଅବଲୋକରା ଜିହ୍ୱାସ୍ଖଳନ) ପାଇଁ ସେ ଇତିହାସ ପ୍ରସିଦ୍ଧ ଏମିତି କେତେଜଣ ଖ୍ୟାତ ବା ଅଳ୍ପଖ୍ୟାତ ବ୍ୟକ୍ତିମାନଙ୍କ ଗହଣରେ ଏବେ। ଆକ୍ଷରିକ ଅର୍ଥରେ ଫ୍ରଏଡିଆନ୍ ସ୍ଲିପ୍ ନ ହେଲେ ମଧ୍ୟ ଅନେକଙ୍କ ତୁଣ୍ଡରୁ ଆମେ ଶୁଣିଛେ ଏମିତି କେତେ ଜିହ୍ୱାଗ୍ର-ପତିତ ଆମୋଦଦାୟକ, ହାସ୍ୟୋଦ୍ଦୀପକ ବାକ୍ୟ ବା ଖଣ୍ଡବାକ୍ୟମାନ। ଆମେରିକୀୟ ଅଭିନେତ୍ରୀ 'ମେରିଲ୍ ଷ୍ଟ୍ରିପ୍' ଥରେ ତାଙ୍କ ପ୍ରଶଂସକମାନଙ୍କୁ ଧନ୍ୟବାଦ ଦେବାକୁ ଯାଇ କହିଦେଲେ, 'ଆଇ ଉଡ୍ ଲାଇକ୍ ଟୁ ସ୍ୱାଙ୍କ୍ -ନୋ, ନୋ, ଟୁ ଥ୍ୟାଙ୍କ୍ ୟୁ ଅଲ୍'। ଇଂରାଜୀ 'ଥ୍ୟାଙ୍କ୍' ଶବ୍ଦଟି ସହିତ 'ସ୍ୱାଙ୍କ୍' ଶବ୍ଦଟିର ଉଚ୍ଚାରଣଗତ ସାମ୍ୟଟି ଯୋଗୁଁ ଏମିତି ଏକ ଅପ୍ରତିଭ ମୁହୂର୍ତ୍ତର ସାମ୍ନା କରିବାକୁ ହେଇଥିଲା ତାଙ୍କୁ। ଅପ୍ରତିଭ କେମିତି ବା ନ ହେବେ ସେ, କାରଣ 'ଥ୍ୟାଙ୍କ୍'ର ଅର୍ଥଟି ଧନ୍ୟବାଦ ହେଲେ, 'ସ୍ୱାଙ୍କ୍'ର ଅର୍ଥ ହେଉଛି ପିଟିବା ବା ମାଡ଼ଦେବା -ପୂରାପୂରି ଓଲଟା। ମେରିଲ୍ ଷ୍ଟ୍ରିପ୍‌ଙ୍କ ଏ ଉଚ୍ଚାରଣଗତ ତ୍ରୁଟି ଏକପ୍ରକାର 'ମାଲାପ୍ରପିଜିମ୍'। ଉଲ୍ଲେଖ୍ୟ ଯେ ଇଂରାଜୀ ନାଟ୍ୟକାର 'ସେରିଡାନ୍'ଙ୍କ ନାଟକ 'ଦି ରାଇଭାଲସ୍'ର ଚରିତ୍ର 'ଶ୍ରୀମତୀ ମାଲାପ୍ରପ୍'ଙ୍କ ସଂଳାପମାନଙ୍କରେ ମିଳିଥାଏ ଏମିତି ଅନେକ ଉଚ୍ଚାରଣଗତ ତ୍ରୁଟି। ଏଇ ଯେମିତି- 'ହି ଇଜ୍ ଦି ଭେରି ପାଇନ୍‌ଆପ୍‌ଲ ଅଫ୍ ପୋଲାଇଟ୍‌ନେସ୍'। ମାଲାପ୍ରପ୍ 'ପାଇନ୍‌ଆପ୍‌ଲ' (ସପୁରୀ) କହିଦେଲେ 'ପିନାକିଲ୍' (ଶୀର୍ଷ ବା ଶିଖର) କହିବା ପରିବର୍ତ୍ତେ। ତେବେ ସବୁଠୁ ପ୍ରସିଦ୍ଧ ମାଲ୍‌ପ୍ରପିଜିମ୍‌ଟି ହେଉଛି- 'ସି ଇଜ୍ ଆଜ୍ ହେଡ୍‌ଷ୍ଟ୍ରଂଗ ଆଜ୍ ଏନ୍ ଏଲିଗୋରୀ ଅନ୍ ଦି ବ୍ୟାଙ୍କସ୍ ଅଫ୍ ନାଇଲ୍'- ଏଲିଗୋରୀ (ରୂପକାତ୍ମକ କଥା) ସହିତ ଏଲିଗେଟ୍‌ର (କୁମ୍ଭୀର) ର ଉଚ୍ଚାରଣଗତ ସାମାନ୍ୟ ସମାନତା ଯୋଗୁଁ। ମହାନ୍ ନାଟ୍ୟକାର ସେକ୍‌ସପିୟର ବି ତାଙ୍କ ନାଟକ 'ମଚ୍ ଏଡୋ ଏବାଉଟ୍ ନଥିଙ୍ଗ'ରେ ଆମକୁ ଦେଇଥିଲେ ଶ୍ରୀମତୀ ମାଲାପ୍ରପ୍‌ଙ୍କ ପରି ଚରିତ୍ରଟିଏ। ନାମ ଥିଲା ତାଙ୍କର 'ଡଗ୍‌ବେରି'। ବେଳଅବେଳରେ କାହା କାହା ତୁଣ୍ଡରୁ ଅଜାଣତରେ ବାହାରିଯାଉଥିବା ଏମିତି ହାସ୍ୟୋଦ୍ଦୀପକ ବାକ୍ୟ ସବୁକୁ କେତେକ ବି କହିଥା'ନ୍ତି 'ଡଗ୍‌ବେରିଜିମ୍'।

ଆଉ କେତୋଟିର ଉଦାହରଣ ଦେବା। ଖାସ୍ ମୁନିରଙ୍କୁ କିଛିଟା ଅଧିକ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ। ୧୯୮୮ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ୍ ତାଙ୍କର ପୂର୍ବସୂରୀ ରେଗାନଙ୍କୁ ପ୍ରଶଂସା କରିବାର ମହତ୍ ଉଦ୍ଦେଶ୍ୟ ରଖି କିଛି ପ୍ରଶସ୍ତିମୂଳକ ବାକ୍ୟ ଢାଳି ଦେଇ ଚାଲିଥିବା ବେଳେ ଶେଷଆଡ଼କୁ କହିଦେଲେ -'ଉଇ ହାର୍ଡ୍ ସମ୍ ସେଟ୍‌ବ୍ୟାକ୍‌ସ' (ପ୍ରତିବନ୍ଧକମାନ)। ତେବେ ଗୁରୁତର ତ୍ରୁଟିଟିଏ କରିଦେଲେ ସେ। କାରଣ 'ସେଟ୍' ନ କହି କହିଦେଲେ ତିନୋଟି ଇଂରାଜୀ ଅକ୍ଷରର ବିପଦଜନକ ଶବ୍ଦଟିଏ, ଯାହା ସେହି 'ସେ' ଉଚ୍ଚାରଣରୁ ଆରମ୍ଭ ହୋଇଥାଏ। ଜର୍ଜ ବୁଶ୍‌ଙ୍କ ପାଇଁ ଏଇଟି ଥିଲା ଅତି ଅପମାନଜନକ ମୁହୂର୍ତ୍ତ। ସେମିତି ଅପମାନଜନକ ମୁହୂର୍ତ୍ତଟିଏ ଭୋଗିଥିଲେ 'ଟେଡ୍ କେନେଡି' ୧୯୧୧ମସିହାରେ। ଆମେରିକାର ଦୂରଦର୍ଶନରେ 'ଦି ବେଷ୍ଟ ଏଣ୍ଡ ଦି ବ୍ରାଇଟେଷ୍ଟ'ମାନଙ୍କ ସଂପର୍କରେ ଛୋଟ ପରାମର୍ଶମୂଳକ ବାର୍ତ୍ତାଟିଏ ଦେଉଥିବା ବେଳେ 'ବେଷ୍ଟ' ଶବ୍ଦଟି ନ କହି କହିଦେଲେ ଅନ୍ୟ ଶବ୍ଦଟି - 'ବେ' ଅକ୍ଷରରେ 'ର' ଫଳାଟିଏ ଯୁକ୍ତ କରି। କିଏ ଜାଣେ ଚର୍ଚ୍ଚିତ ଏଇ କେତେଜଣ 'ଫ୍ରଏଡିଆନ୍ ସ୍ଲିପ୍' ଯେଉଁ ସନ୍ଦର୍ଭରେ ବ୍ୟବହାର କରାଯାଏ, ସେମିତି କରିଛନ୍ତି କି ନାହିଁ? ତେବେ ଗୋଟିଏ କଥା ଏଥିରୁ ନିଶ୍ଚୟ ସ୍ପଷ୍ଟ ଯେ ଯିଏ ଯେଉଁଠି ଯାହା କହୁଥିବେ, ସେତେବେଳେ ପୂରାପୂରି ସଜାଗ ରହିବା ସେମାନଙ୍କର ସବୁଠାରୁ ଗୁରୁଦାୟିତ୍ୱ। କାରଣ ଏ ଜିଭ ଖଣ୍ଡିକ ଅନେକ ଧାର ଥିବା ଛୁରୀକା କିମ୍ବା କରତଟିଏ। କିନ୍ତୁ କିଏ ବା ନ ଜାଣେ ଏ ଫିଲ୍‌ଡ ମାର୍ଶାଲ୍ ମୁନିର ଜଣକ ତାଳମେଳ କେବେ ହେଲେ ଠିକ୍ ରଖିପାରୁ ନ ଥିବା ଅସଂଯତ ମଣିଷ ଜଣେ ବୋଲି? ମସ୍ତବଡ଼ ଅହଂସ୍ଫୀତ ଅଥଚ ନିରୋଳ ନିର୍ବୋଧ ନ ହୋଇଥିଲେ ସେ କ'ଣ ଆମେରିକାର ମାଟିରେ ବାହୁସ୍ଫୋଟ ମାରି କହିଥା'ନ୍ତେ- 'ପାକିସ୍ତାନ ଉପରେ ବିପଦ ଘନେଇ ଆସିଲେ ସେ ଅଧା ପୃଥିବୀକୁ ଭସ୍ମୀଭୂତ କରିଦେବେ ପରମାଣୁ ବୋମାମାଡ଼ରେ'?

ଏ ଧରଣର ମାଲାପ୍ରପିଜିମ୍ ଓ ଡଗ୍‌ବେରିଜିମ୍ ପରି ଅନ୍ୟ ଏକ କୌତୁହଳପ୍ରଦ ଭାଷିକ ତ୍ରୁଟିଟି ହେଉଛି 'ସ୍ପୁନରିଜିମ୍'। ଉନବିଂଶ ଶତାବ୍ଦୀର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରଫେସର 'ଉଇଲିୟମ୍ ଆର୍ଚ୍ଚିବାଲ୍‌ଡ ସ୍ପୁନର' ଅଭ୍ୟାସଗତ ଭାବରେ ଗୋଟିଏ ବାକ୍ୟର ଶବ୍ଦସବୁର ଅକ୍ଷରଗୁଡ଼ିକୁ ଠିକଣା ଶବ୍ଦମାନଙ୍କରୁ କାଢ଼ିନେଇ ଅନ୍ୟ ଶବ୍ଦ ସହିତ ଯୋଡ଼ି ଦେଉଥିଲେ। ଏ ପ୍ରକାର ଉଚ୍ଚାରଣଗତ ତ୍ରୁଟିଟି ଅବଶ୍ୟ କୌଣସି ଦୃଷ୍ଟିରୁ ଫ୍ରଏଡିଆନ୍ ସ୍ଲିପ୍ ପରି ଅର୍ଥବହ ନୁହେଁ। ଏହା କେବଳ ନିର୍ମଳ ହାସ୍ୟକଲ୍ଲୋଳ ସୃଷ୍ଟି କରିଥାଏ। ସ୍ୱୟଂ ସ୍ପୁନର ଥରେ କୌଣସି କାରଣରୁ ଉତ୍ତ୍ୟକ୍ତ ହୋଇ ହାତମୁଠା କରି ଜଣେ ବ୍ୟକ୍ତି ଆଡ଼କୁ ଆଗେଇଯାଇ କହି ପକାଇଲେ, 'ବ୍ଲଡି ଫୁଲ୍ ! ଆଇ ଉଇଲ୍ ଗିଭ୍ ୟୁ ଏ ବ୍ଲସିଂ କ୍ରୋ'। ଅର୍ଥାତ୍ 'କ୍ରସିଂ ବ୍ଲୋ' (ଶକ୍ତ ମୁଥ) ନ କହି କହିଦେଲେ 'ବ୍ଲସିଂ କ୍ରୋ' (ଲାଜୁଆ କୁଆ)। ଆମେ ଓଡ଼ିଆମାନେ ବି ଏଇ ଧରଣର ସ୍ପୁନରିଜିମ୍ ଘଟାଇଥାଉ ଆମ ଉଚ୍ଚାରିତ ବାକ୍ୟମାନଙ୍କରେ। ଏଇ ଯେମିତି: 'ଶୀତ ବୋଲିଲେ ଗୀତ ଛାଡ଼ିଯିବ', 'ଖଜୁରୀ ଗୁଣର କି ଗଛ ଗାଇବି' କି 'ଗୁଣ ଧୋଉଥାଅ, ଅଖା ଗାଉଥାଅ'। ଆମ ପାଟିରେ 'କମଳ' ହୋଇଯାଏ 'କଳମ' କିମ୍ବା 'ତୁମେ ମୋ ପ୍ରିୟ ବନ୍ଧୁଙ୍କ ପତ୍ନୀ' ହେଇଯାଇଥାଏ 'ତୁମେ ମୋ ପତ୍ନୀଙ୍କ ପ୍ରିୟ ବନ୍ଧୁ'। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସେମାନେ ମଧ୍ୟ ମଣିଷ

**ଅକ୍ଷୟ କୁମାର ମିଶ୍ର**

ସଭ୍ୟତା ଆଗକୁ ବଢ଼ୁଛି। ମଣିଷ ଶିକ୍ଷିତ ହେଉଛି। ମାତ୍ର ଏବେ ବି ଛୁଆଁଅଛୁଆଁର ଭେଦ ଭାବ ଭିତରେ କିଛି ଲୋକ ପେଶି ହୋଇଯାଉଛନ୍ତି। କିଛି ସୁବିଧାଜନକ ସ୍ଥିତିରେ ଥିବା ଲୋକମାନେ ସେମାନଙ୍କର କାମ ସହିତ ଭାଗ୍ୟକୁ ଯୋଡ଼ି ଦେଇ କୁହୁଛନ୍ତି, 'ତା'ର ଜାତି ଯାହା ତା'ର କାମ ସେଇଆ। ଏହା ସେମାନଙ୍କର କୌଳିକ ବୃତ୍ତି। ସେମାନେ ନକଲେ କରିବ କିଏ?' ସେମାନଙ୍କ ମଧ୍ୟରୁ କିଛି ପରମ୍ପରାକୁ ସମ୍ମାନ ଜଣାଇ ବାପା ଦାଦାଙ୍କୁ ଅନୁସରଣ କରି ସେହି କାମ କରନ୍ତି। କିଛି ଲୋକ ବାଧ୍ୟବାଧକତାରେ ସେହି କାମ କରନ୍ତି। ଅଳ୍ପ କିଛି ଲୋକ ଆଗ୍ରହର ସହିତ ସେହି କାମରେ ନିଜକୁ ସମର୍ପି ଦିଅନ୍ତି। ଅନ୍ୟର ଟାହି ଟାପରା ସହନ୍ତି। ଗାଳିଗୁଲଜକୁ ହଜମ କରନ୍ତି। ଆକ୍ଷେପ ପ୍ରତ୍ୟାକ୍ଷେପ ଶୁଣି ଚୁପ୍ ରୁହନ୍ତି।

ସେହିସବୁ ଲୋକମାନଙ୍କ ପାଇଁ ଆମ ରାସ୍ତା, ଘାଟ, ଘର, ଦପ୍ତର ପରିଷ୍କାର ପରିଚ୍ଛନ୍ନ ରହେ। ପରିବେଶକୁ ପ୍ରଦୂଷଣରୁ ମୁକ୍ତ ରଖିବାରେ ଏମାନେ ଯେଉଁ ଭୂମିକା ନିର୍ବାହ କରନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। କିନ୍ତୁ ସେମାନେ କେଉଁଠି କେମିତି ବାସ କରନ୍ତି, ସେମାନଙ୍କର ଜୀବନ ଶୈଳୀ କେମିତି, ସେମାନଙ୍କର ଶିକ୍ଷା ଦୀକ୍ଷା ସମ୍ପର୍କରେ ଆମ ସମାଜ କେବେ ଚିନ୍ତା କରେ ନାହିଁ। ନିଜ ଜୀବନକୁ ବାଜି ଲଗାଇ କୀଟ ଦୁର୍ଗନ୍ଧମୟ ପରିବେଶ ଭିତରେ ନିଜ କର୍ମକୁ କର୍ତ୍ତବ୍ୟ ଭାବି ସମ୍ପାଦନ କରିଚାଲନ୍ତି ଏବଂ ଆମ ପାଇଁ ଏକ ସୁସ୍ଥ ପରିବେଶ ଉପହାର ଦିଅନ୍ତି। ବାସୋପଯୋଗୀ ଘରଟିଏ ଏମାନଙ୍କର ପ୍ରାୟ ନଥାଏ। ସବୁଠାରୁ ତଳ ପାହାଚର ମଣିଷ ବୋଲି ଏମାନଙ୍କୁ ବିଚାର କରାଯାଏ।

ଆମେ ଯେଉଁ ଅଳିଆ, ଆବର୍ଜନା, ଅଇଁଠା ପତର, ପରିତ୍ୟକ୍ତ ଖାଦ୍ୟ ପଦାର୍ଥକୁ ରାସ୍ତା କଡ଼ରେ ଢାଳି ଦେଉ ଏମାନେ ତାକୁ ଗୋଟାଇ ବୋହି ନିଅନ୍ତି। ନାଳ ନର୍ଦ୍ଦମା ସଫା କରନ୍ତି। ରାସ୍ତା ଘାଟରେ ପଡ଼ୁଥିବା ମଳ, ବିଲେଇ କୁକୁରର ପଚା ଶବ ଉଠାଇବା ଦାୟିତ୍ୱ ଏମାନଙ୍କ ଉପରେ। ପାଇଖାନା ଟାଙ୍କି ସଫା କରିବାଠାରୁ ଆରମ୍ଭ କରି ସମସ୍ତ ମଇଳା ସଫା କରିବା ଦାୟିତ୍ୱ ଏମାନଙ୍କ ଉପରେ। କେହି କେବେ ଭାବିଛନ୍ତି ଏମାନେ ଯଦି ଏହି କାମ କରି ନ ଥା'ନ୍ତେ ତେବେ କୁଢ଼ କୁଢ଼ ମଇଳା ଆବର୍ଜନା ଭିତରେ ଆମେ କେତେ କାଳ ବଞ୍ଚିଥା'ନ୍ତେ? ଅଥଚ ଏମାନଙ୍କୁ ଛୁଇଁଦେଲେ ଆମ ପବିତ୍ର ଶରୀରଟା କୁଆଡ଼େ ଅପବିତ୍ର ହୋଇଯାଏ। ଏଇ କଥାକୁ ନେଇ ଆଜିବି ବହୁ ଅମାନବୀୟ ଘଟଣା ଘଟୁଛି।

କେତେବେଳେ ହାତରେ ଗ୍ଲୋବ୍‌ସ ଥାଏ, କେତେବେଳେ ଖାଲି ହାତରେ, କେତେବେଳେ ବିନା ମାସ୍କରେ ଏମାନେ ଏହି ସବୁ ସଫେଇ କାମ କରି ଚାଲନ୍ତି। ଶରୀର ଭିତରକୁ ନାନାଦି ଜୀବାଣୁ ଅବାଧରେ ପ୍ରବେଶ କରେ। ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ଅକାଳରେ ଜୀବନ ହାରନ୍ତି। ପାଇଖାନା ଟାଙ୍କି ସଫା କରିବାକୁ ଯାଇ ବେଳେ ବେଳେ ସେହି ଟାଙ୍କି ଭିତରେ ଏମାନଙ୍କର ଜୀବନ ମଧ୍ୟ ଚାଲିଯାଏ। ସମସ୍ତ ସମ୍ଭାବ୍ୟ ବିପଦକୁ ଖାତିରି ନକରି ଏମାନେ ସିନା ଏହିସବୁ କାର୍ଯ୍ୟରେ ନିଜକୁ ହଜେଇ ଦିଅନ୍ତି, କିନ୍ତୁ ଏମାନଙ୍କ ଦୁଃଖ, ଦୁର୍ଦ୍ଦଶା ପ୍ରତି ସମବେଦନା ଦେଖାଇବାକୁ ନା ଅଛି ସମାଜ ନା ସରକାର। ନା ପାଆନ୍ତି ସାମାଜିକ ମର୍ଯ୍ୟାଦା ନା ଅଛି ଯଥାଯଥ ଆର୍ଥିକ ପ୍ରୋତ୍ସାହନ। ଅଧିକାଂଶ ସଫେଇ କର୍ମଚାରୀ ଶୋଷଣର ଶିକାର ହୁଅନ୍ତି। ଖୁବ୍ କମ୍ ପାରିଶ୍ରମିକ ନେଇ କାମ କରିବାକୁ ବାଧ୍ୟ ହୁଅନ୍ତି। କାମର ସ୍ଥାୟିତ୍ୱ ନଥାଏ କି ଜୀବନର ନିରାପତ୍ତା ନଥାଏ। ନିର୍ଯାତନା ଓ ଶୋଷଣର ଅନ୍ତ ନ ଥାଏ।

ଏଭଳି ସ୍ଥିତିରେ ଏମାନଙ୍କର ଜୀବନ ଧାରଣର ମାନ କେତେ ଉନ୍ନତ ହୋଇଥିବ ତାହା ସହଜରେ ଅନୁମେୟ। ଏପରିକି ଅନ୍ୟର ପାଇଖାନା ସଫା କରୁଥିବା ଲୋକଟିର ନିଜର ଗୋଟିଏ ପାଇଖାନା ନଥାଏ। ରାସ୍ତା କଡ଼ରୁ କିମ୍ବା ଡଷ୍ଟବିନ୍‌ରୁ ଯେଉଁ ସବୁ ଖାଦ୍ୟ ପଦାର୍ଥ ଗୋଟାଇ ନେଇ ଏମାନେ ଫିଙ୍ଗନ୍ତି ସେସବୁ ଏମାନଙ୍କ ପାଇଁ ସପନ। ରୋଗ ଶଯ୍ୟାରେ ପଡ଼ିଲେ ଉଚିତ ଚିକିତ୍ସା ପାଇବା ଏମାନଙ୍କ ଭାଗରେ ଜୁଟେ ନାହିଁ। ମାତ୍ର ଡାକ୍ତରଖାନାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏମାନେ ବିନା ଦ୍ୱିଧାରେ ରୋଗୀର ମଳ, ପରିସ୍ରା ସଫା କରନ୍ତି। ଅଭାବ ଅନଟନ ଭିତରେ ନିଜ ପିଲାଙ୍କୁ ମୁଠାଏ ଭଲ ଖାଦ୍ୟ, ଉତ୍ତମ ଶିକ୍ଷା ଦେବାକୁ ଏମାନେ ବ୍ୟର୍ଥ ହୁଅନ୍ତି। ଫଳରେ କୌଳିକ ବୃତ୍ତି ଭାବରେ ଏମାନଙ୍କର ପିଲାମାନେ ଆପଣେଇ ନେବାକୁ ବାଧ୍ୟ ହୁଅନ୍ତି ବାପା ଦାଦା କରୁଥିବା କାମଟି।

ଏହିସବୁ ପରିବାର ପାଇଁ ଆଉ ଏକ ସମସ୍ୟା ନିଶା। ନିଶାସକ୍ତ ହେବା ଏମାନଙ୍କ ପାଇଁ ସ୍ୱାଭାବିକ ଘଟଣା। ସେମାନେ କୁହନ୍ତି, 'ଏମିତି କିଛି କାମ ଅଛି ନିଶା ସେବନ ନକଲେ ତାହା କରିବା ଅସମ୍ଭବ।' ବିଶେଷ କରି ପାଇଖାନା ଟାଙ୍କି ଭିତରକୁ ଯେଉଁମାନେ ପ୍ରବେଶ କରନ୍ତି ଅସହ୍ୟ ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ସେମାନେ ମଦ୍ୟପାନ କରନ୍ତି। ଯେତିକି ମଜୁରୀ ପାଆନ୍ତି ତା'ର ଏକ ବଡ଼ ଅଂଶ ନିଶା ସେବନରେ ଖର୍ଚ୍ଚ ହୋଇଯାଏ। ଅଭାବ ସାଙ୍ଗକୁ ପାରିବାରିକ ଅଶାନ୍ତି ଓ ସାମାଜିକ ଉତ୍ପୀଡ଼ନର ପ୍ରଭାବ ପରିବାରର ପିଲାମାନଙ୍କ ଉପରେ ପଡ଼େ। ଫଳରେ ମାନସିକ ଭାରସାମ୍ୟ ହରାଇ ପିଲାଟି ଦିନରୁ ଅନେକେ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇଯା'ନ୍ତି।

ପ୍ରଥମେ ସମାଜ ସେମାନଙ୍କୁ ସମ୍ମାନ ଦେବା ଦରକାର। ଜାତି ଯାହା କାମ ତାହା - ଏହି ମାନସିକତା ବଦଳିବା ଦରକାର। ଅସ୍ପୃଶ୍ୟତାକୁ କଠୋର ହାତରେ ଦମନ କରିବା ଆବଶ୍ୟକ। ସେମାନଙ୍କ ଆର୍ଥିକ ମାନଦଣ୍ଡର ଅଭିବୃଦ୍ଧି ନିମନ୍ତେ ଉଚ୍ଚ ଦରମା ସହିତ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା ହେବା ଲୋଡ଼ା। ସେମାନଙ୍କର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉଚିତ। ମାଗଣା ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ। ରୋଗରେ ପଡ଼ି ହେଉ କିମ୍ବା କାମ କରୁଥିବା ସମୟରେ ମୃତ୍ୟୁବରଣ କଲେ ଅନ୍ୟୂନ କୋଡ଼ିଏ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ମିଳିବାର ନିୟମ ହେବା ଆବଶ୍ୟକ। ମନେରଖିବା ଉଚିତ ସୁସ୍ଥ ସୁରକ୍ଷିତ ପରିମଳ ପରିବେଶ ପାଇଁ ଯେଉଁମାନେ କାମ କରୁଛନ୍ତି ସେମାନେ ମଧ୍ୟ ସୁସ୍ଥ ଓ ସମ୍ମାନର ସହିତ ବଞ୍ଚିବା ଆବଶ୍ୟକ। ଘୃଣା, ହତାଦର, ଟାହିଟାପରା ବଦଳରେ ଟିକିଏ ସ୍ନେହ, ଆଦର, ଭଲପାଇବା ସେମାନଙ୍କର ଜୀବନଧାରାକୁ ବଦଳାଇ ଦେବ। ସେମାନେ ବି ମଣିଷ। ●

କଟକ, ମୋ: ୯୯୩୮୭୬୩୨୩୭

## ମଙ୍ଗଳ ଗ୍ରହରେ ବସତି ସ୍ଥାପନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଆଗାମୀ ଦିନରେ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛନ୍ତି ବୈଜ୍ଞାନିକମାନେ। ଅନେକଙ୍କ ମତରେ ଚନ୍ଦ୍ର ଅପେକ୍ଷା ଏ ଗ୍ରହ ମାନବ ବସତି ପାଇଁ ଅଧିକ ଉପଯୋଗୀ। କାରଣ ଏହାର ଗଠନ ଓ ପରିବେଶ କିଛିମାତ୍ରାରେ ପୃଥିବୀ ସଦୃଶ। ତେଣୁ ଏବେ ଏହାର ଅନ୍ୟାନ୍ୟ ଭୌତିକ ରୂପରେଖ ସହିତ ରାସାୟନିକ ସଂରଚନାର ଅଧ୍ୟୟନ ଚାଲିଛି। ତହିଁରୁ ଜଣାପଡ଼ିଛି ଯେ ମଙ୍ଗଳ ଗ୍ରହର ବାୟୁମଣ୍ଡଳରେ ଥିବା ମୁଖ୍ୟ ଉପାଦନଗୁଡ଼ିକ ହେଲା ଅଙ୍ଗାରକାମ୍ଳ (୯୫.୩%), ଯବକ୍ଷାରଜାନ (୨.୭%) ଆର୍ଗନ(୧.୬%), ଅମ୍ଳଜାନ (୦.୧୩%) ଏବଂ ସ୍ୱଳ୍ପ ପରିମାଣରେ ଅନ୍ୟାନ୍ୟ ବାଷ୍ପ। ପୃଥିବୀ ବାୟୁମଣ୍ଡଳରେ ଏଗୁଡ଼ିକର ମାତ୍ରା ଯଥାକ୍ରମେ ୦.୦୩%, ୭୮.୦୮%, ୦.୯୩%, ୨୦.୯% । ପୁନଶ୍ଚ ମଙ୍ଗଳର ବାୟୁମଣ୍ଡଳ ପୃଥିବୀଠାରୁ ୧୮୦ ଗୁଣ ପତଳା ଏବଂ ଏହାର ମାଧ୍ୟାକର୍ଷଣ ଶକ୍ତି ମଧ୍ୟ ପୃଥିବୀର ୩୮%।

ଅନ୍ୟପକ୍ଷରେ, ମଙ୍ଗଳର ପୃଷ୍ଠଦେଶ ଗଠିତ ହୋଇଛି ସିଲିକନ୍(୨୧.୨%), ଅମ୍ଳଜାନ(୪୨.୪%), ଲୌହ (୧୫.୨%), ମାଗ୍ନେସିୟମ (୪.୧%), ଆଲୁମିନିୟମ୍ (୫.୨%), କାଲସିୟମ (୪.୭%) ଏବଂ ପୋଟାସିୟମ୍ (୦.୬୧%) ରେ। ପୃଥିବୀ ପୃଷ୍ଠର ମୁଖ୍ୟଉପାଦାନଗୁଡ଼ିକ ହେଲା ଅମ୍ଳଜାନ (୪୬.୬%), ସିଲିକନ୍(୨୭.୭୨%), ଆଲୁମିନିୟମ୍ (୮.୧୩%), ଲୌହ (୫.୦%), କାଲ୍‌ସିୟମ୍ (୩.୬୩%), ସୋଡିୟମ୍ (୨.୮୩%), ପୋଟାସିୟମ (୨.୫୯%) ଏବଂ ମାଗ୍ନେସିୟମ (୨.୦୯%)। ମଙ୍ଗଳରେ ଥିବା ଲୌହଗୁଣ୍ଡର ଜାରଣ ଫଳରେ ତହିଁରୁ ସୃଷ୍ଟି ଅକ୍ସାଇଡ୍‌ର ରଙ୍ଗ ଏହାକୁ ଲୋହିତ ଗ୍ରହର ପରିଚୟ ପ୍ରଦାନ କରିଛି।

ସାଧାରଣ ଭାବେ ଏ ଗ୍ରହର ପୃଷ୍ଠଭୂମିର ସଂରଚନା ମଧ୍ୟରେ ରହିଛି ଅନ୍ଧକାରମୟ ଗଡ଼ାଣିଆ ସ୍ଥାନ, କିଛି ଚଟକା ସ୍ଥାନ, ଧୂଳି କଣା ଭରା ରାସ୍ତା, ବାଲୁକା ସ୍ତୂପ, ହିମବାହ, ସମ୍ଭବତଃ ପୁରାକାଳର ନଦନଦୀ, ବିଭିନ୍ନ ପ୍ରକାର ଗହ୍ୱର ଇତ୍ୟାଦି। ସିଲିକନ ଓ ଲୌହଗୁଣ୍ଡରେ ସମୃଦ୍ଧ ଏ ପ୍ରକାର ପୃଷ୍ଠଭୂମି ପୃଥିବୀର ଗଛଲତାଙ୍କ ପାଇଁ ଉପଯୋଗୀ ନୁହେଁ। ତେବେ ବୈଜ୍ଞାନିକମାନେ ଏହାର ମୃତ୍ତିକାରେ 'ପାଇଓନିୟର' ନାମକ ଏକ କଠୋର ପରିବେଶ ସହକାରୀ ଚାରା ବଢ଼ାଇବାକୁ ସମର୍ଥ ହୋଇଛନ୍ତି। ପୁନଶ୍ଚ ଏବେ ନାସା ସେଠାକାର ପରିବେଶରେ ବଢ଼ିପାରିଲା ଭଳି ଗଛଲତା ଜୈବ ପ୍ରଯୁକ୍ତ ବିଦ୍ୟା ମାଧ୍ୟମରେ ତିଆରି କରିବା ଲାଗି ପ୍ରକଳ୍ପମାନ ଆରମ୍ଭ କରିଛି। ସେଠାରେ ଅଧିକ ସମୟ ଧରି ରହିବାକୁ ହେଲେ ବ୍ୟୋମଚାରୀମାନଙ୍କୁ ଏହା ଅମ୍ଳଜାନ, ଖାଦ୍ୟ ଓ ଔଷଧ ଯୋଗାଇବାକୁ ସମର୍ଥ ହୋଇପାରିବ। ଅନ୍ୟପକ୍ଷରେ ମଙ୍ଗଳପୃଷ୍ଠରେ ବିଶାଳକାୟ 'ଗ୍ରୀନ୍‌ହାଉସ'ମାନ ସ୍ଥାପନ କରି ତନ୍ମଧ୍ୟରେ ଗଛଲତା ବଢ଼ିବା ପାଇଁ ଉପଯୋଗୀ କୃତ୍ରିମ ବାୟୁମଣ୍ଡଳ ସୃଷ୍ଟି କରିବା ଲାଗି ଉଦ୍ୟମ ଚାଲିଛି।

ସୁଦୂର ଅତୀତରେ ମଙ୍ଗଳ ଗ୍ରହରେ ଜଳଥିବାର ମନେକରାଯାଏ। ଏହା ସେଠାରେ ନଦନଦୀ ରୂପେ ପ୍ରବାହିତ ହେଉଥିଲା। ଏବେ ବି ସେଠାରେ କିଛି ତାହା ଥିବାର ଜଣାପଡୁଛି। ତେବେ ତାହା ମଣିଷର ବ୍ୟବହାର ପାଇଁ ଉପଯୋଗୀ ହେବ ବୋଲି ମନେ ହେଉନାହିଁ। କାରଣ ଏଥିରେ ଭରି ରହିଛି ପରକ୍ଲୋରେଟ୍ସ ଭଳି ନାନାଦି ଲବଣ, ଯାହା ବିଷାକ୍ତ। ଏଥିରେ ଗଛଲତା ବଢ଼ିବା ସମ୍ଭବ ହୋଇ ନପାରେ। ଏଣୁ ଏହାକୁ କିପରି ବିଶୋଧନ କରି ବ୍ୟବହାର ଉପଯୋଗୀ କରାଯାଇ ପାରିବ ସେ ବିଷୟରେ ଚିନ୍ତା କରାଯାଉଛି। ପୁନଶ୍ଚ ସେଠାରେ ବିଶୁଦ୍ଧ ମଧୁର ଜଳ ଉତ୍ପନ୍ନ ଲାଗି କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ମଙ୍ଗଳର ବାୟୁରେ ଥିବା ଅଙ୍ଗାରକାମ୍ଳକୁ ଭାଙ୍ଗି ତହିଁରୁ ଅମ୍ଳଜାନ ପ୍ରସ୍ତୁତ କରିବା ଏବଂ ରକେଟ୍ ଇନ୍ଧନରେ ଥିବା ହାଇଡ୍ରାଜିନ୍‌ରୁ ଉଦ୍‌ଜାନ ପ୍ରସ୍ତୁତ କରି ରାସାୟନିକ ପ୍ରତିକ୍ରିୟା ମାଧ୍ୟମରେ ସେ ଦୁଇଟିର ମିଳନ ଘଟାଇବା ଏହାର ଲକ୍ଷ୍ୟ।

ଶେଷରେ ମଙ୍ଗଳ ଗ୍ରହରେ ବସବାସ କିମ୍ବା ଦୀର୍ଘଦିନ ରହିବାକୁ ହେଲେ ସେଠାରେ ବଡ଼ ବଡ଼ କୃତ୍ରିମ ବାସସ୍ଥଳୀମାନ ନିର୍ମାଣ କରି ସେଥିମଧ୍ୟରେ ପୃଥିବୀ ଅନୁରୂପ ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ସୃଷ୍ଟି କରିବା ଦରକାର। ଏସବୁ କାର୍ଯ୍ୟ ପାଇଁ ଲାଗିଯିବ ଅନେକ ବର୍ଷ। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସନୱର ଅଲ୍ଲୀ ହତ୍ୟା ମାମଲା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର,୧୮।୮(ସମିସ):ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସିରିଆ ଛକରେ ୨୦୧୧ରେ ସଂଘଟିତ ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ଶେଖ୍ ଆଶିଷକୁ ଆଜୀବନ କାରାଦଣ୍ଡ ସହ ୧୦ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଛନ୍ତି ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ସୂଚନା ମୁତାବକ, ୨୦୧୧ ଅକ୍ଟୋବର ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ କ୍ରିଷ୍ଣାନନ୍ଦପୁର ଫାଣ୍ଡି ଅଞ୍ଚଳର ସିରିଆ ଛକରେ ଇଟାଟିକିରି ଗ୍ରାମର ସନୱର ଅଲ୍ଲୀ ଓରଫ୍ ମୁନା ଠିଆ ହୋଇଥିବା ବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବାଇକ୍ ପଛରେ ବସିଥିବା ମୀରମହଲା ଗ୍ରାମର ସେଖ୍ ଆଶିସ ଗାଡ଼ିରୁ ଓହ୍ଲାଇ ସନୱରଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ସନୱର ଗୁରୁତର ଅବସ୍ଥାରେ ତଳେ ପଡ଼ିଯାଇଥିଲେ। କ୍ରିଷ୍ଣାନନ୍ଦପୁର ଫାଣ୍ଡି ଏଏସ୍‌ଆଇ ସହିଦ ଖାଁ ଘଟଣାସ୍ଥଳରୁ ସନୱରଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣା ସମ୍ପର୍କରେ ଏଏସ୍‌ଆଇ ସହିଦ ଖାଁ ତିର୍ତ୍ତୋଲ ଥାନାରେ ଏତଲା ଦେବା ପରେ ପୁଲିସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରିଥିଲା। ପରେ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ତିର୍ତ୍ତୋଲ ପୁଲିସ। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଶେଖ ଆଶିଷକୁ ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି। ୧୨ଜଣଙ୍କ ସାକ୍ଷ୍ୟପ୍ରମାଣ ଗ୍ରହଣ କରିବା ପରେ ଏହି ଆଦେଶ ଦେଇଛନ୍ତି ଜିଲ୍ଲା ଦୌରାଜଜ୍। ସରକାରଙ୍କ ପକ୍ଷରୁ ଏହି ମାମଲାକୁ କ୍ୟାଡର ପିପି ତପନ ପାଲ ଓ ସରକାରୀ ଓକିଲ ଭଜହରି କର ପରିଚାଳନା କରୁଥିଲେ।

# ହୀରାକୁଦ ଜଳସ୍ତର ୬୧୩.୭୭ ଫୁଟ୍

ସମ୍ବଲପୁର, ୧୮।୮ (ସମିସ): ଆଜି ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୫୯,୮୪୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୭୬୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚ୍ୟାନେଲ ଦେଇ ୩୧,୧୨୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୪୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୬.୬୪ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୦.୪୮ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୦୪ ଫୁଟ୍ ରହିଥିଲା।

# ଏମ୍‌କେସିଜି ଆର୍‌ଡିସିରେ ଅଗ୍ନିକାଣ୍ଡ



- ୧୩ ଘଣ୍ଟା ବିଦ୍ୟୁତ ସରବରାହ ବ୍ୟାହତ, ନିଦାନ ବାଧାପ୍ରାପ୍ତ
- ୧୫ଦିନ ମଧ୍ୟରେ 'ଷ୍ଟାଟସ୍ ରିପୋର୍ଟ' ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୮।୮(ସମିସ): ଏମ୍‌କେସିଜି ମେଡିକାଲ ପରିସରସ୍ଥିତ ଆଞ୍ଚଳିକ ରୋଗ ନିଦାନ କେନ୍ଦ୍ର(ଆରଡିସି)ରେ ରବିବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। କୋଠାର ତଳ ମହଲାରେ ଥିବା ବାୟୋକେମେଷ୍ଟ୍ରି ବିଭାଗରେ ଏସି ସର୍ଟସର୍କିଟ୍‌ରୁ ଏଭଳି ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଖବର ପାଇ ଏମ୍‌କେସିଜି ମେଡ଼ିକାଲ କ୍ୟାମ୍ପସରେ ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଭାଗରେ ଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣ ସହ ରସାୟନ ପଦାର୍ଥ ଜଳି ନଷ୍ଟ ହୋଇଯାଇଛି।

ସୋମବାର ସକାଳୁ ଆରଡିସିରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାଶ, ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ ଓ ବାୟୋକେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ରୋଗୀଙ୍କ ରକ୍ତ ନମୁନା ସଂଗ୍ରହରେ କିଭଳି ବାଧା ସୃଷ୍ଟି ନହେବ, ସେଥିପାଇଁ ବିକଳ୍ପ ବ୍ୟବସ୍ଥା କରିଥିଲେ। ପରେ ବିଭାଗ ପକ୍ଷରୁ ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲେ ହେଁ ବିଦ୍ୟୁତ ସଂଯୋଗ ନଥିବାରୁ ଅନ୍ୟ କିଛି ପରୀକ୍ଷା ହୋଇପାରିନଥିଲା। ଆରଡିସିରେ ଅଗ୍ନିକାଣ୍ଡ ଘଟିବାରୁ ଦୀର୍ଘ ୧୩ ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା।

ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ଏସିର ସଠିକ ସଦୁପଯୋଗ ଓ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନିୟମିତ ବ୍ୟବଧାନରେ ଏଭଳି ଘଟଣା ନଜରକୁ ଆସୁଛି। ସେହିପରି ମେଡ଼ିକାଲ ବିଦ୍ୟୁତ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ସାଧାରଣ ବିଦ୍ୟୁତ(ଜିଇଡି) ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ସହ ମେଡ଼ିକାଲରେ ଲାଗିଥିବା ବିଭିନ୍ନ ଇଲେକ୍ଟ୍ରିକାଲ ଉପକରଣର ନିୟମିତ ସ୍ଥିତି ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ ୧୫ଦିନ ମଧ୍ୟରେ ବିଭିନ୍ନ ବିଭାଗରେ ଲାଗିଥିବା ଇଲେକ୍ଟ୍ରିକାଲ ଉପକରଣ ସମେତ ଅନ୍ୟାନ୍ୟ ଯନ୍ତ୍ରାଂଶଗୁଡ଼ିକର ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଇଡ଼ି, ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ହସ୍ପିଟାଲ ମ୍ୟାନେଜରଙ୍କୁ ନେଇ ଟିମ ଗଠନ କରିବା ସହ ଉକ୍ତ ଟିମ ମେଡ଼ିକାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ସ୍ଥିତି ଯାଞ୍ଚ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଖଇନି ନ ଦେବାରୁ ବୃଦ୍ଧଙ୍କୁ ହାଣି ହତ୍ୟା

ରାଉରକେଲା,୧୮।୮(ସମିସ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଧୀନ କଣ୍ଡିଆମୁରା ଗାଁର ଜଣେ ୫୮ବର୍ଷୀୟ ବୃଦ୍ଧଙ୍କୁ କଟୁରୀରେ ହାଣି ହତ୍ୟା କରାଯାଇଛି। ରାଜଗାଙ୍ଗପୁର ଥାନା ପୁଲିସ ହତ୍ୟାକାରୀକୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ କଟୁରୀକୁ ଜବତ କରିଛି। ଗିରଫ ଯୁବକ ହେଲେ, ଝାଡ଼ଖଣ୍ଡ ରାଜ୍ୟ ଲୋହରଡେଗା ଜିଲ୍ଲା ଚନ୍ଦ୍ରା ଥାନା ଅଧୀନ ତୋଟ ଗାଁର ଶୁଖରାମ ଓରାମ (୩୩)।

ସୂଚନାନୁସାରେ, ବଡ଼ଗାଁ ଥାନା ଅଧୀନ କଣ୍ଡିଆମୁରା ଗାଁର ମଙ୍ଗଲୁ କିଷାନ (୫୮) ରାଜଗାଙ୍ଗପୁର ପିଡବ୍ଲୁଡି ଡାକବଙ୍ଗଳାରେ ପିଅନ ଭାବେ କାମ କରୁଥିଲେ। ଆଜି ଶୁଖରାମ ଓରାମ (୩୩) ସେଠାକୁ ଯାଇ ମଙ୍ଗଲୁ କିଷାନଙ୍କୁ ଖଇନି ମାଗିଥିଲା। ମାତ୍ର ମଙ୍ଗଲୁ କିଷାନ ଖଇନି ଦେବାକୁ ମନା କରିଦେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଶୁଖରାମ ରାଗିଯାଇ ନିକଟରେ ପଡିଥିବା ଏକ କଟୁରୀରେ ମଙ୍ଗଲୁ କିଷାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ମଙ୍ଗଲୁଙ୍କୁ ରାଜଗାଙ୍ଗପୁର ହସ୍‌ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ଏକ ହତ୍ୟାକାଣ୍ଡ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ଶୁଖରାମ ଓରାମକୁ କୋର୍ଟ ଚାଲାଣ କରାଯିବା ସହ ମଙ୍ଗଲୁ କିଷାନର ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ବ୍ରଜରାଜନଗର ଷ୍ଟେସନ୍‌ରୁ ୨୦ ପର୍ସିଆନ୍ ବିଲେଇ ଉଦ୍ଧାର

ଝାରସୁଗୁଡ଼ା, ୧୮।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଷ୍ଟେସନ୍‌ରୁ ଆର୍‌ପିଏଫ୍ ଆଜି ୨୦ଟି ବିଦେଶୀ ପର୍ସିଆନ୍ ବିଲେଇ ଉଦ୍ଧାର କରିଛି। ମୁମ୍ବାଇ ସାଲିମାର୍ ଏକ୍ସପ୍ରେସ୍ ଟ୍ରେନ୍‌ରେ ଛୋଟବଡ଼ ମିଶାଇ ୨୦ଟି ପାର୍ସିଆନ ଓ ବେଙ୍ଗଲ କ୍ୟାଟ୍‌କୁ ଏକ ଦମ୍ପତି ମୁମ୍ବାଇରୁ କୋଲକାତାରୁ ସାନ୍ତ୍ରାଗାଛିକୁ ନେଇ ଯାଉଥିଲେ। ସାନ୍ତ୍ରାଗାଛିର ଏକ ଫାର୍ମରେ ବିକ୍ରି କରିବାର ଉଦ୍ଦେଶ୍ୟରେ ଏହି ବିଦେଶୀ ବିଲେଇ ଟ୍ରେନ୍ ଯୋଗେ ଚାଲାଣ କରାଯାଉଥିଲା। ମୁମ୍ବାଇର ଅମିନ ସୈୟଦ ନିଜ ସ୍ତ୍ରୀ ଏବଂ ଚାରିମାସର ଶିଶୁଙ୍କ ସହ ଏହି ବିଲେଇମାନଙ୍କୁ ଟ୍ରେନରେ ନେଇ ଯାଉଥିଲେ। ଚଳନ୍ତା ଟ୍ରେନ୍‌ରେ ଅମିନ ସିଗାରେଟ୍ ଟାଣୁଥିଲେ। ସାଥୀ ଯାତ୍ରୀ ଏନେଇ ମନା କରିବାରୁ ତାଙ୍କ ସହ କଳହ କରିଥିଲେ। ଏନେଇ ଜଣେ ଯାତ୍ରୀ ରେଳ ଅଭିଯୋଗରେ ଅଭିଯୋଗ କରିଥିଲେ। ଟ୍ରେନ୍‌ଟି ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ବ୍ରଜରାଜନଗର ଷ୍ଟେସନରେ ପହଞ୍ଚିବା ପରେ ଆର୍‌ପିଏଫ୍ ଉକ୍ତ ଦମ୍ପତିଙ୍କୁ ଅଟକ ରଖିଥିଲା। ଯାଞ୍ଚ କରିବାରୁ ତାଙ୍କ ପାଖରୁ ଏହି ପର୍ସିଆନ ବିଲେଇ ଉଦ୍ଧାର କରାଯାଇଥିଲା। କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଅମିନ ବିଲେଇମାନଙ୍କୁ ଟ୍ରେନ୍‌ରେ ନେଇ ଯାଉଥିଲେ, ସେନେଇ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ କରାଯିବା ସହ ସିଗାରେଟ୍ ପିଇବା ଅଭିଯୋଗରେ ଅମିନକୁ ରେଳବାଇ କୋର୍ଟରେ ହାଜର କରାଯାଇ ୧୫୦୦ଟଙ୍କାର ଜରିମାନା କରାଯାଇଛି। ସେହିପରି



ରେଳବାଇ ବାଣିଜ୍ୟ ବିଭାଗକୁ ଯୋଗାଯୋଗ କରିବା ପରେ ପ୍ରାୟ ୩୫ ହଜାର ଟଙ୍କା ଜରିମାନା କରାଯାଇଛି। ସମସ୍ତ ତଦନ୍ତ ପ୍ରକ୍ରିୟା ଶେଷ ହେବା ପରେ ଅମିନ ଏବଂ ତାଙ୍କ ପରିବାରକୁ ବିଲେଇ ସହ ଛଡ଼ାଯିବ ବୋଲି ଜଣେ ଆର୍‌ପିଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।


**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **NAVNEET KISHORE** (old name) to **NAVNEET KISHORE JENA** (new name), Henceforth, he shall be known as **NAVNEET KISHORE JENA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 10/07/2025, CF No.- 69/10 July 2025. I, Bhuli Sahu W/O Sanjay Kumar Sahu, At- Tarini Nagar, Salia Sahi, Jayadev Vihar, Odisha, Pin- 751013, declare that I have changed the name of my daughter from Thubul Sahu to Tanmayee Sahu. Henceforth, she shall be known as new name Tanmayee Sahu for all purposes.

**Bhuli Sahu**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 30/07/2025, C.F No. 93/30 July 2025. I, Sonali Sahu, W/O Laxmidhara Sahoo, At- Patapur, Patna, Po- Satapatna, Ps-Dasapalla, Nayagarh, Odisha, Pin- 752091, declare that I have changed my owned name Suneli Sahoo to Sonali Sahu. Henceforth, I shall be known as new name Sonali Sahu for all purposes.

**Sonali Sahu**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dtd:18/08/2025 I, KM REETA VERMA, Resident of Village- Patulisahi, P.O.- Kesharpur, P.S.- Sarankul, Dist: Nayagarh, Odisha, Pin:752079, declare that I have changed my name from Reeta Verma to KM Reeta Verma. Henceforth, I shall be known as **KM Reeta Verma** for all purposes.

**KM Reeta Verma**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 12/08/2025, C.F No. 28/12.08.2025 I, Samali Das, At- Bajpayee Nagar, Po- RRL, Ps- Maitri Vihar, Bhubaneswar- 751013, Odisha, declare that I have changed my name from Shamoli Das to Samali Das. Henceforth, I shall be known as Samali Das for all purposes.

**Samali Das**

**AFFIDAVIT**

By Virtue of an Affidavit swom Before Executive Magistrate Cuttack Date - 23.06.2025 I Bikramaditya sahoo S/O Laxman Charan Sahu. At- Niladri Vihar New Colony Po-Nayabazar Ps - Chauliaganj Dt - cuttack, Odisha - 753004. Declare that Now onwords My father's Name is Laxman Charan Sahoo For all Purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Dated- 12.08.2025, **DINABANDHU JENA**, permanent resident of At-Janar, Po.- Gobardhanpur, Ps- Tamka, Via- JK Road, Dist.- Jajpur, Odisha- 755019 currently residing at Plot No.- 714/878/3407, Bijipur, Tamando, Bhubaneswar, Khordha, Odisha- 751028, declare that I have changed my Son's name from **DHEERANAND SAGAR (old name)** to **DHEERANAND SAGAR JENA (new name)**, Henceforth, he shall be known as **DHEERANAND SAGAR JENA** for all purposes.

**AFFIDAVIT**

I Shaik Sammiulla H/o Rizwana Perween, Resident of Mundideuli, PO/PS-Kamakshyanagar, Dist-Dhenkanal, Odisha, PIN-759018, declare by this affidavit No.996 dtd 18.07.2025 that now onwards I shall be known as **SHEIKH SAMMI ULLA** for all future purposes.

**AFFIDAVIT**

By virtue of an affidavit (CF No. 03) sworn before The Executive Magistrate, Padampur, on dated- 18/08/2025. I, **Beauty Queen Tandi**, W/o- Kunal Nanda, permanent & current resident of At/Po- Ulba, Ps- Patnagarh, Dist- Balangir, PIN- 767041, Odisha declare that I have changed my name from **Beauty Queen Nanda** (old name) to **Beauty Queen Tandi** (new name). Henceforth, I shall be known as **Beauty Queen Tandi** (new name) for all future purposes.

**Beauty Queen Tandi**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELOP-T-09-2025

କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ଦିନରାତି ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ କ୍ରୁ ଲବି (ଭୁବନେଶ୍ୱର ଓ ପୁରୀ ଭଳି କୋଚିଙ୍ଗ ଲବି ବ୍ୟତୀତ) ଠାରେ କ୍ରୁ ଏବଂ ଗାର୍ଡସ୍‌ଙ୍କୁ ୱାକି-ଟକି ସେଟ୍, ନିରାପତ୍ତା ସାମଗ୍ରୀ ଏବଂ କୁହୁଡ଼ି ସୁରକ୍ଷା ଉପକରଣ ଜାରି କରିବା

ବିଜ୍ଞାପିତ ମୂଲ୍ୟ : ₹ 1,87,65,292.40, EMD : ₹ 2,43,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.20.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2025ରିଖ 1600 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ଼

PR-488/Q/25-26

**AFFIDAVIT**

I Snehala Mallick, W / o Abhimanyu Nayak, Resident of Vill- Bankasahi, PO/ PS / DIST- Bhadrak, Odisha, PIN - 756100, declare by this affidavit No. 1567 dtd 12.08.2025 that now onwards I shall be known as **SNEHALATA MALLICK** for all future purposes.

**AFFIDAVIT**

I, Santosh Swain, S/o- Raghunath Swain, resident of Kalamitota Sahi, Lalsing, Bhanjanagar, Dist- Ganjam, PIN- 761125, Odisha declared by this affidavit No. 661, dtd- 16/08/2025 that now onwards I shall be known as **SANTOSH KUMAR SWAIN** for all future purposes.

**AFFIDAVIT**

By virtue of an affidavit sworn before the Notary public Bhubaneswar vide No.1558 dated 18.08.2025, I Vivek Varansi S/o Varanasi Sitaram Sharma, presently residing at P 19/3, Coast Guard Officers Residential Area, Pokhariput, Bhubaneswar, Dist- Khordha, Odisha PIN-751020, declare that I have changed my name from Vivek Varansi to Vivek Sitaram Varansi. Henceforth, I shall be known as **VIVEK SITARAM VARANSI** for all future purposes.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିଇସିଙ୍କ ବିରୋଧରେ...

କରିଛନ୍ତି। ସରକାରୀ ଦଳ ଇସାରାରେ ସେ କାମ କରୁଛନ୍ତି ବୋଲି କଂଗ୍ରେସ, ସମାଜବାଦୀ ପାର୍ଟି, ଡିଏମ୍‌କେ, ଟିଏମ୍‌ସି, ଶିବସେନା (ଉଦ୍ଧବ), ଏନ୍‌ସିପି (ପାୱାର), ସିପିଏମ୍, ଆପ୍, ଆରଜେଡି, ଜେଏମଏମ୍ ଏବଂ ଅନ୍ୟ ବିରୋଧୀ ଦଳର ନେତାମାନେ ଅଭିଯୋଗ କରିଛନ୍ତି। କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ଅଭିଯୋଗର ଉତ୍ତର ଦେବା କିମ୍ବା ଏହାର ଯାଞ୍ଚ କରିବା ବଦଳରେ କମିସନ ଓଲଟା ଅଭିଯୋଗକର୍ତ୍ତାଙ୍କୁ ସମାଲୋଚନା କରୁଛନ୍ତି। ଟିଏମ୍‌ସି ନେତ୍ରୀ ମହୁଆ ମଇତ୍ର କହିଲେ ଯେ ପଶ୍ଚିମ ବଙ୍ଗରେ ଡୁପ୍ଲିକେଟ ଭୋଟର ପରିଚୟପତ୍ର ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଥିଲେ। କିନ୍ତୁ ଏହାର ସମାଧାନ ହୋଇନାହିଁ। ପୂର୍ବତନ ନିର୍ବାଚନ କମିସରନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଚଳିତ ଲୋକସଭାକୁ ଭଙ୍ଗ କରିବାକୁ ସେ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ କହିଲେ ଯେ ୨୦୨୨ ଭୋଟର ତାଲିକାରେ ୧୮ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଛି। ଏସଂପର୍କରେ ତାଙ୍କ ଦଳ ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଆରଜେଡି ନେତା ମନୋଜ ଝା କହିଲେ ଯେ ଗତକାଲି ଆମେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଖୋଜୁଥିବା ବେଳେ ବିଜେପି ମୁଖପାତ୍ରଙ୍କୁ ପାଇଲୁ। ଡିଏମ୍‌କେ ଏବଂ ସିପିଏମ୍ ନେତା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ କମିସନ କେନ୍ଦ୍ର ସରକାରଙ୍କର ବି-ଟିମ୍ ଭାବେ କାମ କରୁଛି। ଗତକାଲି ମୁଖ୍ୟ ନିର୍ବାଚନ କମିସନର ଯେଉଁ ସାମ୍ବାଦିକ ସମ୍ମିଳନୀ କରିଥିଲେ ସେଥିରେ ପ୍ରଶ୍ନର ଉତ୍ତର ଦେବା ଅପେକ୍ଷା ରାହୁଲଙ୍କୁ ଟାର୍ଗେଟ କରି ସତ୍ୟପାଠ ଦାଖଲ ପାଇଁ ଚାଲେଞ୍ଜ କରିଥିଲେ। ମୁଖ୍ୟ ନିର୍ବାଚନ କମିସନରଙ୍କ ଏଭଳି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେମାନେ କହିଥିଲେ।

### ୬୫ ଲକ୍ଷ ନାମ...

ନାମ ତାଲିକା ଜାରି କରିଛନ୍ତି। ବିହାରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଏହି ତାଲିକା ରାଜ୍ୟର କେତେକ ଜିଲ୍ଲାରେ ବୁଥ୍ ସାମନାରେ ଲଗାଯାଇଛି। ଏଥିରେ ଭୋଟରଙ୍କ ନାମ ସହିତ ସେମାନଙ୍କର ନାମ କାହିଁକି କଟାଯାଇଛି, ତାହା ଦର୍ଶାଯାଇଛି। କେଉଁମାନେ ମୃତ, ଅନ୍ୟ ରାଜ୍ୟକୁ ପଳାଇଛନ୍ତି କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ସେମାନଙ୍କର ନାମ ରହିଛି, ତାହା ଏହି ତାଲିକାରେ ଦର୍ଶାଯାଇଛି। ଏସଂକ୍ରାନ୍ତ ନୋଟିସ ସମ୍ବାଦପତ୍ର ଓ ଟିଭିରେ ପ୍ରକାଶ ଓ ପ୍ରସାର କରିବାକୁ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ଏସ୍‌ଆଇଆର୍...

କରିବାକୁ ନେଇ ବିଜେଡି ଗୁରୁତର ଅଭିଯୋଗ କରିଥିଲା। ଏ ସମ୍ପର୍କରେ ଜାତୀୟ ନିର୍ବାଚନ କମିଶନ ଏଯାବତ୍ କୌଣସି ଉତ୍ତର ଦେଇ ନ ଥିବା ବିଜେଡି ଅଭିଯୋଗ କରି ଆସିଥିବାବେଳେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ଖଣ୍ଡନ କରିଛନ୍ତି। ଏପିକ ନମ୍ବରକୁ ନେଇ ଅଣଯାଇଥିବା ଅଭିଯୋଗ ଉପରେ ରାଜ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଓଡ଼ିଶାର ୭ ହଜାର ଏପିକ ନମ୍ବର ଥିବା ଭୋଟର କାର୍ଡ ପରିବର୍ତ୍ତନ କରି ନୂଆ ଭୋଟର କାର୍ଡ ଦିଆଯାଇଛି। ଏଥିରୁ କେବଳ ୫ ହଜାର ଏପିକ ନମ୍ବର ବାଙ୍କୀରେ ଥିଲା। ଏହା ଗୁଜରାଟର ଭୋଟରଙ୍କ ସହିତ ମିଶୁଥିଲା। ତେଣୁ ଏହାକୁ ବଦଳାଯାଇ ଆଉଥରେ କାର୍ଡ ବଣ୍ଟନ କରାଯାଇଛି। ବାକି ୨ହଜାର ଏପିକ ନମ୍ବର କର୍ଣ୍ଣାଟକ, ଝାଡ଼ଖଣ୍ଡ ପଶ୍ଚିମବଙ୍ଗ ସହିତ ମିଶୁଥିଲା। ଏହି ଏପିକ ନମ୍ବର କେବଳ ଭୋଟ ପରିଚୟ ପତ୍ର ଚିହ୍ନଟ ପାଇଁ ଦିଆଯାଇଛି। ଏହି ଏପିକ ନମ୍ବରରେ କେହି ଭୋଟ ଦେଇପାରିବେ ନାହିଁ। ବର୍ତ୍ତମାନ ସ୍ୱତନ୍ତ୍ର ଏପିକ ନମ୍ବର ନିର୍ବଚନ କମିଶନଙ୍କ ପକ୍ଷରୁ ପ୍ରଦାନ କରାଯିବ। ସେହିପରି ବିଭିନ୍ନ ଅଞ୍ଚଳରେ ଭୋଟର ବିଧାନସଭା ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ ହେଁ ଲୋକସଭା ପ୍ରାର୍ଥୀଙ୍କୁ ଭୋଟଦେଇନାହାନ୍ତି। ଯେଉଁଥିପାଇଁ ଲୋକସଭା ଏବଂ ବିଧାନସଭା ଭୋଟିଂରେ ତାରତମ୍ୟ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ଦିଆଯାଉଥିବା ଭୋଟ ହାର ଏବଂ ଭୋଟ ଗ୍ରହଣ ପରଦିନ ଦିଆଯାଉଥିବା ଭୋଟ ହାର ଥିବା ତଫାତ ଏକ ସ୍ୱାଭାବିକ ପ୍ରସଙ୍ଗ ଓ ଭୋଟ ଗ୍ରହଣ ଦିନ ଘଣ୍ଟାକୁ ଘଣ୍ଟା ଯେଉଁ ଭୋଟ ହାର ପ୍ରଦାନ କରାଯାଏ ତାହା ସମ୍ଭାବ୍ୟ ଭୋଟ ହାର ଦିଆଯାଏ। ତାହା ଫୋନ ମାଧ୍ୟମରେ ସଂଗ୍ରହ କରାଯାଇ ଦିଆଯାଇଥାଏ। ଭୋଟ ଗ୍ରହଣ ପର ଦିନ ଯେଉଁ ଭୋଟ ହାର ପ୍ରଦାନ କରାଯାଏ, ତାହା ସଠିକ ଭୋଟ ହାର। ଭୋଟ ଗ୍ରହଣ ସରିବା ପରେ ରାଜନୈତିକ ଦଳର ଏଜେଣ୍ଟଙ୍କୁ ୧୭-ସି ଫର୍ମ ଦିଆଯାଇଥାଏ। ତେଣୁ ରାଜନୈତିକ ଦଳମାନେ ସେମାନଙ୍କ ଏଜେଣ୍ଟଙ୍କ ଠାରୁ ୧୭-ସି ଫର୍ମ ସଂଗ୍ରହ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଦାଗୀ ସଂସ୍ଥାକୁ...

କେଟିପିଏଲର ଚୁକ୍ତିକୁ ସ୍ଥଗିତ ରଖିଛନ୍ତି। ଏପରିସ୍ଥଳେ ଓଏସ୍‌ଏମ୍‌ସିଏଲ୍‌ର ଚୁକ୍ତି ଅବଧିକୁ କେଉଁ ଆଧାରରେ ବୃଦ୍ଧି କରାଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ କେଟିପିଏଲ୍ ୫ବର୍ଷ ତଳେ ଟେଣ୍ଡର ହାତେଇଥିବା ବେଳେ ତାହାର ଅବଧି ଗଲା ଡିସେମ୍ବରରେ ସରିଥିଲା। ଜାନୁଆରୀରେ ନୂଆ ଟେଣ୍ଡର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ନୂଆ ଟେଣ୍ଡର ପ୍ରକ୍ରିୟା ଆଗକୁ ନବଢ଼ାଇ କେଟିପିଏଲ୍‌ର କାର୍ଯ୍ୟ ଅବଧିକୁ ଓଏସ୍‌ଏମ୍‌ସିଏଲ୍ କର୍ତ୍ତୃପକ୍ଷ ବୃଦ୍ଧି କରିଥିବା ଜଣାପଡ଼ିଛି। କେଟିପିଏଲ୍ ବିରୋଧରେ ପୂର୍ବରୁ ଏନ୍‌ଏଚ୍‌ଆରସି ନିୟମ ଖିଲାପ ଅଭିଯୋଗ ରହି ଆସିଛି। ନିୟମ ଅନୁଯାୟୀ ସଂସ୍ଥା ୨ଶହରୁ ଅଧିକ ବାୟୋମେଡିକାଲ ଓ ୧ଶହ ସର୍ଭିସ ଇଞ୍ଜିନିୟର ନିୟୋଜିତ ନ କରି କମ୍ ଇଞ୍ଜିନିୟର କାମ ଚଳାଇ ଆସୁଛି। ଯାହା ଫଳରେ ଠିକ୍‌ରେ ଉପକରଣ ମରାମତି କାର୍ଯ୍ୟ ହୋଇପାରୁନି। ଏପଟେ ରାଜ୍ୟରେ ପ୍ରାୟ ୮୦ ହଜାର ବାୟୋମେଡିକାଲ ଉପକରଣ ଥିବାବେଳେ ସେଥିରୁ ଶତକଡା ୨୦ ପ୍ରତିଶତ କାମ କରୁନଥିବା ଅଭିଯୋଗ ହେଉଛି। ଏପରିକି ଏସ୍‌ସିବିରେ ଅନେକ ଉପକରଣ ଦିନ ଦିନ ଧରି ଅଚଳ ହେବା ସହ ଭେଣ୍ଟିଲେଟର ଓ ଆଇ ଆଇସିୟୁ ବି ଅଚଳ ହୋଇ ରହୁଛି। କିନ୍ତୁ ଏଭଳି ସ୍ଥିତିରେ କେଟିପିଏଲର କାର୍ଯ୍ୟ ଅବଧି ସରିବା ପରେ ବି ତାହାକୁ ବୃଦ୍ଧି କରାଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜରାସ୍ତାରେ ଚାଷୀଙ୍କ...

ଭାଗଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କୁ ସିଏମ କିଷାନ ଯୋଜନାରେ ସାମିଲ, ସ୍ୱାମୀନାଥନ କମିଟି ଆଧାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ବିହନ ଓ ସାରର ଅଭାବୀ ବିକ୍ରି ବନ୍ଦ କରିବା, ଆନୁଷଙ୍ଗିକ କୃଷି ଓ ଅର୍ଥକାରୀ ଫସଲ ଉପରେ ଗୁରୁତ୍ୱ ପ୍ରଦାନ ପାଇଁ ଦାବି କରାଯାଇଥିଲା। ଶୀଘ୍ର ଏହି ସମସ୍ୟାର ସମାଧାନ କରାନଗଲେ, ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ ବୋଲି ବିଜେଡି ପକ୍ଷରୁ ଚେତାଇ ଦିଆଯାଇଥିଲା। ଆଜିର ଏହି ସମାବେଶ ଯୋଗୁଁ ବରଗଡ଼ ସହରରେ ଅଦିନିଆ ଧନୁଯାତ୍ରା ପରି ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେଡିର ଚାଷୀ ସମାବେଶ ଡାକରାକୁ ଚାଷୀଙ୍କ ପକ୍ଷରୁ ଅଭୂତପୂର୍ବ ସମର୍ଥନ ଦେଖିବାକୁ ମିଳିଥିଲା। ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷର ପ୍ରତିଫଳନ ଏହି ସମାବେଶରେ ବେଶ୍ ପ୍ରତିଫଳିତ ହୋଇଥିଲା। ମାତ୍ର ସମାବେଶକୁ ଭଣ୍ଡୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଉଦ୍ୟମ କରାଯାଇଥିଲା। ସମାବେଶରେ ଯୋଗ ଦେବାକୁ ଆସୁଥିବା ଚାଷୀଙ୍କ ଗାଡ଼ିଗୁଡ଼ିକୁ ବିଭିନ୍ନ ସ୍ଥାନରେ ପୁଲିସ୍ ଅଟକାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ବିଜେଡି ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପ୍ରତାପ ଜେନା, ଟୁକୁନି ସାହୁ, ବିଧାୟକ ନଳିନୀ ପ୍ରଧାନ, ନିରଞ୍ଜନ ପୂଜାରୀ, ସୁଦର୍ଶନ ହରିପାଲ, ଦିବ୍ୟଶଙ୍କର ମିଶ୍ର, ବର୍ଷା ସିଂ ବରିହା, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୋହିତ ଯୋଶେଫ ତିର୍କୀ, ଯୋଗେଶ ସିଂ, ପ୍ରଦୀପ ଦିସାରୀ ଏବଂ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଆୟୁବ ଖାନ୍, କିଶୋର ନାଏକ, ରାଜେନ୍ଦ୍ର ଛତ୍ରିଆ, ସରୋଜ ମେହେର, ଦୁଷ୍ମନ୍ତ ନାଏକ, ରୋହିତ ପୂଜାରୀ, ନୀହାର ବେହେରା, ଆକାଶ ମିଶ୍ର, ଗିରିରାଜ ସିଂ, ନାରାୟଣ ଲୁହା, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ମାନିନୀ ଭୋଇ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ମୀନାକ୍ଷୀ ମିଶ୍ର, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, ଗୌରହରି ମିଶ୍ର, ବିକ୍ରମ ସିଂ ଦେଓ, ଦେବାନନ୍ଦ ଗଡତିଆ, ନାରଦ ବରିହା, ଲମ୍ବୋଦର ନିଆଲ, ସିଦ୍ଧାର୍ଥ ଦାଶ, ମନୋଜ ମହାପାତ୍ର, ହୀରାଲାଲ ବେହେରା, କୁମୁଦିନୀ ନାଏକ କିଶୋର ମିଶ୍ର, ସୁନିଲ କିଶାନ, ଦୁର୍ଗା ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।


**RAISUAN HIGHER SECONDARY SCHOOL**
**AT/PO-RAISUAN, DIST-KEONJHAR**

**WALK IN INTERVIEW**

A walk-in-interview will be held in the college premises for engagement of **Guest Faculty in Sanskrit on 25.08.2025 (Monday).** The interested candidates having more than 55% in the Master Degree may attend the same with all relevant testimonials. Preference will be given to M. Phil., Ph.D. & teaching experience holders.

**Sd/- Principal**
**Raisuan Higher Secondary School, Raisuan**

**ବ୍ୟାଙ୍କ ଅଫ୍ ଇଣ୍ଡିଆ** Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ସାଙ୍କେତିକ ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। ସରଫେଶୀ ଆକ୍ଟ ଅଧୀନରେ ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ପଇଠ ହୋଇଥିବା ରାଶି (ଯଦି କିଛି ଥାଏ) ଆଦାୟ / ସେଟେଲମେଣ୍ଟ ସମୟରେ ଦେୟ ରାଶି ନିର୍ଦ୍ଧାରଣ ପାଇଁ ଗଣନା କରାଯିବ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା / ଋଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ (ସାଙ୍କେତିକ) ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ସୁଲୋଚନା ବିଶ୍ୱାଳ, ସ୍ୱାମୀ: ସନ୍ତୋଷ ବିଶ୍ୱାଳ, ମାର୍ଫତ: କେ. ଜ୍ୟୋତିବାଳା ପାତ୍ର, ପ୍ଲଟ୍ ନଂ. ୩୮/୪୦, ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍-୭୫୧୦୦୩ | ଟ.୪୨,୦୮,୨୫୬.୦୦ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୪.୦୬.୨୦୨୫ / ୧୮.୦୮.୨୦୨୫ | ଶ୍ରୀମତୀ ସୁଲୋଚନା ବିଶ୍ୱାଳଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୨୮୮/୨୬୮, ପ୍ଲଟ୍ ନଂ.: ୧୪୭୦/୨୯୭୧/୫୪୦୩, କ୍ଷେତ୍ର: |

ଏକର୦.୦୨୧ଡିସିମିଲି, କିସମ: ଘରବାରି, ମୌଜା: ନୟାପଲ୍ଲୀ, ଥାନା: ନିଉ କ୍ୟାପିଟାଲ, ତହସିଲ/ଏସ୍‌ଆରଓ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚଉହଦି- ଉତ୍ତର: ମନୋଜ କୁମାର ଷଡ଼ଙ୍ଗୀ, ଦକ୍ଷିଣ: ରାସ୍ତା, ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୨୨୦୧, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୩୬୧୬

ତାରିଖ: ୧୮.୦୮.୨୦୨୫
ସ୍ଥାନ : ଭୁବନେଶ୍ୱର

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**OFFICE OF THE PRINCIPAL**
**SIDDHARTHA HIGHER SECONDARY SCHOOL, BINKA**
**DIST- SUBARNAPUR, PIN-767019**
**email: siddharthacollegebinka@gmail.com**

**WALK-IN-INTERVIEW**

A walk-in interview will be held on **Dt.26.08.2025 (Tuesday)** at **11.00 AM** in the College premises for the post of **Lecturer in Physics (Management Post).** Candidates must possess a Master's degree having at least 55% marks in the concerned subject and may attend the interview with their complete Bio-Data and all testimonials (Original & Xerox copies).

The undersigned reserves the right to cancel the Walk-in interview without assigning any reason thereof.

**Sd/- Principal-cum-secretary**
**Siddhartha Higher Secondary School, Binka**

### ଖତ ଖାଉଛି କମ୍ପ୍ୟୁଟର ଲ୍ୟାବ; ପିଲାଙ୍କୁ ମିଳୁନି ଇ-ଶିକ୍ଷା

# ନଥିରେ ବନ୍ଧା ହୋଇଛି ଇ-ବିଦ୍ୟାଳୟ ଯୋଜନା

ବନ୍ତ/ଆଗରପଡ଼ା,୧୮ ।୮ (ସମିସ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟି ଯୋଜନାରେ ୨୦୧୩ ମସିହାରେ ହାଇସ୍କୁଲ ସ୍ତରରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ଶିକ୍ଷା ୨୦୧୮ରୁ ଅଚଳ ହୋଇପଡ଼ିଛି। ରାଜ୍ୟରେ ୪ ହଜାର ବିଦ୍ୟାଳୟରେ ଆଇସିଟି ଯୋଜନାରେ ନିର୍ମିତ ହୋଇଥିବା କମ୍ପ୍ୟୁଟର ଲ୍ୟାବ ଏବେ ଖତ ଖାଉଛି। ଏହି ଯୋଜନା ଅଚଳ ହୋଇପଡ଼ିବାପରେ ବିଦ୍ୟାଳୟରେ କୌଣସି କମ୍ପ୍ୟୁଟର ଶିକ୍ଷକ ନ ଥିବାରୁ କଳା ଓ ବିଜ୍ଞାନ ଶିକ୍ଷକ ଉକ୍ତ ଲ୍ୟାବର ଲାଭ ଉଠାଇପାରୁନାହାନ୍ତି; ଯଦ୍ୱାରା ବହୁ କମ୍ପ୍ୟୁଟର ଅଚଳ ହୋଇପଡିଛି। ଅପର ପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨ୟ ପର୍ଯ୍ୟାୟରେ ୨୦୧୬ ମସିହାରେ ୨୦୦୦ ଇ-ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ଅଭିଯାନ ପକ୍ଷରୁ ୨୦୦୦ ଇ-ବିଦ୍ୟାଳୟ ପାଇଁ ୬ବର୍ଷ ହେଲାଣି ଟେଣ୍ଡର ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହୋଇଛି। ହେଲେ ଗଣଶିକ୍ଷା ବିଭାଗର ଆନ୍ତରିକତା ଅଭାବରୁ ତାହା ଏବେ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ନେଇ ହାଇକୋର୍ଟଙ୍କ ପକ୍ଷରୁ ଏକ ମାମଲାର ବିଚାରକୁ ନେଇ ଉକ୍ତ କାର୍ଯ୍ୟକ୍ରମକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏହା ଆଜି ପର୍ଯ୍ୟନ୍ତ ପାଳନ ହୋଇପାରିନାହିଁ। ତେଣୁ କମ୍ପ୍ୟୁଟର ଶିକ୍ଷା ଲାଭ କରି ଆଗାମୀ ଦିନରେ ଡିଜିଟାଲ ଶିକ୍ଷା ଏବଂ ଅନଲାଇନ ସେବାରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାପାଇଁ ଆଶା ବାନ୍ଧି ଥିବା ପିଲାଙ୍କ ପାଇଁ ଏହା ଏବେ ସ୍ୱପ୍ନ ପାଲଟିଛି। ତେଣୁ ଓଡିଶା କେବେ ଡିଜିଟାଲ ହେବ ଓ ପ୍ରତ୍ୟେକ ଲୋକ ଘରେ ବସି କିପରି ଭାବରେ ଅନଲାଇନ ସେବା ପାଇପାରିବେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇସିଟି ଯୋଜନାରେ ଓଡ଼ିଶା ସରକାର ୨୦୧୩ ମସିହାରେ ରାଜ୍ୟର ୪ହଜାର ହାଇସ୍କୁଲରେ କମ୍ପ୍ୟୁଟର ଶିକ୍ଷାର ଅଭିଯାନ ଆରମ୍ଭ କରିଥିଲେ। ଏଥିପାଇଁ ୮୦୦କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ଏଥିରେ ୭୫ଭାଗ କେନ୍ଦ୍ରର ଓ ୨୫ ଭାଗ ରାଜ୍ୟର ଅବଦାନ ରହିବା ସହ ଅଭିଯାନକୁ ସଫଳ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ପରବର୍ତ୍ତୀ ଅବସ୍ଥାରେ ୨୦୧୪ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିପାଇଁ ଆଇଏଲଏଫଏସ ଓ ଟିସିଆଇଏଲ ସଂସ୍ଥାକୁ ଶିକ୍ଷକ ନିଯୁକ୍ତି ଦାଇତ୍ୱ ପ୍ରଦାନ କରାଯାଇଥିବାବେଳେ ଓକେସିଏଲକୁ ଶିକ୍ଷକମାନଙ୍କୁ ତାଲିମ ଦେବାକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଇସିଟିର ୫ ବର୍ଷିଆ ଅବଧି ଶେଷ ହେବାପରେ ଉକ୍ତ ଯୋଜନା ବନ୍ଦ ହୋଇଯାଇଛି। ରାଜ୍ୟ ସରକାର ୨୦୧୬ ମସିହାରେ ଇ-ବିଦ୍ୟାଳୟ ଯୋଜନା ପ୍ରଣୟନ ପାଇଁ ଚେଷ୍ଟା ଆରମ୍ଭ କରିଥିଲେ ମଧ ତାହା ନ ଥିରେ ବନ୍ଧା ହୋଇରହିଛି। ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ଡିଜିଟାଲ ମାଧମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏଥିନେଇ ଶିକ୍ଷକମାନଙ୍କ ଜ୍ଞାନ କମ ଥିବାରୁ ସେମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଅପର ପକ୍ଷରେ କୋଟି କୋଟି ଟଙ୍କାରେ କିଣାଯାଇଥିବା କମ୍ପ୍ୟୁଟର ବର୍ଷ ବର୍ଷ ଧରି ବ୍ୟବହାର ନହୋଇ ପଡ଼ି ରହିବା ଦ୍ୱାରା ଅଚଳ ହେବାରେ ଲାଗିଛି। ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଖିରେ ରଖି କେନ୍ଦ୍ରଠାରୁ ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଡିଜିଟାଲ ସେବାକୁ ଗୁରୁତ୍ୱ ଦେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ପିଲାମାନେ ଉକ୍ତ ସେବାରେ ଶିକ୍ଷା ଲାଭ କରିବା ପାଇଁ ବଞ୍ଚିତ ହେଉଛନ୍ତି।




## ସେପ୍ଟେମ୍ବର ୧୩ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,୧୮ ।୮ (ସମିସ): ଜିଲ୍ଲା କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି ସୂଚନା ଦେଇଛନ୍ତି। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜୀକୃତ ହୋଇଥିବା ଦେୱାନି, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣାଆ, ବ୍ୟାଙ୍କ ଋଣ ଜନିତ ମାମଲାଗୁଡ଼ିକର ଫଇସଲା କରିବେ ଓ ଦରିଦ୍ର, ଅବହେଳିତ ତଥା ଗ୍ରାମାଞ୍ଚଳର ଲୋକେ ଏହି ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମାଗୁଡ଼ିକର ଫୈସଲା କରାଯିବ। ଏହାର ସୁବିଧା ଯେପରି ଲୋକମାନେ ପାଇ ପାରିବେ ଓ ଏହାର ପ୍ରଚାର ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇ ପାରିବେ। ସେଥିପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନସାଧାରଣ କୌଣସି ଦ୍ୱନ୍ଦ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି। ଏହାଦ୍ୱାରା ଲୋକ ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଆଶା ପୋଷଣ କରିଛନ୍ତି।

## ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍; ଫେରିପାଇଲେ ୮୭ ହଜାର



ଧାମନଗର,୧୮ ।୮ (ସମିସ): ଗତ ୧୧ତାରିଖ ରେ ଧାମନଗର ୟୁକୋ ବ୍ୟାଙ୍କରୁ ଜଣେ ବ୍ୟକ୍ତି ୧ ଲକ୍ଷ ୨୫ ହଜାର ଟଙ୍କା ଉଠାଇ ବ୍ୟାଙ୍କ ସମ୍ମୁଖରେ ରଖିଥିବା ନିଜ ବାଇକ୍ ଡିକିରେ ରଖି ନିକଟସ୍ଥ ବନ୍ଧନ ବ୍ୟାଙ୍କକୁ ଆଉ ଏକ କାମରେ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ଡିକି ଭାଙ୍ଗି ସବୁ ଟଙ୍କା ଲୁଟ୍ ହୋଇଯାଇଥିଲା ଦେଖି ଏନେଇ ସଙ୍ଗେ ସଙ୍ଗେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ଅଧିକାରୀ ଏସଆଇ ରାଜେଶ ସେଠୀ ତଦନ୍ତ ଆରମ୍ଭ କରିବା ସହ ଲୁଟେରାଙ୍କୁ ଧରିବା ପାଇଁ ବହୁ ଚେଷ୍ଟା ଜାରି ରଖିଥିଲେ। ଗତ ଶନିବାର ପୂର୍ବାହରେ ଲୁଟେରା ଦେବେନ୍ଦ୍ର ଦାସ ଏକ ବସ୍‌ରେ ଯାଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଧାମନଗର କଲେକ ନିକଟରେ ବସ୍‌ରୁ ତାଙ୍କୁ ଧରିଥିଲା। ଗିରଫ ଅଭିଯୁକ୍ତ ହେଲେ ମୁସ୍ତଫାପୁର ଗାଁର ଦେବେନ୍ଦ୍ର ଦାସ( ୧୯)। ପରେ ଲୁଟେରା ନିକଟରୁ ନଗଦ ୮୭ ହଜାର ୨୦୦ଟଙ୍କା ପୁଲିସ ଜବତ କରିଛି। ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଅନ୍ୟ ଜଣେ ଫେରାର ରହିଛି। ଘଟଣାରୁ ପ୍ରକାଶ ଯେ, ଜୁଡ଼ାକୁଟି ଶୋରିଷତିହ ଗ୍ରାମର ସେକ ଜମିରୁଦ୍ଦିନଙ୍କ ପୁଅ ସେକ ଜାହିରୁଦ୍ଦିନ(୨୭)ଙ୍କ ଜୁଡ଼ାକୁଟି ବଜାରରେ ଏକ ଜନସେବା କେନ୍ଦ୍ର ଖୋଲି ବ୍ୟବସାୟ କରୁଛନ୍ତି। ରବିବାର ପୂର୍ବାହ୍ନରେ ଥାନା ପରିସରରେ ଜବତ ହୋଇଥିବା ଟଙ୍କା ସେକ ଜାହିରୁଦ୍ଦିନଙ୍କୁ ଏସ୍‌ଆଇ ଶ୍ରୀ ସେଠୀ ହସ୍ତାନ୍ତର କରିଛନ୍ତି। ଏହି ଲୁଟ୍ ଘଟଣାରେ ତାଙ୍କର ଅନ୍ୟ ଜଣେ ସହଯୋଗୀ ଭଣ୍ଡାରିପୋଖରୀ ଥାନା ଅଧୀନ କୋଳିପଦି ଗାଁର ଯୁବକ ଫେରାର ଥିବା ଜଣାପଡିଛି। ତେବେ ପୁଲିସ ଘଟଣାର ତଦନ୍ତ ଚଳାଇଛନ୍ତି।

## ଚାଷୀ ବିକିପାରିଲେନି ଡାଲିଜାତୀୟ ଶସ୍ୟ

ବାରିକପୁର, ୧୮ ।୮ (ସମିସ): ମୁଣ୍ଡ ଝାଳ ତୁଣ୍ଡରେ ମାରି ଉଦୁଉଦିଆ ଖରାରେ ଯେଉଁ ଚାଷୀ ଭାଇମାନେ ଡାଲି ଜାତୀୟ ମୁଗ ଓ ବିରି ଚାଷ କରିଥିଲେ ସେମାନେ ଏପର୍ଯ୍ୟନ୍ତ ଏହାକୁ ସରକାରୀ ଭାବେ ବିକ୍ରି କରି ପାରି ନାହାନ୍ତି। ଭଣ୍ଡାରିପୋଖରୀ ବ୍ଲକର ବନ୍ଧାଳମଢିଆଳି, ନେରଡା ଓ ନାଆମୀ ପଞ୍ଚାୟତକୁ ଛାଡିଦେଲେ ଅନ୍ୟ ୨୦ଟି ପଞ୍ଚାୟତ ଅଞ୍ଚଳରେ ଚଳିତ ରବି ଋତୁରେ ଅଳ୍ପ ବହୁତ ଡାଲି ଜାତୀୟ ଫସଲ ହୋଇଥିଲା। ପ୍ରାୟ ୩ ହଜାର ୩୦୦ ହେକ୍ଟର ଚାଷଜମିରେ ମୁଗ ଓ ୫୦୦ ହେକ୍ଟର ଜମିରେ ବିରି ଚାଷ ପାଇଁ କୃଷି ବିଭାଗ ବିହନ ଯୋଗାଇ ଦେଇଥିଲା। ବ୍ଲକର ସରସଦାଠାରୁ ଆରମ୍ଭ କରି ଦକ୍ଷିଣବାଡ, ପାଟୁଳି, ରହଣିଆ, ମାଳଦା, କୋରିଗାଁ, ଶାସନ, ବିଷ୍ଣୁପୁର, ନପଙ୍ଗ, ରାମଚନ୍ଦ୍ରପୁର ଜଳମଣ୍ଡୁଆ, ନିର୍ଗୁଣ୍ଡି, ରାଜେନ୍ଦ୍ରପୁର, ପାଟୁଳି ପ୍ରମୁଖ ସ୍ଥାନରେ ଚାଷୀମାନେ ବିରି ଓ ମୁଗ ବୁଣିଥିଲେ। ଚାଷ ପାଇଁ ସରକାରଙ୍କ ପକ୍ଷରୁ କେବଳ ବିହନ ଯୋଗା ଯାଉଥିବା ବେଳେ ନିଜସ୍ୱ ଖର୍ଚ୍ଚରେ ଚାଷୀ ଚାଷ କରିଥିଲେ। ଦୈବି ଦୁର୍ଘଟଣା ଖରାଦିନିଆ କାଳବୈଶାଖୀ ଝଡ଼ିବର୍ଷାରୁ ଶସ୍ୟକୁ ସୁରକ୍ଷା ଦେବା ସହ କୃଷକମାନେ ଭଲ ଅମଳ ମଧ୍ୟ କରିଥିଲେ। ସରକାରୀ ବ୍ୟବସ୍ଥା ଥାଇ ମଧ୍ୟ ଅମଳ ପରବର୍ତ୍ତୀ ସମୟରେ ପଞ୍ଜିକୃତ ଚାଷୀଙ୍କଠାରୁ ଡାଲି ଜାତୀୟ ଶସ୍ୟ କ୍ରୟ ହୋଇନାହିଁ। ବ୍ଲକର ଜଳମଣ୍ଡୁଆ ସମିତିଠାରେ ଚାଷୀଙ୍କଠାରୁ ଶସ୍ୟ କିଣିବା ପାଇଁ ମାର୍କଫେଡକୁ ଦାୟିତ୍ୱ ଦିଆଯାଇଥିଲେ ସୁଦ୍ଧା ଏଯାଏଁ ମୁଗ ବିରି ବିକ୍ରି ହୋଇନାହିଁ। ଫଳରେ ଶହଶହ ଚାଷୀଙ୍କ ଘରେ କୁଇଣ୍ଟାଲ ଆକାରରେ ଡାଲି ଏବେ ପୋକ ଖାଉଛି। ଏନେଇ ଅନେକ ଦିନ ହେବ ବୋହୁ ବାର ଚାଷୀ ମାନେ ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପଟେ ଅମଳ ହୋଇଥିବା ଶସ୍ୟର ମାନ ଠିକ୍ ନଥିବା କହି ସଂସ୍ଥା ନିଜ ଦାୟିତ୍ୱରୁ ଓହରି ଯାଇଛି। ଚାଷୀମାନେ ଡାଲି ଜାତୀୟ ଫସଲ କରି ଏକପ୍ରକାର ଫସି ଯାଇଥିବା କହିଛନ୍ତି। ତେଣୁ ଆସନ୍ତା ବର୍ଷଠାରୁ ଆଉ ମୁଗ ବିରି ଚାଷ କରିବେ ନାହିଁ ବୋଲି ଅନେକ ଚାଷୀ କ୍ଷୋଭର ସହ କହିଛନ୍ତି।

### ବଢୁଛି ନକଲି ଔଷଧ କାରବାର; ପ୍ରଶାସନ ନିରବ

## ବିନା ଲାଇସେନ୍ସ ଓ ଫାର୍ମାସିଷ୍ଟରେ ଚାଲିଛି ବିକ୍ରି

ବନ୍ତ/ଆଗରପଡ଼ା,୧୮ ।୮ (ସମିସ): ଭଦ୍ରକ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନର ନୀରବତା ପାଇଁ ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ନକଲି ମେଡ଼ିସିନ ବିକ୍ରି କରି କୋଟିପତି ହେଲେଣି ଔଷଧ ବ୍ୟବସାୟୀ । ଚଢଉ ନହେବାରୁ ଦିନକୁ ଦିନ ଦିନ ନକଲି ମେଡ଼ିସିନର ପ୍ରାଦୁର୍ଭାବ ବେଶ ବଢିବାରେଲାଗିଛି। ବିଶେଷଭାବରେ ବନ୍ତ ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଗରପଡ଼ାଠାରେ ଅବସ୍ଥିତ। ଏହା ଅଧିନରେ ବନ୍ତ, କେନ୍ଦୁଆପଦା, କାଦବରାଙ୍ଗ ଓ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ନୂତନ) ରହିଛି। ଏହିସବୁ ଅଞ୍ଚଳରେ ନକଲି ମେଡିସିନ ବିକ୍ରି ହେଉଛି। କେତେବେଳେ ସ୍ୱାସ୍ଥ୍ୟ ବିଭାଗ ହାତଗୁଞ୍ଜା ନେଇ ଚୁପ ବସୁଛି ତ ଆଉ କେତେବେଳେ ବିଭିନ୍ନ ବାହାନା ଦେଖାଇ ଚଢ଼ଉ କରାଯାଉନି। ବିଶେଷଭାବରେ ଗ୍ରାମାଞ୍ଚଳରେ ନକଲି ମେଡ଼ିସିନ ବିକ୍ରି ଅଧିକ ଚାଲିଛି। ବର୍ଷ ବର୍ଷ ଧରି ନକଲି ମେଡିସିନ ଚଳାଇଥିବା ଦୋକାନୀମାନେ କିଛି ଡ଼ାକ୍ତରଙ୍କୁ ହାତ କରି ଏହି ବେପାର କରିଆସୁଛନ୍ତି। ହେଲେ ଥରେ ମାତ୍ର ଡ୍ରଗ୍ସ କଣ୍ଟ୍ରୋଲର ପକ୍ଷରୁ ଚଢଉ ହେଉନାହିଁ କି ଔଷଧ ଯାଞ୍ଚ କରାଯାଉନି। ରାଜ୍ୟ ବାହାରୁ ନକଲି ମେଡିସିନ ଆଣି ଗ୍ରାମାଞ୍ଚଳ ଦୋକାନୀକୁ କମ ଦାମରେ ଯୋଗାଇ ଦିଆଯାଉଛି। ବିଶେଷକରି ମଧୁମେହ, ଉଚ୍ଚ ରକ୍ତଚାପ, କିଡନୀ, ହାର୍ଟ ଭଳି ମାରାତ୍ମକ ରୋଗର ଦାମୀ ମେଡ଼ିସିନ୍ ଏଠାରେ ନକଲି ଭାବେ ମିଳୁଥିବା ଅଭିଯୋଗ ହେଉଛି। ବନ୍ତ ବ୍ଲକର ୨୫ଟି ପଞ୍ଚାୟତ ସହିତ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଏବେ ନକଲି ମେଡିସିନ ମିଳୁଥିବା ଅଭିଯୋଗ ହୋଇଛି। ଏହି ନକଲି ମେଡ଼ିସିନ୍‌ର ଚେର ପଶ୍ଚିମବଙ୍ଗ, ବିହାର, ବାଙ୍ଗାଲୋର, ଦିଲ୍ଲୀକୁ ଲମ୍ବିଛି। ଲାଇସେନ୍ସ ଏବଂ ଫାର୍ମାସିଷ୍ଟ ନ ଥାଇ ମେଡିସିନ ବିକ୍ରି ହେଉଛି। କେବଳ ଫାର୍ମାସିଷ୍ଟ ସାର୍ଟିଫିକେଟରେ ଲକ୍ଷାଧିକ ଟଙ୍କାର ନକଲି ମେଡ଼ିସିନ ବିକ୍ରି ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ପ୍ରଶାସନର କାର୍ଯ୍ୟକଳାପକୁ ସନ୍ଦେହ କରାଯାଇଛି। ନିୟମାନୁସାରେ ମେଡ଼ିସିନ ଦୋକାନରେ ଫାର୍ମାସିଷ୍ଟ ଔଷଧ ବିକ୍ରି କରିବା କଥା । କିନ୍ତୁ ବନ୍ତ ବ୍ଲକର ଅଧିକାଂଶ ସ୍ଥାନରେ ତାହା ହେଉନଥିବା ଅଭିଯୋଗ ହୋଇଛି। ନିୟମିତଭାବରେ ମେଡ଼ିସିନ ଦୋକାନଗୁଡିକ ଯାଞ୍ଚ ହେଉନଥିବାରୁ ନକଲି କାରବାର ବୃଦ୍ଧି ପାଉଛି। ଏପରିକି ଅନେକ ଔଷଧ ଦୋକାନର ବୈଧ ଲାଇସେନ୍ସ ନ ଥିବା ମଧ ଜଣାପଡିଛି। ତେଣୁ ଏହି ବେଆଇନ୍ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।



### ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## 'ବୈଷ୍ଣବ ସାହିତ୍ୟ ଭାବ ଓ ଚଳଣିର ଶୁଦ୍ଧଧାରା'

ଭଦ୍ରକ,୧୮ ।୮ (ସମିସ): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ପୌରୋହିତ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଗୋଲକ ବିହାରୀ ସାହୁ ଆସରକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶ ବେଦପାଠ, ପ୍ରାରମ୍ଭିକ ଭଜନ ଓ ସମ୍ପାଦକୀୟ ପାଠ କରିଥିଲେ। 'ବୈଷ୍ଣବ ସାହିତ୍ୟରେ ଶ୍ରୀ ରାଧାକୃଷ୍ଣ' ଶୀର୍ଷକ ଏକ ଆଲୋଚନାଚକ୍ରର ମୁଖ୍ୟ ଅତିଥି ଜାତୀୟ ମାନବାଧିକାର ଯାଜପୁର ସଭାପତି ଓ ସାମ୍ବାଦିକ ଶୁଭକାନ୍ତ ନାୟକ, ମୁଖ୍ୟବକ୍ତା ପାଲାଗାୟକ ବିଶାରଦ ରଞ୍ଜିତ କୁମାର ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ, ପଦ୍ୟୁମ୍ନ କୁମାର ରାୟ, ଶିକ୍ଷାବିତ୍ କୈଳାସଚନ୍ଦ୍ର ମହପାତ୍ର, ଗୟାଧର ପଣ୍ଡା, ଅଧ୍ୟାପିକା ଭାନୁମତି ମାଟିଆ, ମନୋଜ ଜେନା, ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ପୂର୍ବତନ ସାହିତ୍ୟ ଏକାଡ଼େମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ବିଜୟ କୁମାର ବହଳୀ ପ୍ରମୁଖ ବୈଷ୍ଣବ ସାହିତ୍ୟ ଭାବ ଓ ଚଳଣିର ଶୁଦ୍ଧଧାରା। ରାଧା ବିନା କୃଷ୍ଣ ଅଧୁରା। ରାଧା ହିଁ ଭକ୍ତ ଓ ଭଗବାନଙ୍କ ଶାଶ୍ୱତ ପ୍ରେମର ପ୍ରକୃତ ନିଦର୍ଶନ। ଭକ୍ତ ବିନା ଭଗବାନଙ୍କ ସ୍ଥିତି ଅସମ୍ଭବ। ପ୍ରେମର ଅର୍ଥ କେବଳ ଦେବା ମାତ୍ର କିଛି ବି ପାଇବାର ଆଶା ନକରି ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ପୁରୁଷୋତମ ଧଳ ଓ ବିଧିବକ୍ତା ମନୋରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ନାରାୟଣ ଚନ୍ଦ୍ର ପାଢ଼ୀ, ବୀଣାପାଣି ତ୍ରିପାଠୀ, ଗୌରାଙ୍ଗ ଚନ୍ଦ୍ର ବାରିକ, ମାନସୀବାଳା ସୂତାର, ଜଗନ୍ନାଥ ନାୟକ, ରମାକାନ୍ତ ପାଳ, ସାବିତ୍ରୀ ବାନାର୍ଜୀ, ବୈକୁଣ୍ଠନାଥ ଓଝା, ରମେଶ ଚନ୍ଦ୍ର ଦାସ, ସୁରଞ୍ଜନ ପଣ୍ଡା, ମୁସ୍ତକ୍ ଗହ୍ୱର, ଶେଖ ଅବଦୁଲ ଦୟାନ, ନରେଶ ଚନ୍ଦ୍ର ଲେଙ୍କା, ମାନସ ରଞ୍ଜନ ପଣ୍ଡା, ଶଶାଙ୍କ ଶେଖର ପଣ୍ଡା, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଅଂଶୁମାନ ସ୍ୱାଇଁ, ସୁବାସ ଚନ୍ଦ୍ର ବଳ, କୈଳାସ ଦାସ, ସୁମିତ୍ରା ପାଣି, ପିତାମ୍ବର ଦାଶ, ସଂଗ୍ରାମ କେଶରୀ ସେନାପତି, ମଧୁସୂଦନ ମହାପାତ୍ର, ବିପ୍ଳବ ହୋତା, ଦିଳିପ ନାୟକ, ସଂଯୁକ୍ତା ଯାଦବ, ସୁରେଶ ସାହୁ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଅଧ୍ୟାପକ ମାଧବ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




## ୭ଦିନ ମଧ୍ୟରେ ସମାଧାନ ପ୍ରତିଶ୍ରୁତି ଦେଲେ ଜିଲ୍ଲା ଶିକ୍ଷାଧିକାରୀ

'ସକାଳ' ପ୍ରଭାବ

ଦୋଳସାହି, ୧୮ ।୮ (ସମିସ): ତିହିଡି ବ୍ଲକ ଅନ୍ତର୍ଗତ ଗୁଆମାଳ ପଞ୍ଚାୟତ ବୀଣାପାଣି ଉଚ୍ଚ ବିଦ୍ୟାଳୟରେ ଗତ ୨୦୨୦ ମସିହାରୁ ସଂସ୍କୃତ ଶିକ୍ଷକ ପଦ ଖାଲି ପଡିଥିବା ନେଇ ଦୈନିକ "ସକାଳ'ରେ ଗତ ୨୯ ତାରିଖରେ ଏକ ଖବର ପ୍ରକାଶିତ ପାଇଥିଲା। ଖବର ପ୍ରକାଶ ପାଇବା ପରେ ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ଏହି ଖବର ପାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଫୋନ ଯୋଗେ ୭ ଦିନ ମଧ୍ୟରେ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି ଏହା ୭ ଦିନ ମଧ୍ୟରେ ନ ହେବ ତାହାଲେ ସଂମ୍ପୂର୍ଣ୍ଣ ଭାବେ ସ୍କୁଲକୁ ତାଲା ପକାଇଦିଆଯିବ ବୋଲି ଚେତାବନୀ ଦେଇଥିଲେ। ସୂଚନାଯୋଗ୍ୟ, ବୀଣାପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଦାସ ବିଦ୍ୟାଳୟରେ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଂସ୍କୃତ ଶିକ୍ଷକ ନ ଥିବା ତାଙ୍କ ଉପରିସ୍ତ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲା ବେଳେ ଏହାର କୌଣସି ସୁଫଳ ମିଳିନଥିଲା। ବିଦ୍ୟାଳୟରେ ଶିକ୍ଷକ ଅଭାବ, ଶ୍ରେଣୀଗୃହ ଅଭାବ ପୂରଣ କରିବାକୁ ଅଭିଭାବକମାନଙ୍କ ପକ୍ଷରୁ ସମବାର ତାଲା ପକାଯାଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଏହାର ସମାଧାନ କରାଯିବା ନେଇ ୭ ଦିନ ଦିଆଯିବା ପରେ ଅଭିଭାବଙ୍କ ପକ୍ଷରୁ ଗେଟ ତାଲା ଖୋଲାଯାଇଥିଲା। ଅଭିଭାବକଙ୍କ ପକ୍ଷରୁ ମାନସ ବେହେରା, ପର୍ଶୁରାମ ପାଣିଗ୍ରାହୀ, ରଂଜନ ବେହେରା, ରବିନ୍ଦ୍ର ମଲ୍ଲିକ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।




### ଜାତୀୟ ସିନିଅର୍ ଆଥଲେଟିକ୍ ମିଟ୍

## ଓଡ଼ିଶା ଦଳରେ ହରିଶଙ୍କର

ଭଦ୍ରକ,୧୮ ।୮ (ସମିସ): ତାମିଲନାଡୁର ଚେନ୍ନାଇ ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳରେ ଭଦ୍ରକରୁ ହରିଶଙ୍କର ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତା ୨୦ ଅଗଷ୍ଟରୁ ଆରମ୍ଭ ହୋଇ ୨୪ ଅଗଷ୍ଟ ୨୦୨୫ରେ ସମାପ୍ତ ହେବ। ହରିଶଙ୍କର ପାଣିଗ୍ରାହୀ ୪ / ୪୦୦ ମିଟର୍ ରିଲେ ଇଭେଂଟରେ ସ୍ଥାନ ପାଇଛନ୍ତି। ସେ ବି.ଏନ୍. ଏମ୍.ଏ. କଲେଜ ପାଳିଆବିନ୍ଧାରେ +୩ ତୃତୀୟ ବର୍ଷ ବାଣିଜ୍ୟରେ ଅଧ୍ୟୟନ କରୁଥିବା ବେଳେ ଜଗନ୍ନାଥପୁର ସ୍ଥିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ସେ ୨ ବର୍ଷହେଲା ବିଶ୍ୱବିଦ୍ୟାଳୟ ସ୍ତରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଶା ମୁଣ୍ଡା ଆଥିଲେଟିକ ଷ୍ଟାଡିୟମରେ ସିନ୍ଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛନ୍ତି। ତାଙ୍କ ପିତାଙ୍କ ନାମ ରାମ ପ୍ରସାଦ ପାଣିଗ୍ରାହି ଓ ମାତାଙ୍କ ନାମ ସୀତାଦେବୀ ପାଣିଗ୍ରାହୀ। ତାଙ୍କ ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ। ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଆଥଲେଟିକ୍ ପ୍ରତିଯୋଗିତାରେ ସ୍ଥାନ ପାଇଥିବାରୁ ଖେଳପ୍ରେମୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ଭଦ୍ରକ ଜିଲ୍ଲା ଆଥିଲେଟିକ ସଂଘର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଭଦ୍ରକ ଆଥଲେଟିକ୍ ଏକାଡ଼େମୀର ପ୍ରତିଷ୍ଠାତା ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ, କ୍ରୀଡା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରନ୍ତୁ ବୋଲି ଶୁଭକାମନା କରିଛନ୍ତି।



### ସମସ୍ୟାରେ ସିନ୍ଧୁକେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ

## ଭଙ୍ଗାଦଦରା ଶ୍ରେଣୀରେ ଚାଲିଛି ପାଠପଢ଼ା

ବନ୍ତ/ଆଗରପଡ଼ା,୧୮ ।୮ (ସମିସ)

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ସିନ୍ଧୁକେଶ୍ୱର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସଂପ୍ରତି ଭଙ୍ଗା ଦଦରା ଗୃହରେ ପାଠପଢା ଚାଲିଛି। ଗତ ୧୯୬୯ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ୫୬ ବର୍ଷ ପୂରଣ କରିବାକୁ ଯାଇଛି; କିନ୍ତୁ ଶ୍ରେଣୀ ଗୃହଗୁଡିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ହାଇସ୍କୁଲରେ ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି; କିନ୍ତୁ ଶ୍ରେଣୀ ଗୃହ ଆବଶ୍ୟକ ଅନୁସାରେ ଅଭାବ ରହିଛି। ଶିଶୁ ବାଟିକା ସମେତ ୧୦ଟି ଶ୍ରେଣୀ ପାଇଁ ୧୫ ଜଣ ଶିକ୍ଷକ

**୫ଟି ଗୃହ ବିପଦସଙ୍କୁଳ**

ଅଛନ୍ତି। ବିଦ୍ୟାଳୟର ୧୦ଟି ଶ୍ରେଣୀ ପାଇଁ ୭ଟି ଗୃହ ଉପଲବ୍ଧ ଥିବା ବେଳେ ସେଥିରୁ ୫ଟି ଅତି ବିପଦସଂକୁଳ ଅବସ୍ଥାରେ ରହିଛି। ୫ଟିଯାକ ଗୃହ ଭଙ୍ଗା ପୁରୁଣା ଟିଣ ଚାଦର ରହିଥିବାବେଳେ ମରାମତି ଅଭାବରୁ ଏବେ ବିପଦସଂକୁଳ ହୋଇଛି। ବିଭାଗ ତରଫରୁ ଏହାର କୋଣସି ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଛାତ୍ରଛାତ୍ରୀଙ୍କ ଜୀବନ ବିପଦରେ ରହିଛି। ବର୍ଷା ହେଲେ ଛାତରୁ ପାଣି ଗଳିବା ସହିତ ପାରାଙ୍କ ବାସସ୍ଥଳୀ ପାଲଟିଛି। ଇତିମଧ୍ୟରେ ୫୫ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ଆଜିଯାଏ ଶୈକ୍ଷିକ ପରିବେଶରେ କୌଣସି ଉନ୍ନତି ହୋଇପାରିନାହିଁ। ଚଳିତ ଶିକ୍ଷାବର୍ଷରେ ୩୫୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଗୋଟିଏ ଗୃହରେ ୩ଟି ଶ୍ରେଣୀ ଓ ଅନ୍ୟ ଏକ ଗୃହରେ ୨ଟି ଶ୍ରେଣୀ ଏବଂ ଗୋଟିଏ ବିପଦସଂକୁଳ ଘରେ ୩ଟି ଶ୍ରେଣୀର ପିଲା ପଢୁଛନ୍ତି। ପୂର୍ବ ସରକାରରେ ୫-ଟି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଗୃହଗୁଡିକ ଏବେ ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି। ସ୍କୁଲ ପରିସରରେ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ଲେଖାଏଁ ପାଣି ଜମିରହୁଛି। ସେହିପରି ଦୀର୍ଘ ୩୧ମାସରୁ ଊର୍ଦ୍ଧ୍ୱ ସମୟ ହେବ କେହି ନିୟମିତ ପ୍ରଧାନଶିକ୍ଷକ ନାହାନ୍ତି। ଏଠାରେ ଥିବା ଜଣେ ବିଜ୍ଞାନ ଶିକ୍ଷକଙ୍କୁ ଡ଼େପୁଟେସନରେ ଅନ୍ୟତ୍ର ପଠାଇ ଦିଆଯାଇଛି। ବିଭାଗ ପକ୍ଷରୁ ଏକ ଶ୍ରେଣୀ ଗୃହ ନିର୍ମାଣ କରାଯାଉଥିଲେ ମଧ ଅର୍ଥାଭାବରୁ ଅଧାରେ ରହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ନୂତନ ସରକାର ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ପ୍ରୟାସ କରୁଥିବା ବେଳେ ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ନ ଆସିଲେ ଉକ୍ତ ଯୋଜନା ସଫଳ ହେବାନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧପନ୍ତରିଆ ଗୃହ ନିର୍ମାଣକୁ ନେଇ ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଛି। ଖୁବ୍ ଶୀଘ୍ର ଏହାର ନିର୍ମାଣ ର୍ ଆରମ୍ଭ ହେବ ବୋଲି କହିଥିଲେ। ସେହିପରି ବିଦ୍ୟାଳୟ ସମସ୍ୟାକୁ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧବକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ପ୍ରକାଶ କରିଥିଲେ।



## ଆତ୍ମହତ୍ୟା ପ୍ରତିରୋଧ ସଚେତନତା



ଦୋବଲ,୧୮।୮(ସମିସ): ଧାମନଗର ମହାବିଦ୍ୟାଳୟରେ ଭଦ୍ରକ ଜିଲ୍ଲା ପୁଲିସ ତରଫରୁ ଆତ୍ମହତ୍ୟା ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ତ୍ରିଲୋଚନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧାମନଗର ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ବାସ୍ତବିକା ଦାସ ସଞ୍ଚାଳନ କରିଥିଲେ। ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ କଲେଜରେ ହେଉଥିବା ରାଗିଂ, ଛାତ୍ରୀ ଓ ମହିଳା ନିର୍ଯାତନା, ସାଇବର ଅପରାଧ ଆଦିରେ ପୁଲିସର ସହାୟତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଆଇନଜୀବୀ ବନ୍ଧୁମାନେ ଭାରତୀୟ ନ୍ୟାୟ ସଂହିତାର ନୂତନ ଆଇନ ପ୍ରଣୟନ ସମ୍ପର୍କରେ ସମ୍ୟକ ତଥ୍ୟ ପ୍ରଦାନ କରିଥିଲେ। ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ବେଜ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଆଇନଜୀବୀ ଅଜିତ ଦାସ, ଅମରେନ୍ଦ୍ର ମହାନ୍ତି, ରଞ୍ଜିତ ମହାନ୍ତି, ଡିଏସପି ଦୀପିକା ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ଫେମିଲି କାଉନସେଲିଂ ଅଧିକାରୀ ସ୍ନେହଲତା ପଣ୍ଡା, ଧାମନଗର ଥାନା ଆଇଆଇସି ଗୋପାଳକୃଷ୍ଣ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧାମନଗର ଥାନାର ଏସଆଇ ପ୍ରଦୀପ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଧାମନଗର ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## 'ମିଛ କବିତା' ସାହିତ୍ୟ ସଂସଦର ଆଲୋଚନାଚକ୍ର

ଅସୁରାଳି,୧୮।୮(ସମିସ): ଧୂଷୁରି ହୃଦାନନ୍ଦ ପାଠାଗାରଠାରେ ''ମିଛ କବିତା' ସାହିତ୍ୟ ସଂସଦ ପକ୍ଷରୁ ଏକ ଗଭୀର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଧୂଷୁରି ପ୍ରେସ ୟୁନିଅନର ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ। ବରିଷ୍ଠ ଅଭିବକ୍ତା ଓ ସିପିଏମ ନେତା ଚନ୍ଦ୍ରଶେଖର ନାୟକ, ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ତରାଇ, ଅନୁକମ୍ପା ମହିଳା ସଂଗଠନର ସଭାପତି କବିତା ସାହୁ, ଉପସଭାପତି ନମିତା ପଣ୍ଡା, ଲକ୍ଷ୍ମୀନାରାୟଣ ମିଶ୍ର ଓ ଅନେକ ସମାଜସେବୀ, କବି ଓ କବୟିତ୍ରୀ ''ମିଛ କବିତା' ଦ୍ୱାରା ସମାଜରେ ଆସୁଥିବା ଚେତନା, ସୃଜନାତ୍ମକ ପରିବର୍ତ୍ତନ ଓ ସାହିତ୍ୟ ମାଧ୍ୟମରେ ଉତଥାପିତ ହେଉଥିବା ମୂଲ୍ୟବୋଧ ବିଷୟରେ ଗଭୀର ଅନୁଚିନ୍ତନ କରିଥିଲେ। ଏହି ପ୍ରୟାସ ଦୀର୍ଘ ୮ ବର୍ଷ ଧରି ନିରବିଚ୍ଛିନ୍ନ ଭାବେ ସମାଜରେ ବୈପ୍ଳବିକ ମନୋଭାବକୁ ତ୍ୱରାନ୍ୱିତ କରିଛି। ଶେଷରେ ''ମିଛ କବିତା'ର ସମ୍ପାଦକ ଦୀପ୍ତିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ଜନ୍ମାଷ୍ଟମୀ ଉଲ୍ଲାସରେ ସୈନିକ ସ୍କୁଲ



ତିହିଡି, ୧୮।୮(ସମିସ): ଓଡିଶା ବ୍ରିଗେଡ୍ (ସୈନିକ) ସ୍କୁଲ୍ ପ୍ରାଙ୍ଗଣରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀକୃଷ୍ଣଙ୍କ ମନୋହର ବିଗ୍ରହକୁ ବିଧିପୂର୍ବକ ପୂଜା-ପାଠ କରାଯାଇଥିଲା। ପରେ ଶିଶୁ-ଶିକ୍ଷାର୍ଥୀମାନଙ୍କ ଦ୍ୱାରା ନୃତ୍ୟ-ଗୀତ, ଦଧିହାଣ୍ଡି ଭଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶ୍ରୀକୃଷ୍ଣ କେବଳ ଧର୍ମର ସ୍ଥାପକ ନୁହନ୍ତି, ସେ ଜୀବନର ସତ୍ୟ, ନ୍ୟାୟ ଆଦର୍ଶ ଓ ନୀତିର ପ୍ରତୀକ। ଆଜିର ପିଲାମାନେ ତାଙ୍କର ଆଦର୍ଶରୁ ପ୍ରେରଣା ଗ୍ରହଣ କରି ସୁଶିକ୍ଷିତ ଓ ସୁସଂସ୍କୃତି ସମ୍ପୂର୍ଣ୍ଣ ନାଗରିକ ଭାବେ ଗଢିଉଠିବା ଦରକାର ବୋଲି ଅତିଥିମାନେ ବାର୍ତ୍ତା ଦେଇଥିଲେ। ସ୍କୁଲ ସଭାପତି ସସ୍ମିତା ନାୟକଙ୍କ ପୌରହିତ୍ୟରେ ତିହିଡି ବିଡିଓ ନିରଞ୍ଜନ ବାରିକ ମୁଖ୍ୟଅତିଥି, ଶିକ୍ଷାବିତ ଡ. ଲକ୍ଷ୍ମୀଧର ତ୍ରିପାଠୀ ମୁଖ୍ୟବକ୍ତା, ସାହିତ୍ୟିକ ଡ. ଅମୂଲ୍ୟ ସେନାପତି ସମ୍ମାନିତ ବକ୍ତା, ତିହିଡି ବ୍ଲକର ସହ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, ସାହିତ୍ୟିକ ଭଗବାନ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାମନାରାୟଣ ନାୟକ, କବି ସଞ୍ଜିତ ବଳ, ବିଭୂତିଭୂଷଣ ଗ୍ରହାଚାର୍ଯ୍ୟ, ଭାରତୀୟ ସେନାର ଯବାନ ଜ୍ୟୋତିର୍ମୟ ପାଣ୍ଡବ ବରେଣ୍ୟ ଅତିଥି ସମାଜସେବୀ ବୁଦ୍ଧଦେବ ଜେନା, ରଘୁନାଥ ପାତ୍ର, ସାମ୍ବାଦିକ ଆଲୋକ ବିକାଶ ପ୍ରିୟଦର୍ଶୀ ସାହୁ, ମନୋଜ ଦାସ, ପ୍ରିୟବ୍ରତ ପାଢୀ, କୈଳାସ ବେହେରା, ନିରଞ୍ଜନ ବାରିକ ସମ୍ମାନିତ ଅତିଥି ବିଦ୍ୟାଳୟର ଉପସଭାପତି ମନୋଜ ସେନାପତି, ଯୁଗ୍ମ ସମ୍ପାଦକ ଯଯାତି କେଶରୀ ଦାସ ସାମିଲ ହୋଇଥିଲେ। ବିଦ୍ୟାଳୟର ସମ୍ପାଦକ ସୀତାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିସ୍ମୟ ବିହାରୀ ସାହୁ ଶିକ୍ଷୟିତ୍ରୀ ଶ୍ୱେତାରାଣୀ ପଣ୍ଡା, ସସ୍ମିତା ସେଠୀ,ରାଧାରାଣୀ ମିଶ୍ର,ସସ୍ମିତା ନାଥ ଶିକ୍ଷକ ଗଣେଶ ସାହୁ ସେବିକା ଶାନ୍ତିଲତା ସେଠୀ,ଅଞ୍ଜଳି ଜେନା ଏବଂ ବିଦ୍ୟାଳୟର ସହକର୍ମୀ ଦିପୁ ଜେନା ସହଯୋଗ କରିଥିଲେ। ସମସ୍ତ ଅଭିଭାବକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନଙ୍କୁ ପୁରସ୍କାର ଓ ମିଷ୍ଟାନ୍ନ ବଣ୍ଟନ ସହିତ ଉତ୍ସବ ସମାପନ ହୋଇଥିଲା।

# ଭିତ୍ତିଭୂମି ଥାଇ ମଧ୍ୟ ଏନ୍ଏସିରୁ ବାଦ୍ ପଡ଼ିଲା ଆଗରପଡ଼ା

ବନ୍ତ/ଆଗରପଡ଼ା, ୧୮।୮(ସମିସ)

**ଅଞ୍ଚଳବାସୀଙ୍କ ଆଶା ମଳିନ**

ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରମୁଖ ସହରାଞ୍ଚଳ ଆଗରପଡ଼ା ନୂତନ ଏନ୍ଏସି ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ଯାହାକୁ ନେଇ କେବଳ ଆଗରପଡା ସମେତ ଜିଲ୍ଲାର ବୁଦ୍ଧିଜୀବୀ, ଜନସାଧାରଣ ଏବଂ ସର୍ବୋପରି ରାଜନୈତିକ ବ୍ୟକ୍ତିବିଶେଷ ତୀବ୍ର ଆପତ୍ତି ଉଠାଇଛନ୍ତି। ସରକାରଙ୍କ ୧୨ଟି ନୂତନ ଏନଏସି ସହରାଞ୍ଚଳ ତାଲିକାରେ ଭଦ୍ରକ ଜିଲ୍ଲାର କେବଳ ଧାମନଗତ ନିର୍ବାଚନମଣ୍ଡଳୀରେ ଦୁଇଟି ସହରାଞ୍ଚଳକୁ ଏନଏସି ଘୋଷଣା କରିଛନ୍ତି। ପୂର୍ବ ସରକାରଙ୍କ ଅମଳରେ ଏହି ନିର୍ବାଚନମଣ୍ଡଳୀର ଧାମନଗରକୁ ଏନ୍ଏସି ଘୋଷଣା କରାଯାଇଥିବା ବେଳେ ଏବେ ଏହି ନିର୍ବାଚନମଣ୍ଡଳୀର ତିହିଡି ଏବଂ ଧୂଷୁରୀକୁ ଏନ୍ଏସି ଘୋଷଣା କରିବା ପରେ କେବଳ ଧାମନଗର ନିର୍ବାଚନମଣ୍ଡଳୀରେ ଏନ୍ଏସି ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଜିଲ୍ଲାରେ ମୋଟ ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଭଦ୍ରକ ଏବଂ ବାସୁଦେବପୁର ନିର୍ବାଚନମଣ୍ଡଳୀରେ ୨ଟି ମ୍ୟୁନିସିପାଲିଟି ରହିଥିବା ବେଳେ ଚାନ୍ଦବାଲି ଏବଂ ଧାମନଗର ନିର୍ବାଚନମଣ୍ଡଳୀରେ ନୂତନ ଘୋଷଣାକୁ ମିଶାଇ ଏନ୍ଏସି ସଂଖ୍ୟା ୪କୁ ବୃଦ୍ଧିପାଇଛି।

ଓଡ଼ିଶାର ଅନ୍ୟତମ ବରପୁତ୍ର ଡ. ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ଜନ୍ମମାଟି ତଥା ଭାରତୀୟ ଜାତୀୟ ଆନ୍ଦୋଳନର ଅନ୍ତୁଡ଼ିଶାଳ କୁହାଯାଉଥିବା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ଆଗରପଡ଼ାକୁ ସରକାର ଏନ୍ଏସି ଘୋଷଣାରୁ ବାଦ ଦେଇଛନ୍ତି। ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ବନ୍ତ ଏବଂ ଭଣ୍ଡାରିପୋଖରୀ ପରି ୨ଟି ବୃହତ ବ୍ଲକ ରହିଛି। ଗୋଟିଏ ନିର୍ବାଚମଣ୍ଡଳୀରେ ଦୁଇଟି ବୃହତ ବ୍ଲକ ଥିବା ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀକୁ ସୁଯୋଗରୁ ଅନ୍ତର କରାଯିବା ଏକ ସୁଚିନ୍ତିତ ରାଜନୈତିକ ଷଡ଼ଯନ୍ତ୍ର ବୋଲି ବିଜେଡି ନେତା ତଥା ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ କହିଛନ୍ତି। ପୂର୍ବ ସରକାରଙ୍କ ଅମଳରେ ସୁଦୃଢ ଭିତ୍ତିଭୂମି ଥିବା ଆଗରପଡାକୁ ଏନ୍ଏସି ମାନ୍ୟତା ପାଇଁ ଆବଶ୍ୟକ କାଗଜପତ୍ର ସରକାରଙ୍କ ନିକଟରେ ଦାଖଲ କରାଯାଇଥିଲା। ରାଜ୍ୟ ସରକାରଙ୍କ ଏନ୍ଏସି ଘୋଷଣା ଯୋଗ୍ୟତା ତାଲିକାରେ ଆଗରପଡା ୭ ନମ୍ବର ସ୍ଥାନରେ ରହିଥିଲା। ତେବେ, ଘୋଷିତ ତାଲିକାରେ ଆଗରପଡା ବାଦ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।


ସରକାରଙ୍କ ଏନ୍ଏସି ଘୋଷଣା ଗାଇଡଲାଇନରେ ସର୍ବନିମ୍ନ ୧୦ ହଜାର ଏବଂ ସର୍ବାଧିକ ୫୦ ହଜାର ଲୋକ ବସବାସ କରୁଥିବା ସହରାଂଚଳକୁ ଏନ୍ଏସି ଘୋଷଣା କରାଯାଇପାରିବ। ତଦନୁଯାୟୀ, ବିଟିପୁର ପଞ୍ଚାୟତର ପାଟକନା, ରାଜତରାପୁର, ବିଟିପୁର, ହଳଦୀପହଣି ଏବଂ ବରହମପୁର ପ୍ରଭୃତି ଅଞ୍ଚଳକୁ ନେଇ ୧୦ଟି ୱାଡର୍, ପୁରୁଷଣ ପଞ୍ଚାୟତର ୯ଟି ୱାଡର୍, ବଡ଼ମହିଷଁଗୋଠ ଫଚାୟତର ୮ଟି ୱାଡର୍, ଗୋପୀନାଥପୁର ପଞ୍ଚାୟତର ୫ଟି ଏବଂ ମହାନ୍ତିପଡ଼ା ପଞ୍ଚାୟତର ୧୧ଟି ଏହିପରି ପ୍ରାୟ ୪୩ଟି ୱାଡର୍‌କୁ ନେଇ ଆଗରପଡା ଏନ୍ଏସି ପରିକଳ୍ପନା କରାଯାଇଥିଲା। ଜନସଂଖ୍ୟା ୩୦ ହଜାରକୁ ଅଧିକହେବ। ଆଗରପକା ଭଦ୍ରକ ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳ ହୋଇଥିବା ଯୋଗୁଁ ଏହା ସଡ଼କ ପଥରେ ଉଭୟ କେନ୍ଦୁଝର ଏବଂ ବାଲେଶ୍ୱର ଜିଲ୍ଲାକୁ ସିଧାସଳଖ ସଂଯୋଜିତ ହୋଇଛି। ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ, ସରକାରୀ ଅଫିସ, ଶିକ୍ଷାନୁଷ୍ଠାନ, ଡ଼ାଏଟ,ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର, ଦମକଳ କେନ୍ଦ୍ର, ବହୁ ପୁରାତନ ଡ଼ାକଘର, ପଶୁ ଡ଼ାକ୍ତରଖାନା ସମେତ ପାଖାପାଖି ୪ଶହ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଯେଉଁଠି ଦୈନିକ ପ୍ରାୟ ଶହେ କୋଟିରୁ ଅଧିକ ଟଙ୍କାର କାରବାର ହୋଇଥାଏ। ଗମନାଗମନ ଦୃଷ୍ଟିରୁ ଆଗରପଡା ଜିଲ୍ଲା ହେଡକ୍ୱାର୍ଟରଠାରୁ ମାତ୍ର ୨୫ କିମି ଦୂରତାରେ ରହିଥିବା ଯୋଗୁଁ ଜିଲ୍ଲାରେ ଅନ୍ୟତମ ଏନ୍ଏସି ଘୋଷଣା ପାଇଁ ଆଗରପଡ଼ା ଏକ ସର୍ବୋତ୍କୃଷ୍ଟ ସହରାଞ୍ଚଳ ସାବ୍ୟସ୍ତ ହେଉଥିଲେ ମଧ୍ୟ ରାଜନୈତିକ ଚକ୍ରାନ୍ତ କରି ଏହାକୁ ଏନ୍ଏସିରୁ ବାଦ ଦିଆଯାଇଛି ବୋଲି ବିଧାୟକ ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି। ସରକାରଙ୍କ ଏହି ପାତରଅନ୍ତର ନୀତିକୁ ଆଗରପଡାବାସୀ ବରଦାସ୍ତ କରିବେ ନାହିଁ ଏହା ବିରୋଧରେ ଜନ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ ଚେତାବନୀ ଦେଇଛନ୍ତି।

### ସେମାନେ ଯାହା କହନ୍ତି..



ପୂର୍ବ ସରକାରଙ୍କ ଏନ୍ଏସି ଘୋଷିତ ତାଲିକାରେ ଆଗରପଡ଼ା ୭ନଂ ସ୍ଥାନରେ ଥିଲା। ଗତ ବିଧାନସଭା ଅଧିବେଶନ ସମୟରେ ଆଗରପଡାକୁ କେବେ ଏନ୍ଏସି ମାନ୍ୟତା ମିଳିବ ବୋଲି ପ୍ରଶ୍ନ ଉଠାଇଥିଲି। ବିଭାଗୀୟ ମନ୍ତ୍ରୀ ଏହା ରାଜ୍ୟ ସରକାରଙ୍କ ବିଚାରଧୀନ ଥିବା ପ୍ରକାଶ କରିଥିଲେ। ଆଗରପଡ଼ା ଏନ୍ଏସି ଯୋଗ୍ୟତା ହାସଲ ପାଇଁ ସରକାରଙ୍କ ସବୁ ମାନଦଣ୍ଡକୁ ପୂରଣ କରୁଥିବା ବେଳେ ଘୋଷିତ ତାଲିକାରେ ଆଗରପଡା ବାଦ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସରକାର ଏହା ଉପରେ ତର୍ଜମା କରି ଏକ ସିଦ୍ଧାନ୍ତରେ ନ ପହଞ୍ଚିଲେ ସରକାରଙ୍କ ଏହି ପାତରଅନ୍ତର ନୀତିକୁ ଆଗରପଡାବାସୀ ବରଦାସ୍ତ କରିବେ ନାହିଁ ଏବଂ ଏହା ବିରୋଧରେ ଜନ ଆନ୍ଦୋଳନ ତୀବ୍ରତର ହେବ।

**- ସଂଜୀବ ମଲ୍ଲିକ, ବିଧାୟକ, ଭଣ୍ଡାରିପୋଖରୀ**



ଆଗରପଡ଼ା ଅଞ୍ଚଳର ଜଣେ ସୁନାଗରିକ ଭାବେ କହିବାକୁ ଚାହେଁ ଯେ ମୁଖ୍ୟମନ୍ତ୍ରୀ ଏବଂ ଭଦ୍ରକ ଜିଲ୍ଲାର ଯୁବ ମନ୍ତ୍ରୀଙ୍କ ଡ. ମହତାବଙ୍କ ଜନ୍ମଭୂମି ଆଗରପଡ଼ାକୁ ପ୍ରଥମ ପର୍ଯ୍ୟାୟରେ ଏନ୍ଏସି ଘୋଷଣା ନକରିବା (ଉକ୍ତ ଅଞ୍ଚଳ ସରକାରଙ୍କ ସମସ୍ତ ମାନଦଣ୍ଡରେ ରହିଛି) ଉତ୍କଳ କେଶରୀଙ୍କ ପ୍ରତି ଏବଂ ଅଞ୍ଚଳବାସୀଙ୍କୁ କେତେ ପରିମାଣରେ ଭଲ ପାଉଛନ୍ତି ତାହା ସେମାନଙ୍କ ଅସୂୟା ମନୋଭାବର ସୂଚନା ପ୍ରଦାନ କରୁଛି।

**- ପ୍ରଶାନ୍ତ ଦାଶ, ସଭାପତି, ପୁରୁଷଣ୍ଡ ସେବା ସମବାୟ ସମିତି**



ଯୁଗର ତାଳେ ତାଳେ ସମସ୍ତେ ନିଜର ଚାଲିଚଳନରେ ପରିବର୍ତ୍ତନ ଆଣିବାକୁ ଚାହୁଁଛନ୍ତି। ଏହିପରିସ୍ଥଳେ ସରକାରଙ୍କ ସବୁ ମାନଦଣ୍ଡକୁ ପୂରଣ କରିପାରୁଥିବା ବେଳେ ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରମୁଖ ସହରାଞ୍ଚଳ ଆଗରପଡ଼ା ନୂତନ ଏନ୍ଏସି ମାନ୍ୟତା ପାଇବାରୁ ବଞ୍ଚିତ ହେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ତେଣୁ ଏହାକୁ ରାଜନୀତିକରଣ ନକରି ଏହା ଉପରେ ସରକାର ତର୍ଜମା କରିବା ଆବଶ୍ୟକ।

**- ବିନୋଦ ଧଳ ସାମନ୍ତ, ନିର୍ଦ୍ଦେଶକ, କଳିଙ୍ଗ କମ୍ପ୍ୟୁଟର୍ସ**

## ନଦୀବନ୍ଧରେ ଫାଟ; ଲୋକେ ଆତଙ୍କିତ



ଅସୁରାଳି,୧୮।୮(ସମିସ): ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ଉପର ସଇଲୋ ଗ୍ରାମ ନିକଟ କୋଚିଳା ନଦୀର ଡାହାଣ ପାର୍ଶ୍ୱ ନଦୀ ବନ୍ଧରେ ପାଖାପାଖି ୩୦୦ ଫୁଟରୁ ଅଧିକ ଫାଟ ଦେଖା ଦେଇଛି। ବର୍ଷକ ମଧ୍ୟରେ ଏଠାରେ ୪ଥର ଫାଟ ଦେଖା ଦେଇଛି ହେଲେ ଜଳ ସମ୍ପଦ ବିଭାଗ ଅଧିକାରୀ ତାଳି ପକାଇ ବ୍ୟୟ ଅଟକଳ ଫଳକ ନମାରି ଲକ୍ଷଲକ୍ଷ ଟଙ୍କା ହଡପ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସମସ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ କେଇ ଦିନ ମଧ୍ୟରେ ପୁଣି ବନ୍ଧ ଫାଟିବା ସହ ଦବିଯାଇଛି। ସେହି ସ୍ଥାନରେ ଖାଲି ବନ୍ଧ ଫାଟିନି ପାଖାପାଖି ୫୦ ଫୁଟରୁ ଅଧିକ ହେବ ବନ୍ଧ ନଦୀ ଗର୍ଭକୁ ଧସି ଯାଇଛି। ମାତ୍ର ମାସେ ପୂର୍ବରୁ ଏଠାରେ ବନ୍ୟା ଯୋଗୁଁ ମାଟି ଅତଡା ଖସିଥିଲା। ବିଭାଗୀୟ ଅଧିକାରୀ ବାଉଁଶ ବହ୍ଲା ମାରିବା ସହ ବାଲିବସ୍ତା ପକାଇ ଥିଲେ। ବନ୍ଧ ଫାଟିବାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି, ପ୍ରାଥମିକ ଭାବେ ବନ୍ଧ କାର୍ଯ୍ୟ କରୁଥିବା ସମୟରେ କାହିଁକି ଦୃଷ୍ଟି ଦିଆଗଲା ନାହିଁ? ନିମ୍ନମାନର କାର୍ଯ୍ୟ ଯୋଗୁଁ ବାରମ୍ବାର ସମାନ ସ୍ଥାନରେ ଗର୍ତ୍ତ, ଘାଇ ସୃଷ୍ଟି ହେଉଛି। ପଥର ପ୍ୟାକିଂରେ ତ୍ରୁଟି ଓ ରୁଲିଂ କରି ନଥିବାରୁ ବନ୍ଧ ଗୁଡ଼ିକ ବହୁଦିନ ପର୍ଯ୍ୟନ୍ତ ଟେକି ରହି ପାରୁ ନାହିଁ। ମାନଦୀବନ୍ଧର ଦୁରବସ୍ଥାକୁ ଦେଖି ଆତଙ୍କିତ ଅବସ୍ଥାରେ ରହିଛନ୍ତି। ପୁଣି ଥରେ ବନ୍ୟା ହେଲେ ଗାଁ ଭାସିଯିବାକୁ କେହି ଅଟକାଇ ପାରିବେ ନାହିଁ। ଗାଁରେ ବାସ କରୁଥିବା ୧୦୦ରୁ ଅଧିକ ପରିବାର ଏହା ଦ୍ୱାରା ପ୍ରଭାଭିତ ହେବେ। ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ଦୋଷ ଦେଇଛନ୍ତି ସ୍ଥାନୀୟ ବାସିନ୍ଦା। ତେବେ ଆଜି ସକାଳୁ ଜଳ ସମ୍ପଦ ବିଭାଗର ୨ ଅଧିକାରୀ ଉପସ୍ଥିତ ହୋଇ ଫାଟରେ ପଲିଥିନ ଘୋଡେଇ ଦେଇଛନ୍ତି। ବିଭାଗୀୟ ଯନ୍ତ୍ରୀ, ନା କେହି ରାଜନେତା ନଦୀବନ୍ଧର ଦୁରବସ୍ଥାକୁ ନଜର ଦେଲେନାହିଁ। ଏହି ପରିପ୍ରେକ୍ଷୀରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଅଧିକାରୀ ଶରତ ଘଡାଇଙ୍କୁ କହିଲେ ଯେ ନଦୀବନ୍ଧ ସୁରକ୍ଷିତ ନାହିଁ। ଅସ୍ଥାୟୀ ଭାବେ ଏହାର ମରାମତି କରାଯିବ। ବର୍ଷା ଋତୁ ପରେ ଗାଁରୁ କିଛି ଘର ଉଠାଇ ଦିଆଯାଇ ଏକ ନୂତନ ବନ୍ଧ ନିର୍ମାଣ କରାଯିବ।

## ମୋବାଇଲ ଟର୍ଚ୍ଚରେ ଜିଲ୍ଲାପାଳ ଅଭିଯୋଗ ଶୁଣିଲେ



ବାସୁଦେବପୁର, ୧୮।୮(ସମିସ): ବାସୁଦେବପୁର ନୀଳମଣି ଟାଉନହଲଠାରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବାରମ୍ବାର ବିଦ୍ୟୁତ କାଟ ବେଳେ ଜିଲ୍ଲାପାଳ ଅନ୍ଧାରରେ ଧୈର୍ଯ୍ୟର ସହିତ ମୋବାଇଲ ଟର୍ଚ୍ଚ ଟିପି ଗୋଟିଏ ପରେ ଗୋଟିଏ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ, ବିଧାୟକ ଅଶୋକ ଦାସ, ଏସପି ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲଦାର ପ୍ରିୟବ୍ରତ ଦାସ, ବିଡିଓ ତନ୍ମିତା କର ଓ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଯୋଗଦେଇଥିଲେ। ବାସୁଦେବପୁର ବ୍ଲକ ଓ ପୌରପାଳିକାରେ ୧୫ ଅଗଷ୍ଟ ଦିନ ଅଧିକାଂଶ ସ୍କୁଲର କୁନି କୁନି ଶିଶୁମାନଙ୍କ ମଧ୍ୟାହ୍ନ ଭୋଜନ ବଣ୍ଟନ ବନ୍ଦ କରି ଅର୍ଥ ହଡପର ଅଭିଯୋଗ, ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା କର ଦେଢ ବର୍ଷ ଧରି ଅବସର ସତ୍ତ୍ୱେ ପେନସନ ପ୍ରଦାନରେ ବିଇଓ ଅଫିସକୁ ଦୌଡାଇବା, ଆହାର କେନ୍ଦ୍ରର ଟେଣ୍ଡର ପକାଇ ରଖିବା, ଅଟଳ ବିହାରୀ କଲେଜର ଜଣେ ଜଗୁଆଳି ନିଶାସକ୍ତ ଅବସ୍ଥାରେ ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଆଦି ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ଅଭିଯୋଗ ଶୁଣାଣୀ ସମୟରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଦେଖା ଦେଇଥିଲା। ଆଜି ୧୮୦ ଗୋଟି ଅଭିଯୋଗ ଜିଲ୍ଲାପାଳ ଶୁଣିଥିଲେ। ବିଭିନ୍ନ ରୋଗରେ ପୀଡିତ ରୋଗୀମାନଙ୍କୁ ୧ ଲକ୍ଷ ୪୭ ହଜାର ଟଙ୍କା ପ୍ରଦାନ କରିଥିଲେ।

## ବେଙ୍ଗାଲୁରୁ ଓଡ଼ିଆ ଯୁଥ ପକ୍ଷରୁ ଗୋବିନ୍ଦ ବାରିକଙ୍କୁ ଉତ୍କଳମଣି ସେବା ସମ୍ମାନ




ଭଣ୍ଡାରିପୋଖରୀ, ୧୮।୮(ସମିସ): ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ଗ୍ରାମର ଯୁବ ସାମ୍ବାଦିକ ଗୋବିନ୍ଦ ବାରିକଙ୍କୁ ବେଙ୍ଗାଲୁରର ଓଡିଆ ଯୁଥ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ସମାଜସେବା ସମ୍ମାନ ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ବେଙ୍ଗାଲୁର ମୋନେକୁଲାଲ ସରକାରୀ ବିଦ୍ୟାଳୟ ପରିସରରେ ଓଡିଆ ଯୁଥ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭରତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ସମାଜସେବୀ ମନୋହର ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରୁ ଶ୍ରୀ ବାରିକଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମାଜସେବା କ୍ଷେତ୍ର ଅବଦାନ ପାଇଁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତ ନଳିନୀ ଧଳଙ୍କୁ ସ୍ୱାମୀ ବିବେକାନନ୍ଦ ଯୁଥ ସମ୍ମାନ, ରଞ୍ଜନ ବେହୁରାଙ୍କୁ ଗୁରୁ କେଳଚରଣ ମହାପାତ୍ର କଳା ସମ୍ମାନ, ଅୟସକାନ୍ତି ଷଡଙ୍ଗୀଙ୍କୁ ବିଜୁ ପଟ୍ଟନାୟକଙ୍କୁ ଆଡମିନିଷ୍ଟ୍ରେଟିଭ ସମ୍ମାନ ଓ ହେମନ୍ତ ପାତ୍ରଙ୍କୁ ଉତ୍କଳ ଗୌରବ ମଧୁସୂଦନ ଦାସ ବିଜିନେସ ସମ୍ମାନ ପ୍ରଦାନ କରାଯାଇଥିଲା। ଦୀର୍ଘ ୧୬ ବର୍ଷ ଧରି ପ୍ରଦାନ କରାଯାଇ ଆସୁଥିବା ଏହି ସମ୍ମାନ ଚଳିତବର୍ଷ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆଇଡିଏଲ ବିଜେତା ଟିମ ଇଣ୍ଡିଆକୁ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ସାହୁ, ମନ୍ମଥ ରଥଙ୍କ ସମେତ ବହୁ ଓଡିଆ ସଙ୍ଗଠନ ସଭାପତି, ସଦସ୍ୟ/ ସଦସ୍ୟାମାନେ ଉତ୍ସବ ପରିଚାଳନା କରିଥିଲେ। ଲୋକପ୍ରିୟ ଓଡ଼ିଆ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରିଥିଲେ।

### ଦାୟିତ୍ୱହୀନ ଅଧିକାରୀ !

# ରାସ୍ତା ନିର୍ମାଣ ପରେ କାଳ ସାଜିଛି ଜଳ ନିଷ୍କାସନ

ବାରିକପୁର, ୧୮।୮(ସମିସ)



ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଏବେ ଡ୍ରେନେଜ ସମସ୍ୟା ଉତ୍କଟ ହେବାରେ ଲାଗିଛି। ବିଶେଷ କରି ରାସ୍ତା ପ୍ରଶସ୍ତୀକରଣ ନାଁରେ ଡ୍ରେନେଜ ନାଳଗୁଡିକ ସଂପୂର୍ଣ୍ଣ ଲୀନ ହୋଇଥିବା ବେଳେ ଏହାଦ୍ୱାରା ବିଭିନ୍ନ ଗ୍ରାମ ଜଳମଗ୍ନ ହେବା ଆଶଙ୍କା ଦେଖାଦେଇଛି। କୃଷି ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରି ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ଠିକାସଂସ୍ଥାକୁ ଲାଭ ଦେଉଥିବା ବେଳେ ଚାଷୀଙ୍କ ସ୍ୱାର୍ଥ ଜଳାଞ୍ଜଳି ଦେଉଛନ୍ତି। ଏଥିରେ ଡ୍ରେନେଜ ବିଭାଗ ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି।

ସୂଚନା ମୁତାବକ, ଛତାବରଠାରୁ ମଞ୍ଜୁରୀରୋଡ ଓ ବିଳିଘାଇଠାରୁ ଛତାବର ଯାଏଁ ଗତ ଦୁଇ ବର୍ଷ ମଧ୍ୟରେ ରାସ୍ତା ନବୀକରଣ କାର୍ଯ୍ୟ ହୋଇଛି। ଛତାବରଠାରୁ ବୈତରଣୀ ବଳିଘାଇ ସେତୁ ଯାଏଁ ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ଚାରିଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ପୁରୁଣା ରାସ୍ତା ପାର୍ଶ୍ୱରେ ଥିବା ପୁରାତନ ଡ୍ରେନେଜ ନାଳ ଏଥିପାଇଁ ସଂପୂର୍ଣ୍ଣ ନଷ୍ଟ ହୋଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ କାମ ଆରମ୍ଭ ସ୍ଥାନ ଓ ଦୁଇ ପାର୍ଶ୍ୱ ନାଳ ଏବେ ମାଟି ଦ୍ୱାରା ସଂପୂର୍ଣ୍ଣ ପୋତା ଯାଇଛି। ପ୍ରତ୍ୟେକ ବର୍ଷ ବର୍ଷା ଦିନେ ଏହି ନାଳ ଦେଇ ସୁଦୂର ଆଖୁଆପଦା, ତେସିଙ୍ଗା, ବନସ୍ତା ଓ ମଞ୍ଜୁରୀ ରୋଡ ଅଞ୍ଚଳରୁ ଆସୁଥିବା ପାଣି ନିଷ୍କାସନ ହୋଇଥାଏ। ଏବେ ଡ୍ରେନେଜ ସଂପୂର୍ଣ୍ଣ ପୋତି ହେବା କାରଣରୁ ଜଳ ନିଷ୍କାସନରେ ଏହା ଘୋର ସମସ୍ୟା ସୃଷ୍ଟି କରୁଛି। କିଛିଦିନ ହେଲା ବର୍ଷା ହେଉଥିବା ବେଳେ ଏବେ ରାସ୍ତା ପାର୍ଶ୍ୱରେ ଥିବା ଚାଷ ଜମିଗୁଡିକ ଜଳମଗ୍ନ ହୋଇଛି। ଫଳରେ ଖରିଫ ଚାଷ ପାଇଁ ଜମି ବେଉଷଣ କରିବା ସମ୍ଭବ ହେଉନାହିଁ। ଏପରିକି ପଡିଥିବା ଧାନ ତଳି ମଧ୍ୟ ନଷ୍ଟ ହେଉଥିବା କୁହା ଯାଇଛି। ଏହାଛଡା ଅଧିକ ବର୍ଷା ହେଲେ ଛତାବର ବଜାର ସମେତ ନେଉଳିଆ, ଭୂତିଆ, ନାରାୟଣପୁର, ସଂପୋଇ, ନିଳାଦ୍ରୀ, ଭାଗଡା, ଡାହାଲା ପ୍ରମୁଖ ଗାଁ କୃତ୍ରିମ ବନ୍ୟାରେ ଉବୁଟୁବୁ ହେବ ଏଥିରେ ସନ୍ଦେହ ନାହିଁ। ନିର୍ମାଣାଧୀନ ରାସ୍ତାର ସଂପୂର୍ଣ୍ଣ ଆଠ କିମି ଯାଏଁ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନୁରୂପ ଭାବେ ପୂର୍ତ୍ତ ବିଭାଗ ଅଧୀନରେ ନିର୍ମିତ ଆଉ ଏକ ରାସ୍ତା ହେଉଛି ଛତାବର ଠାରୁ ନିଳକ। ଏଠାରେ ଏକପ୍ରକାର ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସରିଥିଲେ ସୁଦ୍ଧା ୮ କିମି ଯାଏଁ ଡ୍ରେନେଜ ସମସ୍ୟା ଉତ୍କଟ ହୋଇଛି। ମଞ୍ଜୁରୀରୋଡ ବଜାରଠାରୁ ଛତାବର ଛକ ଯାଏଁ ରାସ୍ତାର ଦୁଇପାର୍ଶ୍ୱରେ ଥିବା ଜଳ ନିଷ୍କାସନ ପଥକୁ ପୋତି ଦିଆ ଯାଇଛି। ତେଣୁ ଏକର ଏକର ଚାଷ ଜମି ଗୁଡିକରୁ ଉଦ୍ଧୃତ ଜଳ ନିଷ୍କାସନ ହେବାକୁ ଘୋର ଅସୁବିଧା ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏଥିପାଇଁ ରାସ୍ତା ପାର୍ଶ୍ୱରେ ଥିବା କୁଲଣା, ବିଶୋଳ, ପନଖା, ରାଜେନ୍ଦ୍ରପୁର, ଦେଓପଦା, ଥଇଲା, ସଂପୋଇ, ଭାଗଡା, ଅଗେଇବେହେରା, ତେସିଙ୍ଗ, ବନସ୍ତା ପ୍ରମୁଖ ଗ୍ରାମର ଶହେଶହ ଚାଷୀ କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡ଼ିଛି।

ନିୟମ ଅନୁଯାୟୀ, ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଯେକୌଣସି ନିର୍ମାଣ ପୂର୍ବରୁ ପ୍ରଥମେ ଜଳ ନିଷ୍କାସନ ପଥକୁ ସୁଗମ କରିବା କଥା। ହେଲେ ଏଠି ପୂର୍ତ୍ତ ବିଭାଗ ଉକ୍ତ ନୀୟମକୁ ଦୃଷ୍ଟି ନଦେଇ ରାସ୍ତା ନିର୍ମାଣ କାର୍ଯ୍ୟ କରିଛି। କାର୍ଯ୍ୟ କରୁଥିବା ଠିକା ସଂସ୍ଥା ମୋରମ ମାଟି ଓ ଅନ୍ୟାନ୍ୟ ସାମଗ୍ରୀ ଦ୍ୱାରା ଚାଷ ଜମି ପାର୍ଶ୍ୱ ନାଳଗୁଡିକୁ ସଂପୂର୍ଣ୍ଣ ପୋତି ଦେଇଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏପରିକି ନେତା ମନ୍ତ୍ରୀ ଓ ଜିଲ୍ଲାପାଳ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା କେହି ଏହା ଉପରେ ଦୃଷ୍ଟି ଦେଉନଥିବା ଅଞ୍ଚଳର ଜନସାଧାରଣ ଜଣାଇଛନ୍ତି। ଡ୍ରେନେଜ ସମସ୍ୟା ନେଇ ଭବିଷ୍ୟତରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ଏଥିରେ ସନ୍ଦେହ ନାହିଁ।

## ମହିଳା କମିଶନ ଅଧ୍ୟକ୍ଷାଙ୍କ ଭଦ୍ରକ ଜିଲ୍ଲା ଗସ୍ତ

ଭଦ୍ରକ,୧୮।୮(ସମିସ): ଆଜି ପୂର୍ବାହ୍ନରେ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଭଦ୍ରକ ଜିଲ୍ଲା ପରିଦର୍ଶନରେ ଆସି ଜିଲ୍ଲାର ୱାନ ଷ୍ଟପ ସେଣ୍ଟର ''ସଖି'ଶକ୍ତି ସଦନ, ଆସିଆନା, ଆଶ୍ରୟ ଓ ନୁହାସ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମାତୃ ୱାର୍ଡକୁ ଯାଇ ମହିଳା ରୋଗୀଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟ ଚିକିତ୍ସା ନେଇ ଆଲୋଚନା କରିଥିଲେ। ସେହିପରି ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ଡାକ୍ତରଖାନାରରେ ମା ଓ ଶିଶୁଙ୍କୁ ଦିଆଯାଉଥିବା ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଥିଲେ। ପରେ ଜିଲ୍ଲା କାରାଗାର ପରିଦର୍ଶନ କରି ମହିଳା ଅନ୍ତେବାସୀଙ୍କ ସାକ୍ଷାତ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ହାସଲ କରିଥିଲେ। ଏଥିରେ ଜେଲ୍ ଅଧୀକ୍ଷକ ବିକାଶ ସେଠୀ ସହାୟତା କରିଥିଲେ। ଅଧ୍ୟକ୍ଷାଙ୍କ ପରିଦର୍ଶନ ସମୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରୂପାଲି ମିତ୍ର, ପୋଗ୍ରାମ ଅଫିସର ଚନ୍ଦ୍ରା ସାହୁ ଉପସ୍ଥିତ ଥିଲେ।




## କାର୍ଯ୍ୟବନ୍ଦ ଆନ୍ଦୋଳନ; ତହସିଲରୁ ମିଳୁନି ପ୍ରମାଣପତ୍ର




ଦୋଲସାହି,୧୮।୮(ସମିସ): ସାରା ରାଜ୍ୟରେ ଓଡିଶା ରାଜସ୍ୱ ଅମଲା ସଂଘ ତରଫରୁ ଗତ ୧୧ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ସମୂହ ଛୁଟିରେ ଅଛନ୍ତି। ତିହିଡି ତହସିଲରେ ଅମଲା ସଂଘର କର୍ମଚାରୀମାନେ ଛୁଟିରେ ଅଛନ୍ତି। ମୂଳଦରମା ଲେଭୁଲ ୯ ଦାବି ନେଇ ଏହି ଅମଲା ସଂଘ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଛୁଟିରେ ରହିବା ନେଇ ସୂଚନା ଦେଇଛନ୍ତି। ଏହି ଅମଲା ସଂଘ କାର୍ଯ୍ୟ ବନ୍ଦ କରିବା ନେଇ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ଦେଖିବାକୁ ମିଳୁଛି। ଏଥିସହ ବିଭିନ୍ନ ଆବଶ୍ୟକୀୟ ପ୍ରମାଣପତ୍ର ଅନଲାଇନରେ ଆବେଦନ କରି ପାଇପାରୁନାହାନ୍ତି। ଏହି ସମସ୍ୟା ପାଇଁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଚୀନ୍ ବିଦେଶ ମନ୍ତ୍ରୀଙ୍କୁ ଭେଟିଲେ ଜୟଶଙ୍କର



ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ ବିଦେଶ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ୱାଙ୍ଗ ଭାରତ ଗସ୍ତରେ ଆସିଛନ୍ତି। ଦୁଇଜଣ ସୀମା ବିବାଦ, ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ନେଇ ଚର୍ଚ୍ଚା କରିଥିଲେ। ଦୁଇଦେଶ ମଧ୍ୟରେ ସମ୍ପର୍କ ଖରାପ ରହିଥିଲା। କିନ୍ତୁ ଏବେ ଭାରତ ଓ ଚୀନ୍ ଆଗକୁ ବଢ଼ିବାକୁ ଚାହୁଁଛନ୍ତି। ସେହିପରି ସୀମାବର୍ତ୍ତୀ ଅଞ୍ଚଳରେ ଆମେ ଶାନ୍ତି ଓ ସୌହାର୍ଦ୍ଦ ବଜାୟ ରଖିବାକୁ ଚାହୁଁଛୁ ବୋଲି ୱାଙ୍ଗ କହିଛନ୍ତି। ୱାଙ୍ଗ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜାତୀୟ ସୁରକ୍ଷା ପରାମର୍ଶ ଦାତା (ଏନ୍‌ଏସ୍‌ଏ)କୁ ମଧ୍ୟ ଭେଟିବେ। ସବୁ ପ୍ରକାର ଆତଙ୍କବାଦ୍ ବିରୋଧରେ ଲଢ଼େଇକୁ ପ୍ରାଥମିକତା ଦିଆଯିବା ବୋଲି ଜୟଶଙ୍କର କହିଥିଲେ। ଦୁଇ ଦେଶର ବିଦେଶ ମନ୍ତ୍ରୀଙ୍କ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି। କୈଳାସ ମାନସରୋବର ଯାତ୍ରା ପୁଣି ଆରମ୍ଭ ହୋଇଛି ବୋଲି ୱାଙ୍ଗ କହିଛନ୍ତି। ଏବେ ଭାରତ ସହିତ ସାଥି ହୋଇ କାମ କରିବାକୁ ଚୀନ ଇଚ୍ଛା ପ୍ରକାଶ କରିଛି। ଚୀନ୍‌ରେ ଆୟୋଜନ ହେବାକୁ ଯାଉଥିବା ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ଏହି ବୈଠକକୁ ବେଶ୍ ଗୁରୁତ୍ୱ ଦିଆଯାଉଛି।

# ସୁରତରେ ୨୫ କୋଟିର ହୀରା ଚୋରି

ସୁରତ, ୧୮ ।୮ (ଏଜେନ୍ସି): ଗୁଜରାଟର ସୁରତର କାପୋଦରା ଅଞ୍ଚଳରେ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀରୁ ପାଖାପାଖି ୨୫ କୋଟି ଟଙ୍କାର ହୀରା ଚୋରି ହୋଇଛି। ସୂଚନା ମିଳିବା ପରେ ସ୍ଥାନୀୟ ପୁଲିସ ଓ କ୍ରାଇମ ବ୍ରାଞ୍ଚ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। କଟରରେ ତିଜୋରୀ କାଟି ଲୁଟେରାମାନେ ହୀରା ଓ ନଗଦ ଟଙ୍କା ଲୁଟି ପଳାଇଯାଇଥିଲେ। ଲୁଟେରାମାନେ ଚୋରି କରିବା ସହ ସବୁ ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିଥିଲେ। ଏହିକ୍ରମରେ ଚୋରମାନେ ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଡିଭିଆର ମଧ୍ୟ ନେଇଯାଇଥିଲେ। ପୁଲିସ ନିକଟସ୍ଥ ଅନ୍ୟ ଦୋକାନରେ ଥିବା ଅନ୍ୟ ସିସିଟିଭିର ଫୁଟେଜକୁ ନେଇ ଯାଞ୍ଚ କରୁଛି। ଅଗଷ୍ଟ ୧୫, ଜନ୍ମାଷ୍ଟମୀ ଓ ପରେ ରବିବାର ଥିଲା। ଫଳରେ ବଜାର ୩ ଦିନ ବନ୍ଦ ଥିଲା। ଲୁଟେରାମାନେ ଏହାର ଫାଇଦା ଉଠାଇଥିଲେ ଓ ଡିକେ ଆଣ୍ଡ ସନ୍ସ ଡାଇମଣ୍ଡ କମ୍ପାନୀକୁ ଟାର୍ଗେଟ କରିଥିଲେ। ଲୁଟେରା ମାନେ ଗ୍ୟାସ କଟରରେ ତିଜୋରି କାଟିଥିଲେ। ପାଖାପାଖି ୩୦ କୋଟି ଟଙ୍କାର ଜିନିଷ ଥିଲା ବୋଲି ଡାଇମଣ୍ଡ କମ୍ପାନୀର ମାଲିକ ଦେବେନ୍ଦ୍ର ଚୌଧୁରୀ କହିଛନ୍ତି।

# ଦିଲ୍ଲୀରେ ୩ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୮ (ଏଜେନ୍ସି): ଦିଲ୍ଲୀର ୩ଟି ସ୍କୁଲକୁ ସୋମବାର ବୋମା ବିସ୍ଫୋରଣ କରିବାର ଧମକ ମିଳିଥିଲା। ଫଳରେ ସତର୍କତା ଦୃଷ୍ଟିରୁ ସ୍କୁଲକୁ ଖାଲି କରାଯାଇଥିଲା। ଏହି ୩ଟି ସ୍କୁଲ ହେଲା ଦିଲ୍ଲୀ ପବ୍ଲିକ ସ୍କୁଲ ଦ୍ୱାରକା, ମର୍ଡନ କନଭେଣ୍ଟ ଓ ଶ୍ରୀରାମ ସ୍କୁଲ। ସୋମବାର ସକାଳେ ୭ଟାରେ ସ୍କୁଲରେ ଏକ ବିସ୍ଫୋରକ ପଦାର୍ଥ ଥିବାର ସୂଚନା ମିଳିଥିଲା ବୋଲି ଦମକଳ ବିଭାଗ ଅଧିକାରୀମାନେ କହିଛନ୍ତି। ଏହାପରେ ଦିଲ୍ଲୀ ପୁଲିସ, ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡର କେତୋଟି ଦଳ ସେଠାରେ ପହଞ୍ଚିଥିଲେ। ଏହାପରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ କୌଣସି ବିସ୍ଫୋଟକ ପଦାର୍ଥ ମିଳି ନଥିଲା। ଉଲ୍ଲେଖଥାଉ କି, ଗତ ଜୁଲାଇରେ ଦିଲ୍ଲୀ ସମେତ ମୁମ୍ବାଇ ଓ ବେଙ୍ଗାଲୁରୁର କେତୋଟି ସ୍କୁଲ୍‌କୁ ଧମକ ଭରା ଇମେଲ ମିଳିଥିଲା। କିନ୍ତୁ ଏହି ଇମେଲଗୁଡିକ ମିଛ ଥିଲା ଓ ସୁରକ୍ଷା ଏଜେନ୍ସିଗୁଡିକୁ କିଛି ମିଳି ନଥିଲା।

# ମାସକରେ ଆସାମରେ ସପ୍ତମ ଭୂକମ୍ପ

ଗୌହାଟୀ, ୧୮ ।୮ (ଏଜେନ୍ସି): ଆସାମର ନାଗାଓଁରେ ସୋମବାର ଭୂକମ୍ପ ଅନୁଭୂତ ହୋଇଛି। ଏଥିସହ ଆସାମରେ ଚଳିତ ମାସ ସପ୍ତମ ଓ ନାଗାଓଁ ଜିଲ୍ଲାରେ ତୃତୀୟ ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ ବୋଲି ଜିଲ୍ଲା ପ୍ରଶାସନ ତରଫରୁ କୁହାଯାଇଛି। ରିଚର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୩ ଥିଲା ବୋଲି ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜ ତରଫରୁ କୁହାଯାଇଛି। ଅପରାହ୍ନ ୧୨.୦୯ରେ ୩୫ କିମି ଗଭୀରରେ ଏହା ରେକର୍ଡ ହୋଇଥିଲା। ନାଓଗାଁ ସମେତ ଆଖପାଖ ଅଞ୍ଚଳରେ ଏହି ଭୂକମ୍ପ ଅନୁଭୂତ ହୋଇଥିଲା ବୋଲି ଜିଲ୍ଲାରେ ଜଣେ ଅଧିକାରୀ କହିଛନ୍ତି। ଏହି ଜିଲ୍ଲାରେ ପୂର୍ବରୁ ଅଗଷ୍ଟ ୭ରେ ୩.୮ ଓ ୮ ତାରିଖରେ ୨.୮ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଚଳିତ ମାସ ଆସାମରେ ଅନୁଭୂତ ହୋଇଥିବା ୭ଟି ଯାକ ଭୂକମ୍ପର ତୀବ୍ରତା ୨.୮ରୁ ୪.୩ ଥିଲା। ଉତ୍ତରପୂର୍ବାଞ୍ଚଳରେ ଅବସ୍ଥିତ ଆସାମ ହାଇ ସେସ୍‌ମିକ ଜୋନ୍‌ରେ ରହୁଛି।

# ଟୋଲ୍ ପ୍ଲାଜାରେ ସେନା ଯବାନଙ୍କୁ ମାଡ଼

ମିରଟ, ୧୮ ।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟ୍‌ରେ ମିରଟ- କର୍ଣ୍ଣାଲ ରାଜପଥରେ ଥିବା ଭୁନି ଟୋଲ ପ୍ଲାଜାରେ ରବିବାର ରାତିରେ ଜଣେ ସେନା ଯବାନଙ୍କୁ ମାଡ ହେବା ପରେ ସ୍ଥାନୀୟ ଗାଁ ଲୋକେ ଉତ୍ୟକ୍ତ ହୋଇ ସେଠାରେ ଭଙ୍ଗାରୁଜା କରିଛନ୍ତି। ଏହି ଯବାନ ହେଉଛନ୍ତି କପିଲ କଭଦ। ସେ ଜମ୍ମୁ-କଶ୍ମୀରରେ ନିୟୋଜିତ ଅଛନ୍ତି। ସେ ନିଜ ସମ୍ପର୍କୀୟ ଭାଇଙ୍କ ସହ ଦିଲ୍ଲୀ ବିମାନ ବନ୍ଦର ଯାଉଥିବାବେଳେ ଟୋଲ ଫି ଓ ସେଠାରେ ହେଉଥିବା ଜାମ୍ ନେଇ ଟୋଲ କର୍ମଚାରୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଫଳରେ ଟୋଲ କର୍ମଚାରୀମାନେ ତାଙ୍କୁ ଗୋଇଠା, ବିଧା, ଚାପୁଡା ମାରିବା ସହ ଗାଳିଗୁଲଜ କରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହି ଭିଡିଓକୁ ଦେଖି କପିଲଙ୍କୁ ସମର୍ଥନ କରୁଥିବା ଲୋକ ସେଠାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ।

# ଏନ୍‌ଏଚ୍‌ଏଆଇକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ୧୨ ଘଣ୍ଟା ରାସ୍ତା ଜାମ୍ ହେଲେ ଟୋଲ୍ କାହିଁକି ଦିଆଯିବ



ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ)କୁ ତୀବ୍ର ସମାଲୋଚନା କରିଛନ୍ତି। ଜାତୀୟ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଥିବା ଜାମ୍‌କୁ ନେଇ ପ୍ରଶ୍ନବାଣ ମାରିଛନ୍ତି। ଘଣ୍ଟାଏ ବାଟ ଯିବା ପାଇଁ ୧୨ ଘଣ୍ଟା ଲାଗିଲେ ଲୋକେ କାହିଁକି ଟୋଲ୍ ଦେବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ବିନୋଦ ଚନ୍ଦ୍ରନ ଏବଂ ଏନ ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏନ୍‌ଏଚଆଇକୁ ପଚାରିଛନ୍ତି। କେରଳ ହାଇକୋର୍ଟଙ୍କ ରାୟ ବିରୋଧରେ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଥ୍ରିଶୁର ଜିଲ୍ଲା ପାଲିୟେକାରାରେ ଥିବା ଟୋଲ୍ ଗେଟ୍‌ରୁ ଦେୟ ଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାରଣ ଏନ୍‌ଏଚ୍‌-୫୪୪ରେ ପଡୁଥିବା ଏହି ମାନୁଥି-ଏଡାପଲ୍ଲି ରାସ୍ତା ଅତି ଖରାପ ଥିଲା ଏବଂ ଗହଳି ଲାଗି ରହୁଥିଲା।

ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ଟ୍ରାଫିକ ନ ଥିବ ତେବେ ୬୫ କିମିର ଏହି ରାସ୍ତା ଅତିକ୍ରମ କରିବା ପାଇଁ ଅତିବେଶୀରେ ଘଣ୍ଟାଏ ଲାଗିଥାଏ। ଯଦି ଟ୍ରାଫିକରେ ଭିଡ଼ ରହେ ତେବେ ଅତିବେଶୀରେ ତିନି ଘଣ୍ଟା ଲାଗିବ। କିନ୍ତୁ ସହରର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଯଦି ୧୨ ଘଣ୍ଟା ଲାଗିବ ତେବେ ଟୋଲ ବାବଦକୁ ୧୫୦ ଟଙ୍କା କାହିଁକି ଦିଆଯିବ? ଜାମ୍ ପାଇଁ ଘଣ୍ଟାଏ ବଦଳରେ ଲୋକଙ୍କୁ



୧୧ ଘଣ୍ଟା ଅଧିକ ଲାଗୁଛି ଏବଂ ଏଥିପାଇଁ ତାଙ୍କୁ ଟୋଲ୍ ମଧ୍ୟ ଦେବାକୁ ପଡୁଛି। ଏ ବିଷୟରେ ଜଷ୍ଟିସ ଚନ୍ଦ୍ରନ ପ୍ରଶ୍ନ କରିବାରୁ ଏନ୍‌ଏଚଏଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ରାସ୍ତାରେ ଟ୍ରକ୍ ଖସି ପଡ଼ିବା ଏହା ଈଶ୍ୱର କୃତ। ଏହା ଉପରେ ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଆପେ ଆପେ ଟ୍ରକ୍ ଖସି ପଡ଼ି ନାହିଁ। ଖାଲରେ ପଡ଼ିଯିବାରୁ ଏହା ଦୁର୍ଘଟଣାର ଶିକାର ହୋଇଥିଲା। ଜବାବରେ ଏସ୍‌ଜି କହିଥିଲେ ଯେ ମୌସୁମୀ ବର୍ଷା ଯୋଗୁଁ ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିଛି। ସେ ହଟାଇବା ପରିବର୍ତ୍ତେ ହ୍ରାସ କରିବାକୁ ପରାମର୍ଶ ଦେଇଛନ୍ତି।

# ହ୍ୱାଇଟ୍ ହାଉସ ଉପରେ ବିଶ୍ୱର ନଜର

## ଟ୍ରମ୍ପଙ୍କୁ ଭେଟିବେ ଜେଲେଁସ୍କି, ୟୁରୋପୀୟ ନେତା

ୱାସିଂଟନ , ୧୮ ।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କୁ ଭେଟିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କୁ ଭେଟିବେ। ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବା ହିଁ ଏହି ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି। ଏହି ବୈଠକରେ ଜେଲେଁସ୍କିଙ୍କୁ ବାଦ୍ ଦେଲେ ୟୁରୋପିଆନ ୟୁନିୟନ ଅଧ୍ୟକ୍ଷ ଉର୍ସୁଲା ଭୋନ୍ ଡେର ଲେୟେନ, ନାଟୋ ମହାସଚିବ ମାର୍କ ରୁଟ୍, ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର, ଜର୍ମାନୀ ଚାନ୍ସଲର ଫ୍ରେଡେରିଚ ମେର୍ଜ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କ ଭଳି ୟୁରୋପୀୟ ନେତା ମଧ୍ୟ ଉପସ୍ଥିତ ରହିବେ। ଗତ ୭ ମାସ ମଧ୍ୟରେ ଟ୍ରମ୍ପ ଓ ଜେଲେଁସ୍କି ତୃତୀୟଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଗତ ବୈଠକରେ ଟ୍ରମ୍ପ ଓ ଜେଲେଁସ୍କିଙ୍କ ମଧ୍ୟରେ ଜୋରଦାର୍ ଯୁକ୍ତିତର୍କ ହୋଇଥିଲା। ଆମେରିକାଠାରୁ ସାହାଯ୍ୟ ପାଇଥିଲେ ମଧ୍ୟ ଜେଲେଁସ୍କି କୃତଜ୍ଞ ନୁହଁ ବୋଲି ଟ୍ରମ୍ପ କହିଥିଲେ। ଖାସ ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଖଣିଜ ପଦାର୍ଥକୁ ନେଇ କୌଣସି ଚୁକ୍ତି ହୋଇପାରି ନଥିଲା। ଏହାପରେ ଦୁହେଁ ଗତ ଏପ୍ରିଲ ୨୬ରେ ରୋମ୍‌ରେ ପୋପ୍‌ଙ୍କ ଅନ୍ତିମ ସଂସ୍କାରରେ ପରସ୍ପରକୁ ଭେଟିଥିଲେ। ଏଥର ବୈଠକରେ ଏଭଳି ସ୍ଥିତି ସୃଷ୍ଟି ହେବ ନାହିଁ ବୋଲି ଆଶା କରାଯାଉଛି। ବୈଠକରେ ଯୋଗ ଦେବାକୁ ଜେଲେଁସ୍କି ଇତିମଧ୍ୟରେ ୱାଶିଂଟନରେ ପହଞ୍ଚି ସାରିଛନ୍ତି। ଉଲ୍ଲେଖଥାଉ କି, ୩ ଦିନ ତଳେ ୟୁକ୍ରେନ ଯୁଦ୍ଧକୁ ନେଇ ପୁତିନ ଓ ଟ୍ରମ୍ପ ଆଲାସ୍କାରେ ଏକ ହାଇପ୍ରୋଫାଇଲ ବୈଠକରେ ମିଳିତ ହୋଇଥିଲେ। ୩ ଘଣ୍ଟାର ଏହି ବୈଠକରେ କୌଣସି ନିଷ୍କର୍ଷ ବାହାରି ପାରି ନଥିଲା। ଯୁଦ୍ଧ ଅବସରରେ ରୁଷିଆ ୟୁକ୍ରେନର ୨୦ ପ୍ରତିଶତ ଅଞ୍ଚଳ ଅର୍ଥାତ ପାଖାପାଖି ୧ ଲକ୍ଷ ୪୦ ହଜାର ୫୦୦ ବର୍ଗ କିମି ଅଞ୍ଚଳ ଦଖଲକୁ ଆଣିଛି ଓ ଏହାକୁ ଛାଡିବାକୁ ମନା କରିଛି। ବିନା କୌଣସି ସର୍ତ୍ତରେ ଅସ୍ତ୍ରବିରତି ହେଉ ବୋଲି ଜେଲେଁସ୍କି କହିଛନ୍ତି। ଏବେ ଏହି ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି।

### ନାଟୋରେ ସାମିଲ ହେବନି ୟୁକ୍ରେନ, କ୍ରିମିଆ ବି ମିଳିବ ନାହିଁ: ଟ୍ରମ୍ପ

ୟୁକ୍ରେନ୍‌କୁ ସୈନ୍ୟ ସଂଗଠନ ନାଟୋରେ ସାମିଲ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। କେବଳ ସେତିକି ନୁହଁ ୨୦୧୪ରୁ ରୁଷିଆ ଅକ୍ତିଆର କରିଥିବା କ୍ରିମିଆ ଅଞ୍ଚଳ ମଧ୍ୟ ୟୁକ୍ରେନ୍‌କୁ ମିଳିବ ନାହିଁ ବୋଲି ସେ କହିଛନ୍ତି। ଏବେ ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କିଙ୍କ ଉପରେ ସବୁକିଛି ନିର୍ଭର କରୁଛି। ସେ ଚାହିଁଲେ



ରୁଷିଆ ବିପକ୍ଷରେ ଯୁଦ୍ଧକୁ ରୋକି ପାରିବେ। ସେ ଯୁଦ୍ଧ ଜାରି ରଖିବେ ନା ଶାନ୍ତି ପାଇଁ ରାସ୍ତା ଖୋଜିବେ ସବୁକିଛି ଜେଲେଁସ୍କିଙ୍କ ଉପରେ ନିର୍ଭର କରୁଛି ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ୧୨ ବର୍ଷ ପୂର୍ବେ ସେତେବେଳର ଆମେରିକାର ରାଷ୍ଟ୍ରପତି ବାରାକା ଓବାମାଙ୍କ ଗସ୍ତ ବେଳେ ବିନା ଗୁଳି ଚାଳନାରେ ରୁଷିଆକୁ କ୍ରିମିଆ ଦିଆଯାଇଥିଲା ଓ ୟୁକ୍ରେନ ବି ନାଟୋରେ ସାମିଲ ହୋଇ ନଥିଲା। ତେଣୁ କେତୋଟି ଜିନିଷ କେବେବି ବଦଳିବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି।

ଅନ୍ୟପଟେ ରୁଷିଆ ରାଷ୍ଟ୍ରପତି ପୁତିନ ୟୁକ୍ରେନକୁ ସୁରକ୍ଷା ପ୍ରତିଶ୍ରୁତି ଦେବେ ବୋଲି ଟ୍ରମ୍ପଙ୍କର ଜଣେ ବିଶେଷ ଦୂତ ଷ୍ଟିଭ ୱିଟ୍‌କଫ କହିଛନ୍ତି। ରୁଷିଆ ୟୁକ୍ରେନକୁ ନାଟୋ ଭଳି ସୁରକ୍ଷା ଦେବାକୁ ରାଜି। ଏ ନେଇ ଟ୍ରମ୍ପ ଓ ପୁତିନ ଆଲାସ୍କା ବୈଠକରେ ସହମତି ପ୍ରକାଶ କରିଥିଲେ। ତେବେ ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ଦେବା ନେଇ ରୁଷିଆ କେବେ ରାଜି ହେବ ନାହିଁ ବୋଲି ପୁତିନ ସ୍ପଷ୍ଟ କରିଥିଲେ। ଆମେରିକା ଓ ୟୁରୋପୀୟ ରାଷ୍ଟ୍ରଗୁଡିକ ୟୁକ୍ରେନ୍‌କୁ ନାଟୋର ଧାରା-୫ ଭଳି ସୁରକ୍ଷା ବ୍ୟବସ୍ଥା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ଓ ପ୍ରସ୍ତାବିତ ଚୁକ୍ତିରେ ଏହା ଉଲ୍ଲେଖ କରାଯାଇଛି। ଉଲ୍ଲେଖଥାଉ କି, ନାଟୋର ଧାରା- ୫ ଅନୁସାରେ କୌଣସି ଗୋଟିଏ ରାଷ୍ଟ୍ର ଉପରେ ଆକ୍ରମଣ ହେଲେ ତାହା ସମସ୍ତଙ୍କ ଉପରେ ଆକ୍ରମଣ ବୋଲି ଧରି ନିଆଯିବ। ସେହିପରି ଆମେରିକା ୟୁକ୍ରେନ୍‌କୁ ସୁରକ୍ଷା ଗ୍ୟାରେଣ୍ଟି ଦେଇଥିବାରୁ ଜେଲେଁସ୍କି କୃତଜ୍ଞତା ଜଣାଇଛନ୍ତି। ଏହା ଏକ ଐତିହାସିକ ନିଷ୍ପତ୍ତି ସେ କହିଛନ୍ତି। ତେବେ ଏହା କେବଳ କାଗଜ କଲମରେ ନୁହେଁ ବାସ୍ତବରେ ହେବା ଉଚିତ ଓ ଏଥିରେ ୟୁରୋପୀୟ ରାଷ୍ଟ୍ରଗୁଡିକର ସକ୍ରିୟ ଭୂମିକା ରହିବା ନିହାତି ଜରୁରି ବୋଲି ଜେଲେଁସ୍କି ସ୍ପଷ୍ଟ କରିଛନ୍ତି।



# ମୋଦୀଙ୍କୁ ଫୋନ୍ କଲେ ପୁତିନ, ଆଲାସ୍କା କଥା କହିଲେ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସୋମବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି। ଗତ ସପ୍ତାହରେ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହୋଇଥିବା ଚର୍ଚ୍ଚାର ବିଷୟରେ ମୋଦୀଙ୍କୁ ସୂଚନା ଦେଇଛନ୍ତି। ଆଲୋଚନା ମାଧ୍ୟମରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ମୋଦୀ କହିଛନ୍ତି। ଭାରତ ଏ ସମ୍ବନ୍ଧରେ ସମସ୍ତ ପ୍ରୟାସକୁ ସମର୍ଥନ କରୁଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଆଲାସ୍କାରେ ଟ୍ରମ୍ପଙ୍କ ସହ ବୈଠକ ବିଷୟରେ ସୂଚନା ଦେଇଥିବାରୁ ପୁତିନଙ୍କୁ ମୋଦୀ ଧନ୍ୟବାଦ ଦେଇଛନ୍ତି। ଉଭୟ ନେତା ଦୁଇ ରାଷ୍ଟ୍ର ମଧ୍ୟରେ ରଣନୈତିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ମଧ୍ୟ ଚର୍ଚ୍ଚା କରିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଟ୍ରମ୍ପ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଆଲାସ୍କାରେ ସାକ୍ଷାତ ଆଲୋଚନା କରିଥିଲେ। ଉଭୟେ ତିନି ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ତେବେ ଏହା ଫଳାଫଳ ଶୂନ୍ୟ ରହିଥିଲା। ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କ ଉପରେ ଶାନ୍ତି ପ୍ରକ୍ରିୟା ନିର୍ଭର କରୁଛି ବୋଲି ଟ୍ରମ୍ପ କହିଥିଲେ। ସେ ଏହି ବୈଠକ ସଫଳ ରହିଥିବା ଉଲ୍ଲେଖ କରିଥିଲେ। ସେହିପରି ଦେଶର ସୁରକ୍ଷା ସବୁଠୁ ଜରୁରୀ ବୋଲି ପୁତିନ କହିଥିଲେ। ସେ ପରବର୍ତ୍ତୀ ବୈଠକ ମସ୍କୋରେ କରାଇବାକୁ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ ଯେ ରୁଷ୍‌ଠାରୁ ତୈଳ କ୍ରୟକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ଭାରତ ଏହାକୁ ବେଆଇନ ବୋଲି କହିଛି।

# ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ-କଲେଜ ଛୁଟି

ମୁମ୍ବଇ, ୧୮ ।୮ (ଏଜେନ୍ସି): ମୁମ୍ବଇ ଓ ଆଖପାଖ ଅଞ୍ଚଳରେ ସୋମବାର ସକାଳେ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। କେତେକ ଅଞ୍ଚଳରେ ପାଣି ଭରି ରହିଛି। ଏଥିପାଇଁ ସଡକରେ ଟ୍ରାଫିକ ଜାମ୍ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୫୪ ମିଲିମିଟର ବର୍ଷା ହୋଇଛି ବୋଲି ସ୍ଥାନୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ବ୍ରିହାନମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ବିଏମ୍‌ସି) ମୁମ୍ବଇର ସବୁ ସ୍କୁଲ ଓ କଲେଜ ଛୁଟି ଘୋଷଣା କରିଛନ୍ତି। ଅତିଆବଶ୍ୟକ ନ ହେଲେ ଲୋକଙ୍କୁ ଘରୁ ବାହାରକୁ ଯିବାକୁ ପ୍ରଶାସନ ତରଫରୁ ମନା କରାଯାଇଛି। ଆଗାମୀ କିଛି ଘଣ୍ଟାରେ ମୁମ୍ବାଇରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ ସତର୍କତା ଜାରି କରାଯାଇଛି। ମୁମ୍ବଇ ଭଳି ଥାନେ, ପାଲଘର ଓ ରାଇଘରରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ଲୋକାଲ ଟ୍ରେନ୍ ଓ ବିମାନ ବିଳମ୍ବିତ

ବର୍ଷା କାରଣରୁ ମୁମ୍ବଇ ବିମାନ ବନ୍ଦରରେ କେତୋଟି ବିମାନ ଉଡାଣ ବିଳମ୍ବିତ ହୋଇଛି। ତେବେ କେତେ ସଂଖ୍ୟାରେ ବିମାନ ଉଡାଣ ବିଳମ୍ବିତ ହୋଇଛି ସେ ନେଇ ବିମାନ ବନ୍ଦର କର୍ତ୍ତୃପକ୍ଷ କୌଣସି ସୂଚନା ଦେଇ ନାହାନ୍ତି। ବିମାନର ଉଡାଣ ହାରାହାରି ୫୪ ମିନିଟ୍ ବିଳମ୍ବିତ ହୋଇଛି ବୋଲି କୁହାଯାଇଛି। ସେହିପରି ଲୋକାଲ ଟ୍ରେନ୍‌ଗୁଡିକ ୧୫ରୁ ୨୦ ମିନିଟ୍ ବିଳମ୍ବରେ ଚାଲୁଛି। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଓ



ଜମ୍ମୁ-କଶ୍ମୀରରେ ଗତ କେତେଦିନ ହେବ ପ୍ରବଳ ବର୍ଷା ଜାରି ରହିଛି। ଗତ ୩ ଦିନ ହେବ ହିମାଚଳରେ ବର୍ଷା ଜାରି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଚଣ୍ଡିଗଡ଼-ମନାଲୀ ଚାରି ଲେନ ସମେତ ୩ଟି ଜାତୀୟ ରାଜପଥ ଓ ହିମାଚଳରେ ୪୦୦ ସଡକ ବନ୍ଦ ରହିଛି। ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀ ଓ ଯମୁନୋତ୍ରୀ ରାଜପଥ ବର୍ଷା ଯୋଗୁଁ ଭାଙ୍ଗି ଯାଇଛି।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ଯବାନଙ୍କ ଯତ୍ନ ନିଅ

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାରଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସେନା ପ୍ରଶିକ୍ଷଣ ସମୟରେ ଶାରୀରିକ ଅକ୍ଷମ ହୋଇଥିବା ଯବାନଙ୍କ ଯତ୍ନ ନେବାକୁ କହିଛନ୍ତି। ପ୍ରଶିକ୍ଷଣ ସମୟରେ ଗୁରୁତର ଆହତ କିମ୍ବା ଦିବ୍ୟାଙ୍ଗ ହୋଇଯିବା କାରଣରୁ ମେଡିକାଲ ଆଧାରରେ ବାହାର କରିଦିଆଯାଇଥିବା କ୍ୟାଡେଟ (ଯବାନ)ଙ୍କ ତଥ୍ୟ ଦେବାକୁ କେନ୍ଦ୍ର ସରକାର ଏବଂ ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁବ କ୍ୟାଡେଟଙ୍କ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଏ ଦିଗରେ ଠୋସ୍ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ଏଭଳି ଯବାନ ବୀମା ଦେବାକୁ କେନ୍ଦ୍ର ସରକାରଙ୍କୁ ଜଷ୍ଟିସ ବିଭି ନାଗରତ୍ନା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ନିଜଆଡୁ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ସାହସୀ ଯୁବକ ସେନାରେ ରୁହନ୍ତୁ ବୋଲି ଆମେ ଚାହୁଁଛୁ। ଆହତ କିମ୍ବା ଦିବ୍ୟାଙ୍ଗତା କୌଣସି କାରଣ ହୋଇ ନ ପାରେ। ଏହି ଯବାନମାନେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ସେନାରେ ସାମିଲ ହୋଇଥିଲେ। ଏଭଳି ଯବାନଙ୍କ ପାଇଁ ଗ୍ରୁପ ଇନସୁରାନ୍ସ ଭଳି ସୁବିଧା ଦେବାକୁ କହିଥିଲେ।

# ଏସ୍‌ଆଇଆର୍‌କୁ ନେଇ ସଂସଦରେ ବିରୋଧୀଙ୍କ ହଙ୍ଗାମା ଜାରି

ନୂଆଦିଲ୍ଲୀ, ୧୮।୮ (ଏଜେନ୍ସି): ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ଦଳଗୁଡିକ ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସ୍‌ଆଇଆର)କୁ ବିରୋଧ କରି ସୋମବାର ହଙ୍ଗାମା ଜାରି ରଖିଛନ୍ତି। ନିର୍ବାଚନ କମିଶନଙ୍କ ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏସଆଇଆର ପ୍ରକ୍ରିୟା ରଦ୍ଦ ଏବଂ ଏହା ଉପରେ ଚର୍ଚ୍ଚା ଦାବି କରୁଛନ୍ତି। କିନ୍ତୁ ସରକାର ବିରୋଧୀଙ୍କ ଦାବି ଶୁଣୁ ନାହାନ୍ତି। ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ନିମ୍ନ ସଦନ ଲୋକସଭାରେ ବିରୋଧୀ ଶାନ୍ତ ପଡ଼ି ନ ଥିଲେ। ଗୃହର ମଧ୍ୟଭାଗରେ ଏକାଠି ହୋଇ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ସରକାର ଏବଂ ନିର୍ବାଚନ କମିଶନ ଭୋଟ ଚୋରି କରୁଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ବାଚସ୍ପତି କହିଥିଲେ ଯେ ସରକାରୀ ସମ୍ପତ୍ତି ନଷ୍ଟ ପାଇଁ ସାଂସଦଙ୍କୁ ଲୋକେ ନିର୍ବାଚିତ କରିନାହାନ୍ତି। ଯଦି ନିୟମ ପାଳନ ନ କରିବେ ତେବେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋତେ କଠୋର ନିଷ୍ପତ୍ତି ନେବାକୁ ପଡ଼ିବ। ଦେଶବାସୀ ମଧ୍ୟ ଆପଣଙ୍କୁ ଦେଖୁଛନ୍ତି। ତେଣୁ ସରକାରୀ ସମ୍ପତ୍ତି ନଷ୍ଟ ନ କରିବାକୁ ପୁଣିଥରେ ଚେତାବନୀ ସହିତ ଅନୁରୋଧ କରି ସଂସଦକୁ କିଛି ସମୟ ପାଇଁ ମୁଲତବୀ କରିଦେଇଥିଲେ।

ଲୋକସଭା କାର୍ଯ୍ୟ ପୁଣି ଆରମ୍ଭ ହେବା ପରେ ଅପରାହ୍ନ ୨ଟାରେ ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପଟେନ ଶୁଭାଂଶୁ ଶୁକ୍ଳାଙ୍କ ସଫଳ ମହାକାଶ ଯାତ୍ରା ଉପରେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏହି ସମୟରେ ବିରୋଧୀ କକ୍ଷତ୍ୟାଗ କରିଥିଲେ। ଏହାକୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଦୁର୍ଭାଗ୍ୟ ଏବଂ ନିରାଶଜନକ କହିଥିଲେ। ମହାକାଶ ଭଳି କ୍ଷେତ୍ରକୁ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରଖିବା ଉଚିତ ବୋଲି କହିଥିଲେ। ଏହି ଚର୍ଚ୍ଚାରେ ସାମିଲ ହୋଇ ବିରୋଧୀ ଗଠନମୂଳକ ପ୍ରସ୍ତାବ ଦେବାର ଥିଲା। ସେହିପରି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଥିଲେ ଯେ ସଫଳ ମହାକାଶ ଅଭିଯାନକୁ ନେଇ ଭାରତ ଉତ୍ସବ ମନାଉ ଥିବାବେଳେ ବିରୋଧୀ ଏବେ ବି ହଙ୍ଗାମା କରୁଛନ୍ତି। ସେ ଚର୍ଚ୍ଚା ପାଇଁ ପ୍ରସ୍ତୁତ ହେଉନାହାନ୍ତି। ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ବିରୋଧୀ ହଙ୍ଗାମା କରିଥିଲେ। ଏଥିଯୋଗୁଁ ପ୍ରଥମେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। କାର୍ଯ୍ୟାରମ୍ଭ ହେବା ପରେ ଏସ୍‌ଆଇଆର ଉପରେ ଚର୍ଚ୍ଚା ଦାବି କରି ବିରୋଧୀ କକ୍ଷତ୍ୟାଗ କରିଥିଲେ। ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ ଚର୍ଚ୍ଚା କରି ଭାରତୀୟ ବନ୍ଦର ବିଲ୍ ପାରିତ କରାଯାଇଥିଲା। ଏହା ପରେ ଗୃହକୁ ମୁଲତବୀ କରାଯାଇଥିଲା। ତେବେ ବଙ୍ଗଳା ଭାଷା ବିବାଦକୁ ନେଇ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଏବଂ ମହୁଆ ମୋଇତ୍ର ସଂସଦ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଡାଲିଜାତୀୟ ଫସଲରେ ରୋଗ ନିୟନ୍ତ୍ରଣ

**ଆମେ ଖାଉଥିବା ଖାଦ୍ୟର ଏକ ମୁଖ୍ୟ ଅଂଶ ହେଉଛି ଡାଲି । ଡାଲିରେ ବହୁତ ପରିମାଣର ପୁଷ୍ଟିସାର ରହିଛି । ଓଡ଼ିଶାରେ ଡାଲିଜାତୀୟ ଫସଲ ମଧ୍ୟରେ ହରଡ଼, ମୁଗ ଓ ବିରି ଆଦି ଚାଷ କରାଯାଏ । ତେବେ ବର୍ଷାଯୋଗୁଁ ଜମିରେ ପାଣି ଜମି ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ଚେରପଚା ଓ କାଣ୍ଡପଚା, ପତ୍ରଚିତ୍ରା ଓ ପତ୍ରପୋଡ଼ା ରୋଗ, ବୀଜାଣୁ ଜନିତ ପତ୍ରପୋଡ଼ା, ଝାଉଁଳା ଆଦି ପ୍ରମୁଖ ରୋଗ ଦେଖାଯାଇଥାଏ । ତେଣୁ ଏହି ରୋଗର ପ୍ରାଥମିକ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରିବା ଆବଶ୍ୟକ ।**

ଅଧିକ ପାଣି ଜମି ହରଡ଼ରେ ପତ୍ର ଝାଉଁଳା ସମସ୍ୟା ଦେଖାଯାଏ । ଫଳରେ ଅମଳ ବାଧାପ୍ରାପ୍ତ ହୋଇଥାଏ । ଏଥିପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଫସଲରେ କୀଟନାଶକ ସିଞ୍ଚିବା ଜରୁରି ।

**ପତ୍ରଚିତା ଓ ପତ୍ରପୋଡ଼ା ରୋଗ:** ମୁଗ ଓ ବିରିରେ ଏହି ରୋଗ ଦେଖାଯାଇଥାଏ । ଗୋଲାକାରରୁ ଅଣ୍ଡାକୃତି ଏବଂ ଅନିୟମିତ କଳାବାଇଗଣି ରଙ୍ଗର ଚିହ୍ନ ପତ୍ରର ଉଭୟ ପାର୍ଶ୍ୱରେ ଦେଖାଯାଇଥାଏ । ଏହା କ୍ରମଶଃ ହଳଦିଆ ପଡ଼ି ଶୁଖି ଶେଷକୁ ଖସିପଡ଼େ । ତେଣୁ ଏହାର ପରିଚାଳନା ପାଇଁ କାର୍ବୋକ୍ସିନ ୩୭.୫% + ଥିରାମ ୩୭.୫% ଡିଏସ ପ୍ରତି କିଗ୍ରା ବିହନରେ ୨ ଗ୍ରାମ୍ ହିସାବରେ ମିଶାଇ ବିହନ ବିଶୋଧନ କରାଯିବା ଆବଶ୍ୟକ । ମାନକୋଜେବ ୭୫% ଡବ୍ଲ୍ୟୁପି ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଲେଖାଏଁ ମିଶାଇ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରାଯାଏ ।

**ଚେରପଚା ଓ କାଣ୍ଡ ପଚା ରୋଗ:** ମାଟି ଯଥେଷ୍ଟ ଓଦାଥିଲେ ଗଛର ଚେର ଅଗ୍ରଭାଗରୁ ପଚିଯାଇ ଏହି ରୋଗ ହୋଇଥାଏ । ମାଟିର ଠିକ୍ ଉପରକୁ ମୂଳ ପାଖରେ ପଚିଯାଏ, ସଢ଼ା ମୂଳଟି କଳା ଦେଖାଯାଏ । ଶେଷରେ ଗଛଟି ମରିଯାଏ । ଏଥିପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଆବଶ୍ୟକ । ଏହାର ପରିଚାଳନା ପାଇଁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଫିମ୍ପିନାଶକ ଔଷଧ ଏକର ପିଛା ୪୦୦ ଗ୍ରାମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ । ସେହିପରି ମୂଳଭାଗକୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ମେଟାଲାକ୍ସିଲ (୮%)+ ମାନକୋଜେବ (୬୪%) ଡବ୍ଲୁପି କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ (୮%) + ମାନକୋଜେବ (୬୩%) ଏକ ଲିଟର ପାଣିରେ ୫୦୦ ଲିଟର ଘୋଳ ହେକ୍ଟର ପ୍ରତି ପ୍ରୟୋଗ କରିବା ଆବଶ୍ୟକ ।

ହେକ୍ଟର ପିଛା ୨୫୦ କିଗ୍ରା ନିମ୍ବ ପିଡ଼ିଆ ଶେଷ ଓଡ଼ ଚାଷ ପୂର୍ବରୁ ମାଟିରେ ପକାଇ ଚାଷ କରି ମାଟିରେ ମିଶାଇ ଦେଲେ ଏହି ରୋଗରୁ ରକ୍ଷା ମିଳିଥାଏ । ଏକ ହେକ୍ଟରକୁ ୫୦ କିଗ୍ରା ଖତସାର ସହିତ ୫ କିଗ୍ରା ଟ୍ରାଇକୋଡର୍ମା ଭିରିଡ଼ି କିମ୍ବା ଟ୍ରାଇକୋଡର୍ମା ହାର୍ଜିଆନମ୍ ମୁଖ୍ୟ ଚାଷ ଜମିରେ ପ୍ରୟୋଗ କରନ୍ତୁ ।

**ବୀଜାଣୁ ଜନିତ ପତ୍ରପୋଡା ରୋଗ:** ଏହି ରୋଗରେ ପତ୍ରରେ ହଳଦିଆ ବଳୟ ମଝିରେ ମାଟିର ଦାଗ ସହିତ ଫଳ ଓ କାଣ୍ଡରେ ନାଲି ଯାଦୁଆ ରଙ୍ଗ ଦେଖାଯାଏ । ଏହାର ପରିଚାଳନା ପାଇଁ ନିରୋଗ ବିହନ ସଂଗ୍ରହ କରି ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ୍ କିମ୍ବା ୧୨୦ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ମିଶାଇ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଲଗାଇବା ପୂର୍ବରୁ ମଞ୍ଜିକୁ ୪ ଘଣ୍ଟା ବତୁରାଇ ବିଶୋଧନ କରାଯାଏ ।

**ସାହେବୀ ରୋଗ:** ମୁଖ୍ୟତଃ ଏହି ରୋଗ ହେଲେ, ପତ୍ରରେ ହଳଦିଆ ସବୁଜ ଛାପା ଛାପା ଦାଗ ଦେଖାଯାଇଥାଏ । ଏହା ଏକ ଭୂତାଣୁ ଜନିତ ରୋଗ । ଧଳାମାଛି ହେଉଛି ଏହି ରୋଗର ବାହକ । ଏହି ରୋଗ ହେଲେ, ଫଳଗୁଡିକ ଛୋଟ ଓ ନଷ୍ଟ ହୋଇଥାଏ । ତେଣୁ ଆକ୍ରାନ୍ତ ଗଛକୁ ଜମିରୁ ଉପାଡ଼ି ଜମିଠୁ ଦୂରକୁ ଫିଙ୍ଗି ଦେବା ଭଲ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ବେଣ୍ଡାଜିମ୍ ତଥା ଜୈବିକ ଉପାୟରେ ବିହନ ବିଶୋଧନ କରିବା ସହିତ ଫସଲ ଚକ୍ର ଉପରେ ଧ୍ୟାନ ଦେବା ଦ୍ୱାରା ରୋଗ ନିୟନ୍ତ୍ରଣ ହୋଇଥାଏ ।





# ବାଲ୍‌କୋନି ବଗିଚା ପାଇଁ ସ୍ମାର୍ଟ ଟିପ୍‌ସ

**ଅଧିକାଂଶ ଲୋକଙ୍କର ବଗିଚା କରିବାର ସଉକ ଥାଏ । ହେଲେ ଦ୍ରୁତ ସହରୀକରଣ ଯୋଗୁଁ ଗଛ ଲଗାଇବା ପାଇଁ ସ୍ଥାନାଭାବ ଦେଖାଯାଏ । ଏହାର ସମାଧାନ ସ୍ୱରୂପ ଲୋକେ ଏବେ ବାଲ୍‌କୋନି ବଗିଚା ଟ୍ରେଣ୍ଡକୁ ଆପଣାଇଛନ୍ତି । ଏଥିପାଇଁ କିଛି ସ୍ମାର୍ଟ ଟିପ୍ସ ଆପଣାଇ ପାରିବେ ।**



ବାଲ୍‌କୋନିରେ ଗୋଲାପ, ଗେଣ୍ଡୁ, ରଙ୍ଗଣୀ, ଜରବେରା, ମନ୍ଦାର, ମଲ୍ଲୀ ଆଦି ଫୁଲ ଗଛ, ପତ୍ରଯୁକ୍ତ ଗଛ, ପନିପରିବା ଲଗାଇପାରିବେ । ସପ୍ତାହକୁ ଥରେ ଗଛ ମୂଳରେ ଜୈବିକ ଖତ ପ୍ରୟୋଗ ଦ୍ୱାରା ଗଛ ବୃଦ୍ଧି ହୋଇ ଫୁଲ ଶୀଘ୍ର ଆସିଥାଏ । ସେହିପରି ସମସ୍ତ କୁଣ୍ଡକୁ କିପରି ସୂର୍ଯ୍ୟକିରଣ ପଡ଼ିପାରିବ ସେନେଇ ଧ୍ୟାନ ଦେବା ଆବଶ୍ୟକ । କୁଣ୍ଡରେ କେବେ ବି ଅଧିକ ପାଣି ଦିଅନ୍ତୁନି, ଏହା ଦ୍ୱାରା ମୂଳ ପଚିଯାଇପାରେ । ବାଲ୍‌କୋନିର ରଙ୍ଗବେରଙ୍ଗ ଫୁଲ ବଗିଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରେ ।

**ତୁଳସୀ ମନିପ୍ଲାଣ୍ଟ :** କାନ୍ଥ ପାଖେ ଛାଇ ତଥା କମ୍ ସୂର୍ଯ୍ୟକିରଣ ଆବଶ୍ୟକ କରୁଥିବା ଗଛ ଲଗାନ୍ତୁ । ଫର୍ଣ୍ଣ, ସ୍ପାଇଡର ପ୍ଲାଣ୍ଟ, ସ୍ନେକ ପ୍ଲାଣ୍ଟ, ହାର୍ଡି ଜେରେନିୟମ ପରି ଗଛ ଲଗାଇବା ଉପଯୁକ୍ତ । ଏହାର ଦେଖାଶୁଣା କରିବା ସହଜ ହୋଇଥାଏ । ବାଲକୋନିରେ ତୁଳସୀ, ମନିପ୍ଲାଣ୍ଟ, ଜେଡ ଜେନ୍, ଟେବୁଲ ଗୋଲାପ, ଏରେକା ପାମ ଗଛ ଲଗାଇପାରିବେ । ଲେମ୍ବୁଗଛ ଲଗାଇବା ଦ୍ୱାରା ସୁଗନ୍ଧ ପରିବେଶରେ ସକାରାତ୍ମକ ଶକ୍ତି ପ୍ରଦାନ କରେ ।

**ଓହଳା ବାସ୍କେଟ:** ବାଲ୍‌କୋନିରେ କମ୍ ସ୍ଥାନ ଥିଲେ, କାନ୍ଥରେ ଭର୍ଟିକାଲ ପ୍ଲାଣ୍ଟରରେ ଗଛ ଲଗାଇପାରିବେ । ରେଲିଂରେ ଓହଳା ବାସ୍କେଟ୍ ଟାଙ୍ଗି ସେଥିରେ ଚେରି ଟମାଟୋ, ପୁଦିନା, ଧଣିଆ ଆଦି ଗଛ ଲଗାଇବା ଭଲ । ଭାରି କୁଣ୍ଡ ବଦଳରେ ହାଲୁକା ପ୍ଲାଷ୍ଟିକ କୁଣ୍ଡ ବ୍ୟବହାର ଜରୁରି । ଟେରାକୋଟା କୁଣ୍ଡ ବା କଣ୍ଟେନରର ବ୍ୟବହାର କରିପାରିବେ । ଖତ ମିଶା ମାଟିରେ ଅଳ୍ପ କୋକୋପିଟ୍ ଓ ବାଲି ମିଶାଇ ଗଛ ଲଗାଇବା ଦ୍ୱାରା ଗଛର ବିକାଶ ଭଲ ହୁଏ ।

**ଟେବୁଲରେ ସଜାନ୍ତୁ:** ବାଲ୍‌କୋନିର ଆକାର ଛୋଟ ଥିଲେ ର୍‌ୟାକ୍ ବନାଇ ସେଥିରେ ଗଛ ଲଗାଇ ପାରିବେ । ନତୁବା ବାଲକୋନି ମଝିରେ ଗୋଟିଏ ଛୋଟ କଫି ଟେବୁଲ ରଖି ସେଥିରେ ଛୋଟ କୁଣ୍ଡରେ ଅଳଙ୍କାରିକ ଗଛ ଲଗାଇପାରିବେ । ଏହା ବାଲ୍‌କୋନିର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

**ବୋତଲ ଓ ପାଇପ୍‌ର ଉପଯୋଗ:** ବଡ଼ ପାଇପ୍‌ର ଦୁଇ ପାର୍ଶ୍ୱରେ ରସି ବାନ୍ଧି କାନ୍ଥ କିମ୍ବା ବାଲକୋନିରେ ଓହଳାଇ ପାରିବେ । ପାଇପ୍ ମଝି ଅଂଶକୁ କାଟି ଶୁଖିଲା ଖତ ଓ ମାଟି ଦେଇ ସେଥିରେ ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ଧାଡି ଧାଡି କରି ଲଗାଇପାରିବେ ।

**ପ୍ଲାଣ୍ଟ ସ୍କ୍ରିନ୍‌ର ସାହାଯ୍ୟ ନିଅନ୍ତୁ:** ବାଲ୍‌କୋନିକୁ ଅଧିକ ଆକର୍ଷଣୀୟ କରିବାକୁ ବାଉଁଶ ନିର୍ମିତ ସ୍କ୍ରିନ୍ କିମ୍ବା ସବୁଜ ସ୍କ୍ରିନ୍‌କୁ ବାଲକୋନିର ଏକ କୋଣକୁ ଢ଼ାଙ୍କି ପାରିବେ । ବାଲକୋନି ବଗିଚା ପାଇଁ ପରିବାଚୋପା, ଛଡ଼ାଫୁଲ, ତୁଳସୀ, ବେଲପତ୍ର ଆଦିକୁ ସଢ଼ାଇ ସେଥିରେ ଗୋବର, ଗୋମୂତ୍ର ସୋରିଷପିଡିଆ ଆଦି ମିଶାଇ ଖତ କରିପାରିବେ ।



# ଚାଷୀଙ୍କ ଶ୍ରମ ଲାଘବ କରିବ କୃଷିବଟ୍

**ଫସଲରେ ରୋଗ ପୋକ ନିୟନ୍ତ୍ରଣ କରିବାକୁ ଚାଷୀ ବିଭିନ୍ନ ଉପାୟ ଆପଣାନ୍ତି । କୀଟନାଶକ ସିଞ୍ଚନ କରିବାକୁ ଚାଷୀ କୀଟନାଶକ ଯନ୍ତ୍ରକୁ ବୋହି ବୋହି ଅଧିକ ଯନ୍ତ୍ରଣା ସହିଥାନ୍ତି । ଏଥିପାଇଁ ସମୟ ଓ ଖର୍ଚ୍ଚ ମଧ୍ୟ ବଢ଼ିଯାଏ । ତେଣୁ ନିଜ ଦାଦାଙ୍କୁ ଅଙ୍ଗୁର ଚାଷରେ ଏପରି କାମ କରି ଥକି ପଡୁଥିବା ଦେଖି ମହାରାଷ୍ଟ୍ର, ନାସିକ ଜିଲ୍ଲା, ୱାନ୍‌ଖେଡେର ୧୭ ବର୍ଷୀୟ ଆଦିତ୍ୟ ପିଙ୍ଗଲେ କୃଷିବଟ୍ ନାମକ ଏକ ମୋବାଇଲ ନିୟନ୍ତ୍ରିତ ରୋବଟ୍ ବିକଶିତ କରିଛନ୍ତି ।**

କୀଟନାଶକ ସିଞ୍ଚନରୁ ହେଉଥିବା ଚାଷୀଙ୍କ ଶାରୀରିକ ଶ୍ରମ କମ୍ କରିବା ଏହି ରୋବଟ୍‌ର ମୁଖ୍ୟ ଉଦ୍ଦେଶ୍ୟ । ବେକାର ତଥା ବର୍ଜ୍ୟ ସାମଗ୍ରୀ ଯଥା- ପୁରୁଣା ଟାୟାର, ୧୨ ଭୋଲ୍ଟ ଖେଳନା ଗାଡିରୁ ବାହାରିଥିବା ବ୍ୟାଟେରୀରୁ କୃଷିବଟ୍ ତିଆରି କରାଯାଇଛି । ଏହି ରୋବଟ୍‌ଟି ମୋବାଇଲ୍ - ନିୟନ୍ତ୍ରିତ ତଥା ୧୨ ଭୋଲ୍ଟ ରିଚାର୍ଜେବୁଲ ବ୍ୟାଟେରୀ ଚାଳିତ । ୱାଇ-ଫାଇ ସକ୍ଷମ ମାଇକ୍ରୋକଣ୍ଟ୍ରୋଲର ଥିବାରୁ ଏହା ମୋବାଇଲ୍ ଫୋନ୍ ସହିତ ଜଡିତ ହୋଇଥାଏ । ଯାହାକୁ ସହଜରେ ନିୟନ୍ତ୍ରଣ କରାଯାଇଥାଏ । ତେଣୁ ଚାଷୀଙ୍କୁ ଆଉ ଭାରି ଉପକରଣ ନେଇ କ୍ଷେତକୁ ଯିବାକୁ ପଡ଼େନାହିଁ । ଏଥିପାଇଁ ଆଦିତ୍ୟ ନବମ ଶ୍ରେଣୀରେ ପଢ଼ିବା ବେଳେ ମୋବାଇଲ ମରାମତି କାର୍ଯ୍ୟର ଏକ କୋର୍ସ ଶେଷ କରିଥିଲେ । ଏଥିପାଇଁ ତାଙ୍କୁ ସଲାମ ବମ୍ବେର ସହଯୋଗ ମିଳିଥିଲା । ବନ୍ଧୁ ପରାଶରାମ ପିଙ୍ଗଲ ଏବଂ ଅଭିଜିତ ପାୱାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏହି କୃଷିବଟକୁ ଫୋନ୍ ଜରିଆରେ ଯେକୌଣସି ଦିଗକୁ ବୁଲାଇ ହୁଏ । ସ୍ପ୍ରେୟରକୁ ନିୟନ୍ତ୍ରିତ କରାଯାଇପାରେ । ଗୋଟିଏ ସ୍ଥାନରେ ବସି ବସି କମ୍ ସମୟରେ ଜମିରେ କୀଟନାଶକ ସିଞ୍ଚନ କରିବାରେ ସାହାଯ୍ୟ କରିଥାଏ । ଏହି ରୋବଟ୍‌ରେ ୩୬୦ ଡିଗ୍ରୀର ଏକ କ୍ୟାମେରା ମଧ୍ୟ ଲଗାଯାଇଛି । ଯାହାଦ୍ୱାରା ଚାଷୀଙ୍କୁ ଚାଷ ଜମିର ବାସ୍ତବ ଦୃଶ୍ୟ ଦେଖିବାକୁ ସୁଯୋଗ ମିଳିପାରିବ । ଏହି ଉପକରଣରେ ନଟ୍ ଭୋଲ୍ଟ ଯନ୍ତ୍ର ଲଗାଇଥିବାରୁ ଫସଲର ଉଚ୍ଚତା ଆଧାରରେ ଏହି ସିଞ୍ଚନକୁ ଉପର ତଳ କରାଯାଇପାରିବ । ଏଥିପାଇଁ ସେ ପ୍ରଥମେ ଅଙ୍ଗୁର ଏବଂ ପୁଦିନା ଜମିରେ ଏହି ଉପକରଣର ପରୀକ୍ଷଣ କରିଥିଲେ । ଏଥିରେ ସଫଳ ହୋଇଥିଲେ । ଏହି ଉପକରଣରେ ସିଞ୍ଚନ କରିବାରେ ଅଧିକ ସମୟ ଲାଗି ନ ଥାଏ । ଶାରୀରିକ ପରିଶ୍ରମ କମ୍ କରିବା ସହ ଖର୍ଚ୍ଚ ମଧ୍ୟ କମ୍ କରିଥାଏ । ଏହା ହାଲୁକା, କମ୍ପାକ୍ଟ ହୋଇଥିବାରୁ ଯେକୌଣସି ସ୍ଥାନକୁ ଅତି ସହଜରେ ନେଇ ହୁଏ । ଆଗାମୀ ଦିନରେ ଆଦିତ୍ୟ ଏପରି ଏକ ରୋବଟ ବନାଇବାକୁ ଚାହୁଁଛନ୍ତି ଯାହା ଫସଲରେ କୀଟ ନିୟନ୍ତ୍ରଣ କରିବା ସହ ଘାସ କାଟିବା ସହିତ ପୁରା ଜମିର ଦେଖାଶୁଣା କରିପାରିବ ।

# ବର୍ଷାଦିନେ କୁକୁଡ଼ାଙ୍କ ଯତ୍ନ

**ବାଡ଼ି ଅଗଣାରେ କୁକୁଡ଼ା ଚାଷ କରି ଆମ ରାଜ୍ୟର ଚାଷୀଭାଇମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ତେବେ ବର୍ଷାଦିନରେ ଅଗଣା, ବାଡ଼ି ଓଦା ଓ କାଦୁଅ ହୋଇଥାଏ । ଓଦା ପରିବେଶରେ ପୋକ, ମାଛି, ଫିମ୍ପି ବୃଦ୍ଧି ପାଉଥିବାବେଳେ ସେଠାରେ କୁକୁଡ଼ା ଚରିବା ଦ୍ୱାରା ସେମାନଙ୍କଠାରେ ଅନେକ ରୋଗ ସୃଷ୍ଟି ହୋଇଥାଏ । ତନ୍ମଧ୍ୟରୁ ବସନ୍ତ, ପତଳାଝାଡ଼ା, କୃମିଜନିତ ସମସ୍ୟା, ଘୁମା ରୋଗ ଦେଖାଦେଇଥାଏ । ତେଣୁ ଏହି ଦିନେ କିପରି କୁକୁଡ଼ାଙ୍କ ଯତ୍ନ ନେବେ ଜାଣି ରଖନ୍ତୁ ।**



ଏହି ଦିନେ ସେମାନଙ୍କ ରହିବା ସ୍ଥାନକୁ ସଫା ଓ ଶୁଖିଲା ରଖିବା ଜରୁରି । ପାଣି ଜମିବାକୁ ଦିଅନ୍ତୁନି । ବର୍ଷାଦିନେ ସେମାନଙ୍କ ଶରୀରର ଶକ୍ତି ବୃଦ୍ଧି ପାଇଁ ପୌଷ୍ଟିକ ଖାଦ୍ୟ ଦେବା ଆବଶ୍ୟକ । ସଫା ପାଣି ପିଇବାକୁ ବନ୍ଦୋବସ୍ତ କରିବା ସହ ଶୁଖିଲା ଦାନା ଖାଇବାକୁ ଦେବା ଆବଶ୍ୟକ । ସାଧାରଣତଃ ବର୍ଷାଦିନେ ବସନ୍ତ ରୋଗ ହେବା ଦ୍ୱାରା କୁକୁଡ଼ାଙ୍କ ଆଖି ମୁହଁରେ ଫୋଟକା ସୃଷ୍ଟି ହୋଇଥାଏ । ଏଥିଯୋଗୁଁ କୁକୁଡା ଭଲ ଭାବେ ଦେଖିପାରନ୍ତିନି । ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ଫାଉଲପକ୍ସ ନାମକ ବସନ୍ତ ଟିକା କୁକୁଡ଼ାଙ୍କୁ ଦେବା ଜରୁରି । ମଚ୍ଛାମାଶିରୁ ସୁରକ୍ଷା ଦେବାକୁ ଫାର୍ମରେ ଜାଲି ଲଗାଇପାରିବେ । ଆଖପାଖରେ ପାଣି ଜମିବାକୁ ଦିଅନ୍ତୁନି । ନିମ୍ବ ଧୂଆଁ କିମ୍ବା ହର୍ବାଲ ସିଞ୍ଚନ କରିପାରିବେ । ଫାର୍ମରେ ଲାଇଟ୍ ଲଗାଇବା ଭଲ ବିକଳ୍ପ । ସେହିପରି ଓଦା ଦାନା, କାଠିକୁଟା, କୀଟ ଖାଇବା ଦ୍ୱାରା କୁକୁଡ଼ାଙ୍କୁ ପତଳାଝାଡ଼ା ହୋଇପାରେ । ଏହି ଲକ୍ଷଣ ଦେଖିଲେ ଆଲବେଣ୍ଡାଜଲ ସିରାପ୍‌କୁ ଗୋଟିଏ ଠିପା ଆଖିରେ ପକାଇପାରିବେ । କୁକୁଡ଼ାଙ୍କ ମୁଣ୍ଡବୁଲାଇବା ସମସ୍ୟା ତଥା ଘୁମାରୋଗ ଯୋଗୁଁ କୁକୁଡ଼ା ମୃତ୍ୟୁମୁଖରେ ପଡ଼ିଥାନ୍ତି । ଏନେଇ ପ୍ରାଣୀ ଚିକତ୍ସକଙ୍କ ପରାମର୍ଶ କରନ୍ତୁ । ସେହିପରି କୁକୁଡ଼ାଙ୍କ କୃମିଜନିତ ସମସ୍ୟା ଲାଗି ବର୍ଷକୁ ୪ଥର କୃମିନାଶକ ବଟିକା ଦିଅନ୍ତୁ ।

# ଆଖୁ ପତ୍ର କଳା ପଡୁଥିଲେ

ଆଖୁ ଏକ ଅର୍ଥକାରୀ ଫସଲ । ଚିନି ଗୁଡ଼ ପ୍ରସ୍ତୁତି ପାଇଁ ଆଖୁର ବ୍ୟବହାର କରାଯାଏ । ଆଖୁ ଚାଷୀଙ୍କ ପାଇଁ ଅଗଷ୍ଟ ମାସ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ସମୟଟି ଗଛ ବଢ଼ିବାର ସମୟ । ତା ସହିତ ଆଖୁରେ ଇଣ୍ଟରନୋଡ ତଥା ପବ ଛାଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଥାଏ । ସାଧାରଣତଃ ବର୍ଷାଦିନେ ଆଖୁ ଫସଲରେ ବିଭିନ୍ନ ପୋକ ଲାଗିବାର ଆଶଙ୍କା ବୃଦ୍ଧି ପାଇଥାଏ । ତନ୍ମଧ୍ୟରୁ ପତ୍ରଖିଆ ପୋକ, ଜଉପୋକ ଫସଲକୁ ଅଧିକ ପ୍ରଭାବିତ କରିଥାନ୍ତି । ପତ୍ରରୁ ରସ ଶୋଷି ନେଇଥାନ୍ତି । ଆଖୁ ପତ୍ରଗୁଡ଼ିକ ଧୀରେ ଧୀରେ କଳା ରଙ୍ଗ ହୋଇଯାଇଥାଏ । ଏହା ଗଛ ବୃଦ୍ଧିରେ ସମସ୍ୟା ସୃଷ୍ଟି କରିଥାଏ । ତେଣୁ କୃଷି ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ପତ୍ରରୁ ରସ ଶୋଷିନେଉଥିବା ଶୋଷକ କୀଟର ନିୟନ୍ତ୍ରଣ ପାଇଁ ୫ ଲିଟର କ୍ଲୋରୋପାଇରିଫସ୍ ୨୦% ଇସି ଘୋଳ କରି ଏକ ହେକ୍ଟରରେ ସିଞ୍ଚନ କରିପାରିବେ । ବର୍ଷା ବଦଳରେ ଲଗାତାର ଖରାଟିଆ ପାଗ ରହିଲେ ଆଖୁ ଫସଲରେ ଦହିଆ ପୋକ ଲାଗିବାର ଆଶଙ୍କା ଅଧିକ ଦେଖାଯାଏ । ଏହି ପୋକ ଲାଗିଲେ ଗଛରେ ମେଞ୍ଚା ମେଞ୍ଚା ଦହି ଛିଞ୍ଚିହେବା ପରି ଲାଗିଥାଏ । ତେଣୁ ଏହାର ନିୟନ୍ତ୍ରଣ ପାଇଁ ଅନୁମୋଦିତ ହାରରେ ଇମିଡାକ୍ଲୋପ୍ରିଡ କୀଟନାଶକ ସିଞ୍ଚନ କରିବା ଆବଶ୍ୟକ । ଯଦି ଚାହିଁବେ ଫସଲରେ ଜୈବିକ ଖତ ତଥା କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରିପାରିବେ । ବର୍ଷା ସମୟରେ କୀଟନାଶକ ପ୍ରୟୋଗ କରିବା ଅନୁଚିତ । ଔଷଧ ସିଞ୍ଚନ ପରେ ଯଦି ବର୍ଷା ହୋଇଯାଏ କିମ୍ବା ପୋକ ଫସଲରେ ପୁଣି ଦୃଶ୍ୟମାନ ହୁଅନ୍ତି, ୨୦ରୁ ୨୫ ଦିନ ଅନ୍ତରରେ ଉପରୋକ୍ତ କୌଣସି ଏକ କୀଟନାଶକ ସିଞ୍ଚନ କରିପାରିବେ ।



# ଚାକିରି ଛାଡ଼ି ପାଣିରେ ଚାଷ

**ଅଧୁନା ଲୋକମାନେ ଆଧୁନିକ କୌଶଳରେ ଚାଷ କରୁଛନ୍ତି । ଏଥିରେ ହାଇଡ୍ରୋପୋନିକ ଚାଷ ଅନ୍ତର୍ଭୁକ୍ତ । ଏହି କୌଶଳରେ ଚାଷୀମାନେ ଭଲ ଟଙ୍କା ରୋଜଗାର କରୁଛନ୍ତି । ତେଣୁ ଚାଷର ଚାହିଦା ଦେଖି ବିହାର, କଙ୍କଡବାଗ ଅଞ୍ଚଳର ମହମ୍ମଦ ଜାଭେଦ ସରକାରି ଚାକିରି ଛାଡି ହାଇଡ୍ରୋପୋନିକ କୌଶଳରେ ନର୍ସରୀ ଚଳାଉଛନ୍ତି । ଏହାସହିତ ବିଦ୍ୟାର୍ଥୀଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି ।**

୧୯୯୩ ମସିହାରେ ପାଟଣା କୃଷି ବିଜ୍ଞାନ କେନ୍ଦ୍ରରେ ସେ କାର୍ଯ୍ୟରତ ଥିଲେ । ପରବର୍ତ୍ତୀ ସମୟରେ ହାଇଡ୍ରୋପୋନିକ କୌଶଳ ସହିତ ଜଡିତ ଜ୍ଞାନ ତାଙ୍କୁ ପ୍ରଭାବିତ କରିଥିଲା । ତେଣୁ ସେ ବିନା ମାଟିରେ ପନିପରିବା ସହିତ ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଇନଡୋର ଏବଂ ଆଉଟଡୋର ଗଛକୁ ପାଣିରେ ଲଗାଇଲେ । ୨୦୨୦ ମସିହାରେ ସେ ଘରେ ହାଇଡ୍ରୋପୋନିକ କୌଶଳରେ ଇନଡୋର ଏବଂ ଆଉଟଡୋର ଗଛର ଏକ ଦୋକାନ ମଧ୍ୟ ଖୋଲିଥିଲେ । ଏଠାରେ ୧୦୦ଟଙ୍କାରୁ ନେଇ ୧୦୦୦ଟଙ୍କାର ଗଛ ଉପଲବ୍ଧ ଥିଲା । ଅବଶ୍ୟ ଏହି କାମ ପାଇଁ ସେ ଚାରିଜଣଙ୍କୁ ରୋଜଗାର ଦେଇଥିଲେ । ହାଇଡ୍ରୋପୋନିକ କୌଶଳରେ ବ୍ୟବସାୟ ସହିତ ଘର, ଛାତ, ବାଲ୍‌କୋନି ସବୁଠି ଫଳ ପନିପରିବା ଫଳାଇଛନ୍ତି । ସମନ୍ୱିତ କୃଷି ପ୍ରଣାଳୀରେ ସେ ଘର ଛାତରେ କୁକୁଡ଼ା, ସ୍ୱତନ୍ତ୍ର ପକ୍ଷୀ, ମାଛ ପାଳନ କରୁଛନ୍ତି । ବର୍ତ୍ତମାନ ତାଙ୍କ ପାଖେ ୩୦୦ରୁ ଅଧିକ ଗଛ ରହିଛି । ତନ୍ମଧ୍ୟରୁ ବାଇଗଣ, ଜହ୍ନି, ଟମାଟୋ, ଲଙ୍କା, ଲାଉ ସହିତ ଅନେକ ପନିପରିବା, ଫଳ, ଅଳଙ୍କାରିକ ଗଛ ଆଦି ସାମିଲ ରହିଛି । ସବୁଠୁ ବଡ଼ କଥା ହେଉଛି, ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀରେ ସେ ଭୂଜଳସ୍ତର ସମନ୍ୱୟ ରଖିବାରେ ଯୋଗଦାନ ଦେଉଛନ୍ତି ।

ବିଦ୍ୟାର୍ଥୀଙ୍କୁ ସେ ଏ ସମ୍ବନ୍ଧୀୟ ଶିକ୍ଷା ମଧ୍ୟ ଦେଉଛନ୍ତି । ତାଙ୍କ କହିବାନୁସାରେ, ହାଇଡ୍ରୋପୋନିକ କୌଶଳରେ ଗଛର ମୂଳର ସଂରଚନା ସ୍ପଷ୍ଟ ରୂପେ ଦେଖାଯାଇଥାଏ । ଯାହାକି ମାଟିରେ ସମ୍ଭବ ହୁଏ ନାହିଁ । କେବଳ ପାଣି ବ୍ୟବହାର କରି ଏହି ଚାଷ କରିବା ସମ୍ଭବ । ଏନେଇ ସେ ହାଇଡ୍ରୋପୋନିକ୍ ଚାଷ ଉପରେ ୧୧ଟି ବହି ଲେଖିଛନ୍ତି । ଏଥିରେ ବିଭିନ୍ନ ପଦ୍ଧତିରେ ଗଛର ଦେଖାରଖା, ସହରରେ ଚାଷ ପଦ୍ଧତି ବିଷୟରେ ବିସ୍ତୃତ ଭାବେ ଲେଖିଛନ୍ତି । ଭବିଷ୍ୟତରେ ହାଇଡ୍ରୋପୋନିକ ଚାଷର ଆଦର ବଢ଼ିବ । ଏଥିରେ କମ୍ ପାଣି ଏବଂ ଅଳ୍ପ ସମୟ ଲାଗିଥାଏ । ଏଥିରେ ମାଟିର ଆବଶ୍ୟକତା ନ ଥିବାରୁ ଘରେ ଜଳବାୟୁ ନିୟନ୍ତ୍ରଣ କରି ଚାଷ କରାଯାଏ । କେବଳ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଗଛରେ ତରଳ ସାର ପ୍ରୟୋଗ କରାଯାଏ । ବର୍ତ୍ତମାନ ସେ ପାଣି ସାହାଯ୍ୟରେ ହାଇଡ୍ରୋପୋନିକ ପଦ୍ଧତିରେ ଗହମ ଉତ୍ପାଦନ କରୁଛନ୍ତି । ଏଥିରେ ଯଦି ସଫଳ ହୁଅନ୍ତି ଭବିଷ୍ୟତରେ ଏହା କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ।




# କୃଷି ପାଣିପାଗ

**ଏ ସପ୍ତାହ ପାଇଁ କେତେକ ପରାମର୍ଶ...**

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ ।
- ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଉଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ଏବେ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇପାରିବ ।



# ଏସିଆ କପ୍ ଲାଗି ଭାରତୀୟ ଦଳ ଚୟନ ଆଜି



ମୁମ୍ବାଇ, ୧୮।୮ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ହିରୋର ପ୍ରଦର୍ଶନ। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ୭୫୦ ରନ୍ ସଂଗ୍ରହ ଓ ଗତ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର ନେତୃତ୍ୱ ନେଇ ୬୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିବା ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଏସିଆ କପ୍ ଲାଗି ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୟୁଏଇରେ ସେପ୍ଟେମ୍ବର ୯ରୁ ୨୮ ତାରିଖଯାଏ ଖେଳାଯିବ ଏସିଆ କପ୍। ଏହି ଟୁର୍ଣ୍ଣାମେଣ୍ଟ ଟି-୨୦ ଫର୍ମାଟରେ ଖେଳାଯାଉଥିବାରୁ ଗତ ୩ଟି ସିରିଜ୍‌ରେ ଚମତ୍କାର ପ୍ରଦର୍ଶନ ପ୍ରଦର୍ଶନ କରିଥିବା ଫାଷ୍ଟ ବୋଲର ମହମ୍ମଦ୍ ସିରାଜଙ୍କୁ ଏସିଆ କପ୍ ଟିମ୍‌ରେ ସ୍ଥାନ ମିଳି ନ ପାରେ। ଏହା ମଧ୍ୟରେ ଫିଟ୍‌ନେସ୍ ଟେଷ୍ଟରେ ପାସ୍ ହୋଇ ସୂର୍ଯ୍ୟକୁମାର ଯାଦବ ମୁମ୍ବାଇରେ ପହଞ୍ଚିଛନ୍ତି। ସେ ଆସନ୍ତାକାଲି ହେବାକୁ ଥିବା ବୈଠକରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ଏହାର ଅର୍ଥ ସ୍ପଷ୍ଟ ଯେ ସୂର୍ଯ୍ୟକୁମାର ଯାଦବ ପୂର୍ବପରି ଦଳର ଅଧିନାୟକ ରହିବେ। ସେ ଚାହୁଁଥିବା ଖେଳାଳିଙ୍କୁ ନିଶ୍ଚିତ ଦଳରେ ସୁଯୋଗ ମିଳିବ ବୋଲି ଆଶା କରିବା ସ୍ୱାଭାବିକ୍।

ଚୟନ କମିଟିର ସବୁଠାରୁ ବଡ଼ ଚିନ୍ତା ଶୁବମନ ଗିଲ୍‌ଙ୍କୁ ନେଇ। ଏବେ ଦଳରେ ସଞ୍ଜୁ

- ସେପ୍ଟେମ୍ବର ୯ ରୁ ଆରମ୍ଭ ଏସିଆ କପ୍
- ୧୪ରେ ଭାରତ-ପାକିସ୍ତାନ ମୁକାବିଲା
- ସାମିଲ ହୋଇ ନ ପାରନ୍ତି କିଛି ପ୍ରମୁଖ ଖେଳାଳି

କରିଥିବା ଖେଳାଳିମାନଙ୍କୁ ଅଣଦେଖା କରାଯାଇ ପାରିବ ନାହିଁ। ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା ଓ ବାଂଲାଦେଶ ବିପକ୍ଷରେ ଯେଉଁ ଖେଳାଳିମାନେ ମ୍ୟାଚ୍ ଜିତାଇଛନ୍ତି, ସେମାନଙ୍କୁ ବାଦ୍ ଦେବାକୁ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ବିସିସିଆଇ ସିନିୟର ସିଲେକ୍ସନ କମିଟି ଆଦୌ ଚାହୁଁ ନାହିଁ। ଚୟନ କମିଟି ଯଦି ତାହାର ଚିନ୍ତାଧାରାରେ ତିଷ୍ଠି ରୁହେ, ତେବେ ଫର୍ମରେ ଥିବା ଦୁଇ ଖେଳାଳି ଶୁବମନ ଗିଲ୍ ଓ ଇଂଲଣ୍ଡରେ ଧମାକାଦାର ଖେଳ ସାମସନ ଓ ଅଭିଷେକ ଶର୍ମା ଓପନର ଭାବେ ଖେଳୁଛନ୍ତି। ଇଂଲଣ୍ଡ ବିପକ୍ଷରେ ୫୪ ବଲ୍‌ରୁ ୧୩୫ ରନ୍ ସଂଗ୍ରହ କରିବା ପରେ ଅଭିଷେକ ବିଶ୍ୱର ନଂ-୧ କିମ୍ବା ୨ ନମ୍ବର ବ୍ୟାଟର ଭାବେ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଆସିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଟି ଓ ବାଂଲାଦେଶ ବିପକ୍ଷରେ ଗୋଟିଏ ଶତକ ହାସଲ କରିବା ପରେ ତିଳକ ବର୍ମାଙ୍କୁ ନଂ-୩ରୁ ହଟାଇବାକୁ ଚୟନ କମିଟି ସାହସ କରିବ ନାହିଁ। ଏପରି ସ୍ଥଳେ ସାମସନ, ଶର୍ମା ଓ ବର୍ମାଙ୍କ ସ୍ଥାନ ପ୍ରଥମ ୩ଟି ପୋଜିସନରେ ସୁରକ୍ଷିତ। ଏଣୁ ଦ୍ୱିତୀୟ ଓପନର ଭାବେ ଗିଲ୍‌ଙ୍କ ପରି ବ୍ୟାଟରଙ୍କୁ ଦଳରେ ସାମିଲ କରି ନ ଖେଳାଇବା ଟିମ୍ ଉପରେ ଖରାପ ପ୍ରଭାବ ପକାଇବ। ଗିଲ୍ ଏବେ କ୍ୱାଲିଟୀ ଓ ସଫଳତା ଦୃଷ୍ଟିରୁ ବିରାଟ କୋହଲିଙ୍କ ସହ ସମକକ୍ଷ ହେଉଛନ୍ତି। ଏଣୁ ଗୌତମ ଗମ୍ଭୀରଙ୍କ ସୁପାରିସ୍ ବିନା ଗିଲ୍ ଯେ ଦଳରେ ସ୍ଥାନ ପାଇବେ ନାହିଁ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ନିଆଗଲେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଗତ ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ ହୋଇଥିଲାବେଳେ ଗିଲ୍‌ଙ୍କୁ ଦଳରେ ଷ୍ଟାଣ୍ଡବାଇ ଖେଳାଳିଭାବେ ନିଆଯାଇଥିଲା। ଏହା ପରେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ଅଧିନାୟକ ଓ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଉପଅଧିନାୟକ ଦାୟିତ୍ୱ ଦିଆଯାଇଥିଲା। ଏଭଳି ସ୍ଥିତିରେ ତାଙ୍କୁ ଦଳରେ ସାମିଲ କରାଗଲେ କେଉଁ ପୋଜିସନରେ ଖେଳାଇବେ ତାହାକୁ ନେଇ ଚିନ୍ତା। ଏବେ ନଂ-୪ରେ ସୂର୍ଯ୍ୟକୁମାର ଯାଦବ, ଆବଶ୍ୟକ ହେଲେ ଶ୍ରେୟସ ଆୟର, ହାର୍ଦ୍ଦିକ ପାଣ୍ଡ୍ୟା ଓ ରିଙ୍କୁ ସିଂ ଏମାନଙ୍କ ପଛରେ ବ୍ୟାଟିଂ କରିବାକୁ ଆସିବେ। ଗିଲ୍‌ଙ୍କ ଭଳି ଆୟର ମଧ୍ୟ ଦଳରେ ସ୍ଥାନ ପାଇବାର ଆଶା କମ୍। ଏଣୁ ଦୁଇ ସଫଳ ଖେଳାଳିଙ୍କୁ କିପରି ବାଦ୍ ଦିଆଯିବ, ଏହାର ପ୍ରଭାବ ଦଳ ଓ ଖେଳାଳିଙ୍କ ଉପରେ କିପରି ପଡ଼ିବ ତାହାକୁ ନେଇ ଏବେ ଚୟନ କମିଟି ଚିନ୍ତାରେ ରହିଛି।

ୱିକେଟକିପର ଭାବେ ସଞ୍ଜୁ ସାମସନ ରହିଥିଲାବେଳେ ଦ୍ୱିତୀୟ କିପର ଭାବେ ଜିତେଶ ଶର୍ମା ସ୍ଥାନ ପାଇବେ। ସ୍ପିନର ଭାବେ ଅକ୍ଷର ପଟେଲ ବରୁଣ ଚକ୍ରବର୍ତ୍ତୀ, ୱାଶିଂଟନ ସୁନ୍ଦରଙ୍କ ସ୍ଥାନ ଏକପ୍ରକାର ନିଶ୍ଚିତ। କିନ୍ତୁ କୁଲଦୀପ ଯାଦବଙ୍କୁ ଯଦି ଦଳରେ ନେବାକୁ ସ୍ଥିର କରାଯାଏ ତେବେ ଏମାନଙ୍କ ସ୍ଥାନରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ଏପରିକି ରବି ବିଷ୍ଣୋଇଙ୍କୁ ମଧ୍ୟ ସ୍ଥାନ ମିଳିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେହିପରି ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯଶପ୍ରୀତ୍ ବୁମ୍‌ରା ଫିଟ ଥିବାରୁ ସେ ନଂ-୧ ପେସ୍ ବୋଲର ଭାବେ ରହିବେ।

ନିକଟରେ ଶେଷ ହୋଇଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ସର୍ବାଧିକ ୧୪ଟି ୱିକେଟ ନେବା ଓ ଉତ୍ସାହଜନକ ଖେଳି ଭାରତକୁ ସିରିଜ୍ ବରାବର କରାଇଥିବା ମହମ୍ମଦ୍ ସିରାଜଙ୍କୁ ଏହି ଟିମ୍‌ରେ ସ୍ଥାନ ହାସଲ କରିବାକୁ ସଂଘର୍ଷ କରିପାରନ୍ତି। ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା ଓ ହର୍ଷିତ ରାଣାଙ୍କ ଯୋଡିକୁ ଅଲଗା କରାଯିବ ନାହିଁ। ପାଣ୍ଡ୍ୟା ମଧ୍ୟ ପେସ୍ ବୋଲିଂ କରିବେ। ଶିବମ ଦୁବେଙ୍କ ନା ମଧ୍ୟ ଚର୍ଚ୍ଚାରେ ରହିଛି। ଭାରତ ୪ଜଣ ଅଲରାଉଣ୍ଡରଙ୍କୁ ସାମିଲ କଲେ ପାଣ୍ଡ୍ୟା, ଦୁବେ, ସୁନ୍ଦର ଓ ଉପଅଧିନାୟକ ପଟେଲଙ୍କୁ ଦଳରେ ସ୍ଥାନ ମିଳିବ। ଏଠାରେ ସୂଚନାଯୋଗ୍ୟ ଏସିଆ କପ୍ ଲାଗି ୧୫ଜଣ ଖେଳାଳିଙ୍କୁ ସାମିଲ କରାଯିବ। ଏଣୁ ଚୟନ କମିଟି କିଛି କଡ଼ା ନିଷ୍ପତ୍ତି ନେବା ନିଶ୍ଚିତ। କାରଣ ଭଲ ଖେଳୁଥିଲେ ମଧ୍ୟ ସମସ୍ତଙ୍କୁ ୧୫ଜଣଙ୍କ ମଧ୍ୟରେ ସାମିଲ କରିବା କଷ୍ଟକର। ଆସନ୍ତାକାଲି ବା ମଙ୍ଗଳବାର ହେବାକୁ ଥିବା ବୈଠକରେ ଏହା ଚୂଡ଼ାନ୍ତ ହେବ।

## ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ରଞ୍ଜନ, ଶୁଭ୍ରଜିତ୍‌ଙ୍କ ଚମକ

ଭୁବନେଶ୍ୱର, ୧୮।୮ (ସମିସ): ପେରୁରେ ଅନୁଷ୍ଠିତ ପେରୁ ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲ ଲେଭଲ-୨ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଦୀପ୍‌ରଞ୍ଜନ ବିଶୋୟୀ ଓ ଶୁଭ୍ରଜିତ ମହାରଣା ପଦକ ସଫଳତା ପାଇଛନ୍ତି। ପୁରୁଷ ଡବଲ୍ସ ଏସ୍‌ଏଲସ୍ ୩- ଏସ୍‌ୟୁ ୪ କାଟାଗୋରୀରେ



ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ମନୋଜ ସରକାରଙ୍କୁ ସାଥୀ କରି କୋର୍ଟକୁ ଅବତୀର୍ଣ୍ଣ ହୋଇଥିଲେ। ସେହିଭଳି ଏହି କାଟାଗୋରୀରେ ଓଡ଼ିଶାର ଶୁଭ୍ରଜିତ ଓ ତାଙ୍କ ପାର୍ଟନର ମହମ୍ମଦ ଅରୱାଜ ଅନସାରୀ ଯୋଡ଼ି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଛନ୍ତି। ଫଳରେ ଓଡ଼ିଶା ଖେଳାଳିମାନେ ମୋଟ୍ ଉପରେ ୩ଟି ପଦକ ବିଜୟୀ ହୋଇଛନ୍ତି। ଏହି ସଫଳତା ଲାଗି ଦୀପ୍‌ରଞ୍ଜନ ଓ ଶୁଭ୍ରଜିତ୍‌ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

- ଜାତୀୟ ଜୁନିଅର ହକି ଚାମ୍ପିଅନସିପ୍

## ଅପରାଜେୟ ସହ କ୍ୱାର୍ଟରରେ ଓଡ଼ିଶା



ଭୁବନେଶ୍ୱର, ୧୮।୮ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ପଞ୍ଜାବରେ ଚାଲିଥିବା ଜାତୀୟ ଜୁନିଅର ପୁରୁଷ ହକି ଚାମ୍ପିଅନସିପ୍‌ରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଓଡ଼ିଶା ଖେଳିଥିବା ଏହାର ୨ୟ ପୁଲ୍ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ଏକପାଖିଆ ଭାବେ ୧୦-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଓଡ଼ିଶା ପକ୍ଷରୁ ପ୍ରଦୀପ ମଣ୍ଡଳ, କରଣ ଲାକ୍ରା, ଦୀପକ ପ୍ରଧାନ ଓ ବିଲକାନ ଓରାମ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୨-୧ ଗୋଲରେ କର୍ଣ୍ଣାଟକକୁ ମାତ୍ ଦେଇଥିଲା। ଫଳରେ ଦୁଇଟି ମ୍ୟାଚରୁ ୨ ବିଜୟ ସହ ୬ ପଏଣ୍ଟ ପାଇ ଓଡ଼ିଶା ପୁଲ୍-ଡି'ରେ ଅପରାଜେୟ ରହି କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛି। ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଓଡ଼ିଶାର ମୁକାବିଲା ମଣିପୁର ସହ ହେବ।

- ରାଜ୍ୟ ଜୁନିଅର ଓ ସବଜୁନିଅର ପେଙ୍କାକ ସିଲାଟ

## ଝାରସୁଗୁଡ଼ା ଚାମ୍ପିଅନ



ଭୁବନେଶ୍ୱର, ୧୮।୮ (ସମିସ): ଝାରସୁଗୁଡ଼ାର ପୌର ପରିଷଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଅଡିଟୋରିୟମରେ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଙ୍କାକ ସିଲାଟ ଚାମ୍ପିଅନସିପର ୮ମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପେଙ୍କାକ ସିଲାଟ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ସୁନ୍ଦରଗଡ଼ ୨ୟ ଓ ଖୋର୍ଦ୍ଧା ୩ୟ ସ୍ଥାନ ହାସଲ କରିଛି। ଦୁଇଦିନିଆ ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଉତ୍ସବରେ ପ୍ରସାଦ ତାମଙ୍ଗ, ବିଜୟ ବେହେରା, ବିଜୟ ଦାସ, କ୍ୟାପଟେନ ମାନସ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟ ସଂଘର ସଭାପତି ତାପସ କୁମାର ରାୟଚୌଧୁରୀ, ସମ୍ପାଦକ ପ୍ରେମ ସିଂ ଥାପ୍ପା, କୋଷାଧ୍ୟକ୍ଷ ଭବାନୀ ସାହୁ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଭାରତୀୟ ମହାସଂଘର ଆଇଟି ଡାଇରେକ୍ଟର ଆଦିଲ ମଞ୍ଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ସାଫ୍ ଚାମ୍ପିଅନସିପ୍: ଭାରତୀୟ ଦଳରେ ରୀତୁ



କଟକ, ୧୮।୮ (ସମିସ): ଭୁଟାନରେ ଖେଳାଯିବାକୁ ଥିବା ଆଗାମୀ ସାଫ୍ ଚାମ୍ପିଅନସିପ୍ ଲାଗି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ୍ ଦଳ ଘୋଷଣା କରାଯାଇଛି। ସର୍ବଭାରତୀୟ ଫୁଟବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଘୋଷିତ ୨୩ ଜଣିଆ ଦଳରେ ଓଡ଼ିଶାର ରୀତୁ ବଡ଼ାଇକ ସ୍ଥାନ ପାଇଛନ୍ତି। ଅଗଷ୍ଟ ୨୦ରେ ନେପାଳ ବିପକ୍ଷରେ ଖେଳି ଭାରତ ସାଫ୍ ଚାମ୍ପିଅନସିପରେ ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୨୨ରେ ବାଂଲାଦେଶ, ୨୪ରେ ଭୁଟାନ, ୨୭ରେ ଭୁଟାନ, ୨୯ରେ ନେପାଳ ଓ ୩୧ରେ ବାଂଲାଦେଶ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅଂଶଗ୍ରହଣକାରୀ ପ୍ରତି ଦଳ ପରସ୍ପର ବିପକ୍ଷରେ ୨ଥର ଲେଖାଏ ଖେଳିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ରୀତୁଙ୍କୁ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।

## ଅଶୋକ ପଟ୍ଟନାୟକ ସ୍ମାରକୀ ବନ୍ଧୁକଚାଳନା ଓ ବାହୁକୁସ୍ତି

ଭୁବନେଶ୍ୱର, ୧୮।୮ (ସମିସ): ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା) ଓ ଉତ୍କଳ କରାଟେ ସ୍କୁଲର ମିଳିତ ଆନୁକୂଲ୍ୟରେ ସୋମବାର ଡ. ଅଶୋକ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ଉତ୍କଳ କରାଟେ





ସ୍କୁଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓସ୍‌ଜାର ବରିଷ୍ଠ ଉପସଭାପତି ସମୀକ୍ଷା ପଟ୍ଟନାୟକ ଶ୍ରଦ୍ଧାସୁମନ ଜଣାଇଥିଲେ। ସେହିଭଳି ଯୁଗ୍ମ ସମ୍ପାଦକ ସଞ୍ଜୀବ ବିଶ୍ୱାଳ କ୍ରୀଡ଼ା ସାମ୍ବାଦିକ ଅଶୋକ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଓସ୍‌ଜାର କର୍ମକର୍ତ୍ତାଙ୍କ ମଧ୍ୟରେ ସୌଖିନ ବନ୍ଧୁକ ଚାଳନା ଓ ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ବାହୁ କୁସ୍ତି ୨ଟି ଓଜନ ବର୍ଗରେ ହୋଇଥିଲା। ୭୫ କିଗ୍ରାରୁ କମ୍ ବର୍ଗରେ ତୁଷାର ସେନାପତି, ଶକ୍ତିପ୍ରସାଦ ନନ୍ଦ ଓ ରଞ୍ଜନ ରାୟ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ୭୫ କିଗ୍ରାରୁ ଊର୍ଦ୍ଧ୍ୱ ବିଭାଗରେ ସନ୍ଦୀପ ମିଶ୍ର, ଅନାଦି କର ଓ ସଞ୍ଜୀବ ବିଶ୍ୱାଳ କ୍ରମାନ୍ୱୟରେ ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ଅପରପକ୍ଷରେ ସୁଟିଂ ଇଭେଣ୍ଟ ୩ଟି ବୟସ କାଟାଗୋରୀକୁ ନେଇ ଆୟୋଜିତ ହୋଇଥିଲା। ୪୫ ବର୍ଷରୁ କମ୍ ବର୍ଗରେ ଦେବୀ ପାଣିଗ୍ରାହୀ ସ୍ୱର୍ଣ୍ଣ, ଚକ୍ରଧର ମାଝୀ ରୌପ୍ୟ ଓ ତୁଷାର ସେନାପତି କାଂସ୍ୟ ପଦକ ପାଇଥିଲେ। ୪୫ରୁ ୫୫ ବର୍ଷ ବର୍ଗରେ ସର୍ବେଶ୍ୱର ମହାନ୍ତି, ତପନ ସ୍ୱାଇଁ ଓ ରଞ୍ଜନ ରାୟ ଏବଂ ୫୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ସୁଜିତ ଦାସ, ସୁରେଶ ସ୍ୱାଇଁ ଓ ରଜନୀକାନ୍ତ ଶତ୍ରୁସଲ୍ୟ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହିଥିଲେ। ଉଭୟ ପ୍ରତିଯୋଗିତାର ମହିଳାବର୍ଗରେ ମନ୍ଦାକିନୀ ମିଶ୍ର ଶ୍ରେଷ୍ଠ ହୋଇଥିଲେ। ଓସ୍‌ଜାର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବେଣୁଧର ଦାସ, ବିମଳ ରାଉଳ, ମନୋରଞ୍ଜନ ଦାସ, ଅନିରୁଦ୍ଧ ମିଶ୍ର, ପ୍ରଫୁଲ୍ଲ କିଶୋର ସାହୁ, ସନ୍ତୋଷ କୁମାର ମହାନ୍ତି, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୀୟୂଷ ମହାନ୍ତି, ବଳଭଦ୍ର ଦାସ, ସାଗର ନାୟକ, କୁନୁ ମୁଖୀ, ହିମାଂଶୁ ଶେଖର ଦାସ, ସତ୍ୟଜିତ ପ୍ରଧାନ, ରାକେଶ ମହାନ୍ତି, ଶ୍ରୀଜିତା ବରାଳ, ଭବିଷ୍ୟା ପତି, ଅନୁପମା ସ୍ୱାଇଁ, ସନ୍ଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପଣ୍ଡା ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୮।୮ (ସମିସ): ଓଡ଼ିଶାରୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ଦୁଇ ଭଉଣୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ଲୋକସେବା ଭବନ ପରିସରରେ ପଣ୍ଡା ଭଉଣୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଆଶୀର୍ବାଦ ଲୋଡିଥିଲେ। ଅଗଷ୍ଟ ୨୫ରୁ ୩୧ ତାରିଖଯାଏ ପ୍ୟାରିସ୍‌ରେ ୱାର୍ଲ୍ଡ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉଭୟଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କର ସଫଳତା କାମନା କରିଥିଲେ। ସୂଚନାଯୋଗ୍ୟ ନବୀନ ପଟ୍ଟନାୟକଙ୍କ ସରକାରଙ୍କ ଅମଳରେ ଅନ୍ତର୍ଜାତୀୟ କ୍ରୀଡ଼ାରେ ଭାଗନେଉଥିବା ଓଡ଼ିଶାର ସମସ୍ତ ପ୍ରତିଯୋଗୀଙ୍କୁ ସରକାର ସମସ୍ତପ୍ରକାର ସହାୟତା ଯୋଗାଇଦେଇ ଆସୁଛନ୍ତି।

ବୁଚି ବାବୁ କ୍ରିକେଟ୍

## ଓଡ଼ିଶା ବିପକ୍ଷରେ ନିତ୍ୟଙ୍କ ଶତକ

କଟକ,୧୮।୮ (ସମିସ): ବେଙ୍ଗାଲୁରୁରେ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ସିପିଟି ଟର୍ଫ ଗ୍ରାଉଣ୍ଡରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମୁକାବିଲାରେ ଭ୍ରମଣକାରୀ ଓଡ଼ିଶା ଦଳ ବରୋଦାକୁ ଭେଟିଛି। ଟସ୍ ଜିତି ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୬ ୱିକେଟ ହରାଇ ଦଳ ୩୮୧ ରନ ସଂଗ୍ରହ କରିଛି। ତେବେ ନିୟମ ମୁତାବକ ପ୍ରତ୍ୟେକ ଦଳ ପ୍ରଥମ ଇନିଂସ୍‌ରେ ସର୍ବାଧିକ ୯୦ ଓଭର ଓ ଦ୍ୱିତୀୟ ଇନିଂସ୍‌ରେ ସର୍ବାଧିକ ୪୫ ଓଭର ଖେଳି ପାରିବେ। ଏଣୁ ତ୍ରିଦିବସୀୟ ଏହି ମ୍ୟାଚ୍‌ରେ ମଙ୍ଗଳବାର ସକାଳୁ ସ୍ୱସ୍ତିକ ସାମଲଙ୍କ ନେତୃତ୍ୱାଧୀନ ଓଡ଼ିଶା ବ୍ୟାଟିଂ ଆରମ୍ଭ କରିବ।

ବରୋଦା ଅଧିନାୟକ ଅଭିମନ୍ୟୁ ସିଂହ ରାଜପୁତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ଭାଗୀଦାରିରେ ଦଳ ୭୩ ରନ ସଂଗ୍ରହ କରିଥିଲା। ଓପନର ହର୍ଷ ଦେଶାଇଙ୍କୁ ଏଲବିଡବ୍ଲ୍ୟୁ କରି ଓଡ଼ିଶାକୁ ପ୍ରଥମ ବ୍ରେକ ଥ୍ରୁ ଦେଇଥିଲେ ବାମହାତୀ ସ୍ପିନର ସୁମିତ ଶର୍ମା। ଦ୍ୱିତୀୟ ୱିକେଟରେ ଓପନର ନିତ୍ୟ ପାଣ୍ଡ୍ୟା ଏବଂ ସୁକୀର୍ତ୍ତ ପାଣ୍ଡେଙ୍କ ୧୧୪ ରନର ଭାଗୀଦାରୀ ବରୋଦାକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲା। ନିତ୍ୟ ୧୭୫ ବଲରୁ ୧୦୨ ରନ ସଂଗ୍ରହ କରି ତରଣୀ ସାଙ୍କ ବଲରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ସୁକୀର୍ତ୍ତ ୮୫ ରନର ପାଳି ଖେଳିଥିଲେ। ମଧ୍ୟକ୍ରମରେ ପାର୍ଥ କୋହଲି ୪୮, ମୋହିତ ମୋଙ୍ଗିଆ ୨୨, ଅଧିନାୟକ ଅଭିମନ୍ୟୁ ଦ୍ରୁତ ୫୧ ରନ ସଂଗ୍ରହ କରିଥିଲେ। ଷ୍ଟମ୍ପ ଅପସାରଣବେଳକୁ ୱିକେଟକିପର ଅକ୍ଷୟ ମୋରେ ୨୦ ଏବଂ ପ୍ରଦୀପ ଯାଦବ ୧୪ ରନରେ ଅପରାଜିତ ଥିଲେ। ଓଡ଼ିଶା ନିମନ୍ତେ ସୁନୀଲ କୁମାର ରାଉଳ ୨ଟି ଏବଂ ତରଣୀ ସ, ସମ୍ବିତ ବରାଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

### ଦୁଲୀପ ଟ୍ରଫି: ଇଶାନଙ୍କ ସ୍ଥାନରେ ଅଭିମନ୍ୟୁ ପୂର୍ବାଞ୍ଚଳ ଅଧିନାୟକ

କୋଲକାତା,୧୮।୮ (ଏଜେନ୍ସି): ଆହତ ସମସ୍ୟାରୁ ମୁକୁଳି ପାରି ନ ଥିବାରୁ ଇଶାନ କିସାନ ଅଗଷ୍ଟ ୨୮ ରୁ ଉତ୍ତରାଞ୍ଚଳ ସହ ଖେଳାଯିବାକୁ ଥିବା ଦୁଲୀପ ଟ୍ରଫିର ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ। କିସାନ ଏବେ ସୁଦ୍ଧା ପୂରା ଫିଟ୍ ହୋଇନାହାନ୍ତି। ଏଣୁ ଏନ୍‌ସିଏରୁ ଫିଟ୍‌ନେସ ସାର୍ଟିଫିକେଟ ପାଇବା ପରେ ତାଙ୍କୁ ଦଳରେ ସାମିଲ କରାଯିବ। ସେହିପରି ଆକାଶ ଦୀପ୍‌ଙ୍କୁ ବିଶ୍ରାମ ନେବାକୁ କୁହାଯାଇଛି। ଯାହା ଫଳରେ ତାଙ୍କୁ ମଧ୍ୟ ଦଳରୁ ବାଦ୍ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ୪ଟି ମ୍ୟାଚ୍ ଖେଳିଥିଲେ। ଆଘାତ ଯୋଗୁଁ ସେ ଚତୁର୍ଥ ଟେଷ୍ଟରେ ଖେଳି ପାରି ନ ଥିଲେ। ଏହି ଦୁଇଟି ପରିବର୍ତ୍ତନ ଫଳରେ ବେଙ୍ଗଲର ଅଭିମନ୍ୟୁ ଇଶ୍ୱରନଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ସ୍ଥାନରେ ରିୟାନ ପରାଗଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଶାନଙ୍କ ସ୍ଥାନରେ ଓଡ଼ିଶାର ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ଆକାଶଦୀପଙ୍କ ସ୍ଥାନରେ ଆସାମର ପେସ୍ ବୋଲର ମୁକ୍ତାର ହୁସେନଙ୍କୁ ୧୫ଜଣିଆ ଦଳରେ ସାମିଲ କରାଯାଇଛି।

## ଦଳ କିଣିବ ମହାପାତ୍ର ୟୁନିଭର୍ସାଲ ଲିମିଟେଡ

କଟକ,୧୮।୮ (ସମିସ): ଆଗାମୀ ଦିନରେ ହେବାକୁ ଥିବା ଓଡିଶା ପ୍ରୋ ଟି-୨୦ ଲିଗ୍‌କୁ ପ୍ରଥମ ଫ୍ରାଞ୍ଚାଇଜ୍ ମିଳିଛି। ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ଫ୍ରାଞ୍ଚାଇଜ ଘୋଷିତ ହେବା ସହ ଏହା ଦଳ କିଣିବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ କରାଯାଇଥିଲା। ଏହି କ୍ରମରେ ସମସ୍ତ ମାନଦଣ୍ଡକୁ ପୂରଣ କରି ମହାପାତ୍ର ୟୁନିଭର୍ସାଲ ଲିମିଟେଡ୍ ପ୍ରଥମ ଫ୍ରାଞ୍ଚାଇଜ ହୋଇପାରିଛି। ପ୍ରକାଶଯୋଗ୍ୟ, ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS